Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 232
Friday, 30 October 2026
Balasore, Page : 8, ₹ 2/
ବାଲେଶ୍ୱର, ଶୁକ୍ରବାର, ୩୦ ଅକ୍ଟୋବର, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ

SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ବାତ୍ୟା ଅର୍ଣ୍ଣବର ବର୍ଷା ବିପ୍ଳାତ, ଗଂଜାମର ୨୨ ଗାଁ ଜଳବନ୍ଦୀ

ଭୁବନେଶ୍ୱର, ୨୯/୧୦ (ଆ.ପ୍ର) : ଚାଲିଗଲା ବାତ୍ୟା ଅର୍ଣ୍ଣବ, ଛାଡ଼ିଗଲା ବର୍ଷା ବିପ୍ଳାତ । ବର୍ତ୍ତମାନ ଅବିଶ୍ରାନ୍ତ ବର୍ଷା ପ୍ରଭାବରେ ଦକ୍ଷିଣ ଓଡ଼ିଶା ଉବୁଟୁବୁ ହେଉଛି । ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଠାରୁ ମିଳିଥିବା ସୂଚନାନୁସାରେ, ଗଞ୍ଜାମ ଓ ଗଜପତିରେ ୨୦୦ରୁ ୪୦୦ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ । ଉଭୟ ଜିଲ୍ଲାର ୧ ହଜାର ଗାଁ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ଜଳଘେରିରେ ରହିଛନ୍ତି । ଆଜି (ଗୁରୁବାର) ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରେ ସ୍ଥିତ ରାଜ୍ୟ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷଠାରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ,ଏସଆରସି , ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ, ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଏବଂ ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ରାଜ୍ୟରେ ବର୍ଷା ଜନିତ ବିପ୍ଳାତର ସ୍ଥିତିର ସମୀକ୍ଷା କରିଛନ୍ତି । ବୈଠକରୁ ମିଳିଥିବା

ସୂଚନାନୁସାର, ବାତ୍ୟା ଅର୍ଣ୍ଣବ୍ ପ୍ରଭାବରେ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଅତ୍ୟଧିକ ବର୍ଷା ହୋଇଛି । ଗଞ୍ଜାମ ଜିଲ୍ଲାର ପାତ୍ରପୁର ଠାରେ ୫୪୬ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ କନ୍ଧମାଳ ଜିଲ୍ଲାର ଜି ଉଦୟଗିରିଠାରେ ୪୬୨.୪ ମିମି ବର୍ଷା ରେକର୍ଡ଼ କରାଯାଇଛି । ସେହିପରି ଗଞ୍ଜାମ, ଗଜପତି, କନ୍ଧମାଳ ଆଦି ଜିଲ୍ଲାର ଅନେକ ଅଂଚଳରେ ୨୦୦ ମିମିରୁ ଅଧିକ ଅର୍ଥାତ୍ ଅତି ପ୍ରବଳ ବର୍ଷା ରେକର୍ଡ଼ ହୋଇଛି । ତୁଇ ଜିଲ୍ଲା ବ୍ୟତୀତ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡା, କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ ଜିଲ୍ଲାର ଅନେକ ଅଂଚଳ ଅଜବହୁତ ପ୍ଲାବିତ ହୋଇଛି । ଗଞ୍ଜାମ ଜିଲ୍ଲାରେ ୯୨୨ ଟି ସମ୍ବେଦନଶୀଳ ଗ୍ରାମ ଚିହ୍ନଟ (୨୨ଟି ବ୍ଲକରେ ୨୯୯ଟି ଗ୍ରାମ ପ୍ରଭାବିତ) ସହ ୪ଟି SRC ପାୱାର୍ ବୋଟ୍ ନିୟୋଜିତ ହୋଇଛି । ଉଦ୍ଧାରକାରୀ ବୋଟରେ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ୫୫୦ ଜଣ ଗର୍ଭବତୀ ମହିଳା ସ୍ଥାନାନ୍ତରିତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୨୯୩ଜଣ ସୁରକ୍ଷିତ ପ୍ରସବ କରିଛନ୍ତି । ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଗଞ୍ଜାମ ଜିଲ୍ଲାରେ ୪୫ଓଡ୍ରାଫ, ୭ଏନଡିଆରଏଫ, ୨୪ ଅଗ୍ନିଶମ ଦଳ ନିୟୋଜିତ ଥିବା ବେଳେ ୧୧୦ ସ୍ଥାୟୀ ଆଶ୍ରୟସ୍ଥଳୀ ସହ ଅନେକ ଅସ୍ଥାୟୀ ଆଶ୍ରୟସ୍ଥଳୀର ବ୍ୟବସ୍ଥା ସହିତ ପ୍ରାଥମିକ ପର୍ଯ୍ୟାୟରେ ଚୁଡ଼ା,ଗୁଡ଼ ଓ ପଲିଥିନ୍ ରୋଲ୍ ବ୍ୟବସ୍ଥା କରାଯାଇଛି । ଗଜପତି ଜିଲ୍ଲାର ୭ଟି ବ୍ଲକରେ ୧୧୯ଟି ଗ୍ରାମ ସମ୍ବେଦନଶୀଳ ଥିବା ବେଳେ (୭୧୧ଟି ଗ୍ରାମ ପ୍ରଭାବିତ) ଗୋଟା ବ୍ୟାରେଜ, ବଡ଼ନାଳ ଏବଂ ଡ୍ରେନେଜ୍ ନିରୀକ୍ଷଣ କରାଯାଉଛି ।ବଂଶଧାରାରେ ଜଳସ୍ତର ୫୨.୫ ମିଟର ; ଯାହା ବିପଦ ସଙ୍କେତ (୫୪.୧୦ ମିଟର) ଠାରୁ ବହୁତ କମ୍ ଅଛି । ୭ଟି ଉଦ୍ଧାରକାରୀ ବୋଟ୍ ନିୟୋଜିତ ଥିବା ବେଳେ ୪୨୦ ଜଣ ଗର୍ଭବତୀ ମହିଳା ସ୍ଥାନାନ୍ତରିତ ହୋଇଛନ୍ତି ଓ ସେମାନଙ୍କ ମଧ୍ୟରୁ ୩୩ଜଣସୁରକ୍ଷିତ ସନ୍ତାନ ଜନ୍ମ ଦେଇଛନ୍ତି ।

ବଲିଙ୍ଗିଆ ଘାଟିରେ ଭୂସ୍ଖଳନ

୧୨ ପରିବାରର ୨୭ ଜଣ ଉଦ୍ଧାର

ଜି.ଉଦୟଗିରି, ୨୯/ ୧୦ (ଆ.ପ୍ର) : କନ୍ଧମାଳ ଜିଲ୍ଲାରେ ଅର୍ଣ୍ଣବ ବାତ୍ୟାର ପ୍ରଭାବରେ ଲଗାତାର ୭୨ ଘଂଟାରୁ ଅଧିକ ସମୟ ଧରି ବର୍ଷା ହେବା ଫଳରେ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଛି । ଜି.ଉଦୟଗିରିରେ ଜିଲ୍ଲାର ସର୍ବାଧିକ ୪୬୨.୪୦ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି । ପ୍ରବଳ ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ପାହାଡ଼ ଧସିବା, ରାସ୍ତା ଓ ପୋଲ ଭାଙ୍ଗିବା, ଚାଷଜମି ଜଳମଗ୍ନ ହେବା ଏବଂ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଥିବା ଦେଖିବାକୁ ମିଳିଛି । କଳିଙ୍ଗା ଘାଟିରେ ଭୂସ୍ଖଳନ ନେଇ ଭୟ ଓ ଆଶଙ୍କା ରହିଥିବା ବେଳେ ସେଠାରେ କେବଳ ଗୋଟିଏ ସ୍ଥାନରେ ପଥର ଖସିଥିବା ଓ ମନ୍ଦିର ନିକଟରେ ସାମାନ୍ୟ ମାଟି ଧସି ଥିବା ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ ଜି.ଉଦୟଗିରି ବ୍ଲକର ବିଭିନ୍ନ ଅଂଚଳରେ ପ୍ରବଳ ବର୍ଷା ହୋଇଥିବା ବେଳେ କଟିଙ୍ଗିଆ ପଂଚାୟତ ଅନ୍ତର୍ଗତ ବଲିଙ୍ଗିଆ ଗ୍ରାମ ନିକଟସ୍ଥ ପାହାଡ଼ରେ ଭୟଙ୍କର ଭୂସ୍ଖଳନ ହୋଇଛି । ପାହାଡ଼ ଉପରୁ ବଡ଼ ବଡ଼ ପଥର, ମାଟି ଅତଡ଼ା ଖସି ରାସ୍ତା ସମ୍ପୂର୍ଣ୍ଣ ଧୋଇ ହୋଇ ଯାଇଛି ଫଳରେ ବଲିଙ୍ଗିଆ ଗ୍ରାମକୁ ଯାତାୟାତ ବିଚ୍ଛିନ୍ନ ହୋଇଯାଇଛି ।ଭୂସ୍ଖଳନର ପ୍ରଭାବ ପ୍ରାୟ ଏକ କିଲୋମିଟର ଅଂଚଳ ପର୍ଯ୍ୟନ୍ତ ମାଡ଼ିଯାଇଥିବା ବେଳେ ସେହି ସ୍ଥାନରେ ୨୦୦ ଫୁଟରୁ ଅଧିକ ଗଭୀର ଖାଲ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି ।ଘଟଣା ସମ୍ପର୍କରେ ଖବର ପାଇ ଜି.ଉଦୟଗିରିର ତହସିଲଦାର ସମୃଦ୍ଧ ମିଶ୍ର,ଭାରପ୍ରାପ୍ତ ବିଡିଓ ସତ୍ୟନାରାୟଣ ମିଶ୍ର, ଅତିରିକ୍ତ ତହସିଲଦାର ଦେବାଶିଷ ଜେନା, ଓ ଡାକ୍ତର ଦେବବ୍ରତ ବାରିକଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଂଚିଥିଲେ । ପରେ ଉପଜିଲ୍ଲାପାଳ କୁଶଳ ଚନ୍ଦ୍ର ନାଏକ ମଧ୍ୟ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ ।ବଲିଙ୍ଗିଆ ଗ୍ରାମବାସୀଙ୍କୁ ସୁରକ୍ଷିତ ଉଦ୍ଧାର କରିବା ପାଇଁ ଅଗ୍ନିଶମ ଅଧିକାରୀ ମହେଶ୍ୱର ପ୍ରଧାନ ଙ୍କ ନେତୃତ୍ୱ ରେ ଅଗ୍ନିଶମ ବାହିନୀ ପକ୍ଷରୁ ଉଦ୍ୟମ କରାଯାଇଥିଲା । ବଲିଙ୍ଗିଆ ଗ୍ରାମରେ ପ୍ରାୟ ୧୨ଟି ପରିବାରର ୪୦ ଜଣ ଲୋକ ବସବାସ କରନ୍ତି । ଭୂସ୍ଖଳନ ସମୟରେ ଗ୍ରାମରେ ୩୦ ଜଣ ରହିଥିବା ବେଳେ ୨୭ ଜଣଙ୍କୁ ଜି.ଉଦୟଗିରି ଅଗ୍ନିଶମ ବାହିନୀ ବହୁ କଷ୍ଟରେ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ ।ଉଦ୍ଧାର ହୋଇଥିବା ଲୋକଙ୍କୁ କିଲାପାଙ୍ଗା ଆଶ୍ରମ ସ୍କୁଲରେ ଅସ୍ଥାୟୀ ଭାବେ ରଖାଯାଇଛି । ସେମାନଙ୍କ ପାଇଁ ଶୁଖିଲା ଖାଦ୍ୟ ସହ ରନ୍ଧନ ଖାଦ୍ୟପେୟର ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି ।କଟିଙ୍ଗିଆ ପଂଚାୟତ ଅନ୍ତର୍ଗତ ସିପାଏସୁ ନିକଟରେ ମଧ୍ୟ ଭୂସ୍ଖଳନ ଘଟିଛି । ସକାଳ ପ୍ରାୟ ୬ଟା ସମୟରେ କୃଷ୍ଣଚନ୍ଦ୍ର ନାୟକଙ୍କ ପରିବାର ଘରେ ଶୋଇଥିବା ବେଳେ ହଠାତ୍ ପାହାଡ଼ରୁ ମାଟି ଅତଡ଼ା ଖସି ଘର ଭିତରକୁ ପଶିଥିଲା । ଏହା ଦେଖି ପରିବାର ସଦସ୍ୟମାନେ ଜୀବନ ବଂଚାଇବା ପାଇଁ ଘରୁ ବାହାରକୁ ଦୌଡ଼ି ପଳାଇଥିଲେ । ଫଳରେ ସେମାନେ ଅଳ୍ପକେ ବଡ଼ ବିପଦରୁ ବର୍ତ୍ତିଯାଇଥିଲେ । ତେବେ ଘର ଭିତରେ ପାଣି, କାଦୁଅ ଓ ମାଟି ପଶି ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ କେତେକ କୁକୁଡ଼ା ଓ ଛେଳି ଭାସିଯାଇଥିବା କିମ୍ବା ମରିଯାଇଥିବା ଜଣାପଡ଼ିଛି ।ପରେ ସ୍ଥାନୀୟ ସରପଂଚ ବିଭୂତି ପ୍ରଧାନ ପ୍ରଭାବିତ ପରିବାରକୁ କିଲାପାଙ୍ଗା ସ୍କୁଲକୁ ନେଇ ଆଶ୍ରୟ ଦେଇଥିଲେ ।କଟିଙ୍ଗିଆ ପଂଚାୟତ ଅନ୍ତର୍ଗତ ସପାକେଡା, କ୍ଲାଟୁ, ସିଲାଟି, ଗଡ଼ିଶାଲା ନିକଟସ୍ଥ ପାହାଡ଼ ଓ ସିପାଏସୁ ନିକଟରେ ଭୂସ୍ଖଳନ ଘଟିଛି ।

ଭିଜିଲାନ୍ସ ପଞ୍ଝାରେ ଫୁଲନଖରା ଡେପୁଟି ଫରେଷ୍ଟ ରେଞ୍ଜର

ଭୁବନେଶ୍ୱର, ୨୯/୧୦ (ଆ.ପ୍ର) : ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଭୁବନେଶ୍ୱର ସିଟି ଫରେଷ୍ଟ ଡିଭିଜନ ଅଧୀନ ଫୁଲନଖରା ରେଞ୍ଜର ଡେପୁଟୀ ରେଞ୍ଜର ମୌସୁମୀ ବେହେରା । ସେ ଫୁଲନଖରା ରେଞ୍ଜର ଜଣେ ବନ କର୍ମଚାରୀଙ୍କ ନିକଟରୁ ୧ ଲକ୍ଷ ଟଙ୍କା ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି । ଚଳିତ ବର୍ଷ ଜୁଲାଇରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ତିନୋଟି ବୃକ୍ଷରୋପଣ ସ୍ଥାନର ରକ୍ଷଣାବେକ୍ଷଣ (ଜଗାରଖା, ଜଳସେଚନ ଏବଂ ସାର ପ୍ରୟୋଗ) ବାବଦ ବିଲ୍ ପାସ୍ କରିବା ପାଇଁ ସେ ଉକ୍ତ କର୍ମଚାରୀଙ୍କୁ ଏହି ଲାଂଚ ମାଗିଥିଲେ । ଲାଂଚ ନଦେଲେ ଆଗାମୀ ମାସ ଗୁଡ଼ିକର ବିଲ୍ ମଧ୍ୟ ପାସ୍ କରିବେ ନାହିଁ ବୋଲି ସେ ଧମକ ଦେଇଥିଲେ । ଡେପୁଟୀ ରେଞ୍ଜର ମୌସୁମୀ ବେହେରାଙ୍କ ଏଭଳି ଆଭିମୁଖ୍ୟରେ ଅତିଷ୍ଠ ହୋଇ କର୍ମଚାରୀ ଜଣଙ୍କ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ । ଏହାପରେ ଯୋଜନା ଅନୁଯାୟୀ ଆଜି ଉକ୍ତ କର୍ମଚାରୀ ଜଣଙ୍କ ଡେପୁଟୀ ରେଞ୍ଜରଙ୍କୁ ତାଙ୍କ କାର୍ଯ୍ୟାଳୟରେ ଲାଂଚ ବାବଦକୁ ୧ ଲକ୍ଷ ଟଙ୍କା ଦେଇଥିଲେ । ସେ ଲାଂଚ ଅର୍ଥ ଗ୍ରହଣ କରିବା ପରେ ଭିଜିଲାନ୍ସର ଏକ ଟିମ୍ ତାଙ୍କୁ ଧରିଥିଲେ । ତାଙ୍କଠାରୁ ସମସ୍ତ ଲାଂଚ ଅର୍ଥ ଜବତ କରାଯାଇଛି । ଲାଂଚ ନେଇ ଧରାପଡ଼ିବା ପରେ ଡେପୁଟୀ ରେଞ୍ଜର ମୌସୁମୀ ବେହେରାଙ୍କ ଦୁଇଟି ଠିକଣାରେ ଚଢ଼ାଉ କରିଛି ଭିଜିଲାନ୍ସ । ସେ ଆୟ ବହିର୍ଭୂତ ସଂପତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ାଉ କରାଯାଇଛି । ଭିଜିଲାନ୍ସ ପକ୍ଷରୁ ଏନେଇ ମାମଲା ରୁଜୁ କରାଯାଇଥିବା ବେଳେ ଘଟଣାର ତଦନ୍ତ ଜାରି ରହିଛି ।

'ବାତ୍ୟା ପରବର୍ତ୍ତୀ ସ୍ଥିତିର ନିରନ୍ତର ଅନୁଧ୍ୟାନ, ଜନସାଧାରଣଙ୍କ ସୁରକ୍ଷାକୁ ଗୁରୁତ୍ୱ'

ଭୁବନେଶ୍ୱର, ୨୯/୧୦ (ଆ.ପ୍ର) : ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଲଗାଣ ବର୍ଷା ଜନିତ ବନ୍ୟା ସ୍ଥିତି ସମୀକ୍ଷା କରିଛନ୍ତିଷ ଏସଆରସି କାର୍ଯ୍ୟାଳୟରେ ଗର୍ଗ ସ୍ଥିତି ସମୀକ୍ଷା କରି ବନ୍ୟା ମୁକାବିଲା ସଂପର୍କରେ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଅତ୍ୟଧିକ ବର୍ଷା ହୋଇଛି ବିଶେଷ କରି ଗଞ୍ଜାମ ଜିଲ୍ଲାରେ ପ୍ରଭାବିତଙ୍କ ସ୍ଥିତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ, ଏସଆରସି ରାଜେଶ ପ୍ରଭାକର ପାଟିଲ ଏବଂ ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତିବାସନଙ୍କ ସହିତ କଥା ହୋଇଥିଲେ । ବାତ୍ୟା ପୂର୍ବରୁ ପ୍ରସ୍ତୁତି ଓ ଲଗାଣ ବର୍ଷା ଯୋଗୁଁ ବନ୍ୟା ମୁକାବିଲା ପଦକ୍ଷେପ ସମ୍ପର୍କରେ ସେ ଆଲୋଚନା କରିଥିଲେଷ ସମୀକ୍ଷା ପରେ ମୁଖ୍ୟ ଶାସନ ସଚିବ ଗର୍ଗ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ସୁରେଶ ପୂଜାରୀଙ୍କ ସହିତ ନିଆଯାଉଥିବା ପଦକ୍ଷେପ ସଂପର୍କରେ ମଧ୍ୟ ଆଲୋଚନା ଓ ପରାମର୍ଶ କରିଛନ୍ତି । ଗଂଜାମ ଜିଲ୍ଲାର ୨୨ଟି ବ୍ଲକ ଅଧିନସ୍ଥ ୨୦୮ଟି ଗ୍ରାମ ପଂଚାୟତର ୨୯୯ଟି ଗ୍ରାମ ଏବଂ ଗଜପତି ଜିଲ୍ଲାର ୭ଟି ବ୍ଲକ ଅନ୍ତର୍ଗତ ୧୧୦ଟି ଗ୍ରାମ ପଂଚାୟତର ୭୧୧ଟି ଗ୍ରାମ ବେଶୀ ପ୍ରଭାବିତ ହୋଇଛନ୍ତି । ଗଂଜାମ ଜିଲ୍ଲାର ୪୨,୫୦୦ ଏବଂ ଗଜପତି ଜିଲ୍ଲାର ୨୦,୦୦୦ ଲୋକ ପ୍ରଭାବିତ ହୋଇଛନ୍ତି । ଗଂଜାମ ଜିଲ୍ଲାର ୧୧,୮୮୨ ଜଣ ଓ ଗଜପତି ଜିଲ୍ଲାର ୧୭,୪୪୧ ଜଣଙ୍କୁ ସ୍ଥାନାନ୍ତରଣ କରାଯାଇ ବନ୍ୟା-ବାତ୍ୟା ଆଶ୍ରୟ ସ୍ଥଳରେ ରଖାଯାଇଛି । ଗଂଜାମ ଜିଲ୍ଲାରେ ୭୦ ଟି ଗ୍ରାମର ୨୩୨୮ ଟି ଲୋକ ଜଳଘେରି ଅବସ୍ଥାରେ ଅଛନ୍ତି । ପ୍ରଭାବିତ ଅଂଚଳରେ ପ୍ରଖର ଜଳସ୍ରୋତ ଯୋଗୁଁ ଯେଉଁଠି ଏନଡିଆରଏଫ୍ ଏବଂ ଓଡ୍ରାଫ୍ ଟିମ୍ ପହଁଚିବା ସମ୍ଭବପର ହେଉ ନାହିଁ, ସେ ସବୁ ଅଂଚଳରେ ପ୍ରଭାବିତଙ୍କୁ ସୁରକ୍ଷିତ ସ୍ଥାନକୁ ଆଣିବା ପାଇଁ ଏୟାର ଲିଫ୍ଟିଂ କରାଯିବା ନେଇ ପରାମର୍ଶ କରାଯାଇଛି । ଜିଲ୍ଲାପାଳଙ୍କୁ ସେ ସବୁ ଅଂଚଳର ତାଲିକା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ସେସବୁ ଅଂଚଳରେ ରନ୍ଧାଖାଦ୍ୟ, ପିଇବା ପାଣି ଓ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି । ଭାରତୀୟ ତଟରକ୍ଷୀ ବାହିନୀର ସ୍ୱତନ୍ତ୍ର ହେଲିକପ୍ଟର ବ୍ୟବହାର କରାଯିବା ନେଇ ମୁଖ୍ୟ ଶାସନ ସଚିବ ଉକ୍ତ କର୍ତ୍ତୃପକ୍ଷଙ୍କ ସହ କଥା ହୋଇଛନ୍ତି । ଜରୁରୀ ଆବଶ୍ୟକତା ସ୍ଥଳେ ଏୟାର ଲିଫ୍ଟିଂ ପାଇଁ ନିଷ୍ପତି ନିଆଯିବ । ସ୍ଥିତିକୁ ନଜରରେ ରଖି ଜିଲ୍ଲାପାଳ ଆବଶ୍ୟକ ପଦକ୍ଷେପ ନେଉଛନ୍ତି । ଗଜାମ ଜିଲ୍ଲାରେ ୨୭ଟି ଓଡ୍ରାଫ, ୩ଟି ଏନଡିଆରଏଫ୍ ଏବଂ ୨୪ଟି ଅଗ୍ନିଶମ ସେବା ବିଭାଗ ଟିମ୍ ମୁତୟନ ହୋଇଛନ୍ତି । ଗଜପତି ଜିଲ୍ଲାରେ ୧୨ଟି ଓଡ୍ରାଫ, ୧ଟି ଏନଡିଆରଏଫ୍ ଏବଂ ୧୨ଟି ଅଗ୍ନିଶମ ସେବା ବିଭାଗ ଟିମ୍ ମୁତୟନ ହୋଇଛନ୍ତି । ଗଂଜାମ ଜିଲ୍ଲାରେ ୫୫୦ ଜଣ ଓ ଗଜପତି ଜିଲ୍ଲାରେ ୪୨୦ ଗର୍ଭବତୀ ମହିଳା ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ହୋଇଛନ୍ତି । ଗଞ୍ଜାମ ଜିଲ୍ଲାର ଟିକିଟି ଓ ପାତ୍ରପୁର ବ୍ଲକ୍ ଅନ୍ତର୍ଗତ ବାଘଲଟି ଜଳଭଣ୍ଡାର ଏବଂ ବାହୁଡା ନଦୀ ଅବବାହିକାରେ ପ୍ରବଳ ବର୍ଷା ଯୋଗୁଁ ଜଳସ୍ତର ବୃଦ୍ଧି ପାଇଛି । ଏଥି ଯୋଗୁଁ ଆନ୍ଧ୍ରପ୍ରଦେଶର ଇଚ୍ଛାପୁରମ ଠାରେ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି । ବାତ୍ୟା 'ଅର୍ଣ୍ଣବ' ଆଶଙ୍କା ଓ ଭାରତୀୟ ପାଣିପାଗ ବିଭାଗର ପ୍ରବଳ ବର୍ଷା ପୂର୍ବାନୁମାନକୁ ଦୃଷ୍ଟିରେ ରଖି ଜଳଭଣ୍ଡାରର ଜଳଧାରଣ କ୍ଷମତା ନିୟନ୍ତ୍ରଣ ପାଇଁ ପୂର୍ବରୁ ଜଳ ନିଷ୍କାସନ କରାଯାଇଥିଲା । ୨୭ ଅକ୍ଟୋବର ସନ୍ଧ୍ୟାରୁ ଜଳଭଣ୍ଡାରର ଉପରମୁଣ୍ଡରେ ପ୍ରବଳ ବର୍ଷା ହେବାରୁ ୨୮ ଅକ୍ଟୋବର ସକାଳ ୧୧ଟା ସୁଦ୍ଧା ଜଳପ୍ରବାହ ପ୍ରତି ସେକେଣ୍ଡରେ ୫୫୦ ଘନମିଟରକୁ ବୃଦ୍ଧି ପାଇଥିଲା । ଫଳରେ ଜଳଭଣ୍ଡାରର ୪ଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯାଇଥିଲା ।

ଲଘୁଚାପ ସୃଷ୍ଟି, ୩୧ରେ ଅବପାତ

ଭୁବନେଶ୍ୱର, ୨୯/୧୦ (ଆ.ପ୍ର) : ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ଏହା ପାର୍ଶ୍ୱବର୍ତ୍ତୀ ଅଂଚଳରେ ଆଜି ସୃଷ୍ଟି ହୋଇଥିବା ଲଘୁଚାପ ଅକ୍ଟୋବର ୩୧ ତାରିଖରେ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି । ଲଘୁଚାପ କ୍ଷେତ୍ରଟି ଏବେ ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ଏହାର ଆଖପାଖ ଅଂଚଳରେ ସକ୍ରିୟ ରହିଥିବା ବେଳେ ଏହା ପଶ୍ଚିମ-ଉତରପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି । ୩୧ ଅକ୍ଟୋବର ପାଖାପାଖି ଏହା ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ତଥା ସଂଲଗ୍ନ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଏବଂ ଆଣ୍ଡାମାନ ସାଗରର ଅଂଚଳରେ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି । ଏହା ପରେ ଏହା ଆହୁରି ଅଧିକ ଘନୀଭୂତ ହୋଇ ପରବର୍ତ୍ତୀ ୨ ଦିନ ମଧ୍ୟରେ ପଶ୍ଚିମ-ଉତରପଶ୍ଚିମ ଦିଗରେ ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ଗତି କରିବାର ସମ୍ଭାବନା ରହିଛି । ଓଡ଼ିଶା ଉପରେ ଏହାର କ'ଣ ପ୍ରଭାବ ରହିବ, ସେ ନେଇ କିଛି ସୂଚନା ଆସିନାହିଁ । ଅନ୍ୟପକ୍ଷରେ 'ଅର୍ଣ୍ଣବ'ର ପ୍ରଭାବରେ ରାଜ୍ୟରେ ଏଯାଏ ବିଭିନ୍ନ ଜିଲ୍ଲାରେ ବର୍ଷା ଜାରି ରହିଛି । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସୂଚନା ଅନୁଯାୟୀ, ଆସନ୍ତାକାଲି ସକାଳ ପର୍ଯ୍ୟନ୍ତ ବରଗଡ଼ ଓ ସୁନ୍ଦରଗଡ଼ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ଦୁଇ ଜିଲ୍ଲାରେ କିଛି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ଓ କିଛି ସ୍ଥାନରେ ଅତି ଭୀଷଣ ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, କୋରାପୁଟ, ରାୟଗଡ଼ା ଓ କନ୍ଧମାଳ ଜିଲ୍ଲାକୁ ଛାଡ଼ି ଦେଲେ ବାକି ସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି । ଏହି ସବୁ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତାକାଲି ସକାଳ ସାଢ଼େ ୮ଟାରୁ ୩୧ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ସମ୍ବଲପୁର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି । ୩୧ ତାରିଖ ସକାଳ ସାଢ଼େ ୮ଟାରୁ ନଭେମ୍ବର ୧ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ରାଜ୍ୟର କୌଣସି ସ୍ଥାନକୁ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇ ନଥିବା ବେଳେ ୧ ତାରିଖ ସକାଳ ସାଢ଼େ ୮ଟାରୁ ୨ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସବୁ ଜିଲ୍ଲାର କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ସହିତ ପବନ ହୋଇପାରେ ଓ ବିଜୁଳି ମାରିପାରେ ।

ରାଜ୍ୟସଭା କ୍ରସ୍ ଭୋଟିଂ ବିବାଦ: ୫ ବିଜେଡି ବିଧାୟକଙ୍କୁ ହାଇକୋର୍ଟଙ୍କ ନୋଟିସ

ଭୁବନେଶ୍ୱର, ୨୯/୧୦ (ଆ.ପ୍ର) : ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂକୁ ନେଇ ବିବାଦ ଥମିବାର ନାଁ ନେଉନାହିଁ । ଏହି ମାମଲାରେ ୫ ଜଣ ବିଜେଡି ବିଧାୟକଙ୍କୁ ନୋଟିସ ଜାରି କରିଛନ୍ତି ହାଇକୋର୍ଟ । ନୋଟିସର ଜବାବ ଦାଖଲ କରିବାକୁ ଏହି ବିଧାୟକଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହାକୁ ନେଇ ରାଜ୍ୟ ରାଜନୀତିରେ ପୁଣି ଚର୍ଚ୍ଚା ଜୋର ଧରିଛି । ହାଇକୋର୍ଟଙ୍କ ନୋଟିସ ପାଇଥିବା ବିଧାୟକମାନେ ହେଲେ ଅରବିନ୍ଦ ମହାପାତ୍ର, ସୁବାସିନୀ ଜେନା, ସନାତନ ମହାକୁଡ଼, ସୌଭିକ ବିଶ୍ୱାଳ ଓ ଚକ୍ରମଣୀ କହଁର । ରାଜ୍ୟସଭା ନିର୍ବାଚନ ସମୟରେ ଭୋଟିଂକୁ ନେଇ ଉଠିଥିବା ବିବାଦ ଏବେ ଆଇନଗତ ଲଢ଼େଇର ରୂପ ନେଇଛି । ଅଜି ୫ଟି ରିଟ୍ ଉପରେ ଶୁଣାଣି ହୋଇଥିବାରୁ ୫ ଜଣଙ୍କୁ ନୋଟିସ୍ ଜାରି କରାଯାଇଛି । କ୍ରସଭୋଟିଂ କରିଥିବା ଅନ୍ୟ ବିଜେଡି ବିଧାୟକଙ୍କୁ ନୋଟିସ ଜାରି ହୋଇନାହିଁ । ଆଡଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି ଯେ, ଗତ ଜୁନ୍ ମାସରେ ବିଧାନସଭାର ବାଚସ୍ପତି ବିଜେଡି ତରଫରୁ ଆଗତ ଏକ ଆବେଦନକୁ ଖାରଜ କରିଦେଇଥିଲେ । କ୍ରସଭୋଟିଂ କରିଥିବା ବିଧାୟକଙ୍କ ସଭ୍ୟପଦ ରଦ୍ଦ କରିବାକୁ ବିଜେଡି ଆବେଦନ କରିଥିଲା । ଏହା ଖାରଜ ହେବା ପରେ ବିଜେଡି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି । ଏହି ମାମଲାରେ ହାଇକୋର୍ଟଙ୍କ ପରବର୍ତ୍ତୀ ଶୁଣାଣି ଆସନ୍ତା ଜାନୁଆରୀ ୧୧ ତାରିଖରେ ହେବ । ଏହା ପୂର୍ବରୁ ସମସ୍ତ ୫ ବିଧାୟକଙ୍କୁ ନିଜ ନିଜର ଜବାବ ଦାଖଲ କରିବାକୁ ପଡ଼ିବ । ଡିସେମ୍ବର ୪ ତାରିଖ ସୁଦ୍ଧା ଏହି ବିଧାୟକମାନେ ଜବାବ ଦାଖଲ କରିବେ । କ୍ରସ୍ ଭୋଟିଂ ପ୍ରସଙ୍ଗକୁ ନେଇ ପୂର୍ବରୁ ମଧ୍ୟ ବିଜେଡି ରାଜନୀତିରେ ଅସନ୍ତୋଷ ଓ ଚର୍ଚ୍ଚା ଦେଖିବାକୁ ମିଳିଥିଲା । ଦଳର ଆଭିମୁଖ୍ୟ ବିରୋଧରେ ଭୋଟ୍ ଦେବା ନେଇ ଉଠିଥିବା ପ୍ରଶ୍ନ ଏବେ ନ୍ୟାୟିକ ପ୍ରକ୍ରିୟାରେ ପହଂଚିଛି ।

ଆଜି ଗଂଜାମ ଗସ୍ତରେ ମୁଖ୍ୟମନ୍ତ୍ରୀ!

ଭୁବନେଶ୍ୱର, ୨୯/୧୦ (ଆ.ପ୍ର) : ବାତ୍ୟା ଅର୍ଣ୍ଣବ ପରେ ଦକ୍ଷିଣ ଓଡ଼ିଶାରେ ବନ୍ୟା ସ୍ଥିତି । ଲଗାଣ ବର୍ଷାରେ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଜନଜୀବନ ପ୍ରଭାବିତ । ଏଭଳି ସ୍ଥିତିରେ ଆସନ୍ତାକାଲି ଗଞ୍ଜାମ ଗସ୍ତ କରିବେ ମୁଖ୍ୟମନ୍ତ୍ରୀ । ଆକାଶମାର୍ଗରୁ ବନ୍ୟା ପ୍ରଭାବିତ ଅଂଚଳର ସ୍ଥିତି ଅନୁଧ୍ୟାନ କରିବେ । ଆସିକା, ସୋରଡ଼ା ଓ ହିଞ୍ଜିଳି ସମେତ ବେଲଗୁଣ୍ଠା ଓ ଭଞ୍ଜନଗର ଅଂଚଳ ଉପରେ ରହିବ ନଜର । ଏହି ଗସ୍ତରେ ରାଜସ୍ୱ ମନ୍ତ୍ରୀ ଓ ପରିବହନ ମନ୍ତ୍ରୀ ମଧ୍ୟ ସାମିଲ ହୋଇପାରନ୍ତି । ଅନ୍ୟପଟେ ବନ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ଗଞ୍ଜାମ ଓ ଗଜପତିରେ ଅକ୍ଟୋବର ୩୧ ଯାଏଁ ବନ୍ଦ ରହିବ ସମସ୍ତ ଶିକ୍ଷାନୁଷ୍ଠାନ । ବାତ୍ୟା ଅର୍ଣ୍ଣବ ପ୍ରଭାବରେ ପ୍ରବଳ ବର୍ଷା ପରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଂଚଳରେ ବନ୍ୟା ପରିସ୍ଥିତି ଦେଖାଦେଇଛି । ଏହାକୁ ନେଇ ଆସନ୍ତାକାଲି ଗଞ୍ଜାମ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ । ସେପଟେ ଲଗାଣ ବର୍ଷା ଓ ବନ୍ୟା ସ୍ଥିତିକୁ ନଜରରେ ରଖି ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଶିକ୍ଷାନୁଷ୍ଠାନ ବନ୍ଦ ନେଇ ନିଷ୍ପତି ହୋଇଛି ।

ଟାଇଗର ଶ୍ରଫ୍‌ଙ୍କ ଘର ଗୁଳିମାଡ଼ ମାମଲା: ଆଉ ଜଣେ ଗିରଫ

ନୂଆଦିଲ୍ଲୀ, ୨୯/୧୦ (ନ୍ୟୁ.ଏ): ବଲିଉଡ୍ ଅଭିନେତା ଟାଇଗର ଶ୍ରଫ୍‌ଙ୍କ ସହ ଜଡ଼ିତ ଗୁଳିମାଡ଼ ମାମଲାରେ ମୁମ୍ବାଇ ପୋଲିସକୁ ଆଉ ଏକ ସଫଳତା ମିଳିଛି । ଏହି ମାମଲାରେ ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ହରିୟାଣାର ସୋନିପତ ଜିଲ୍ଲା ରୋହଣା ଗାଁରୁ ଅମନ ନାମକ ଜଣେ ଯୁବକଙ୍କୁ ଗିରଫ କରାଯାଇଛି । ଏହି ଗିରଫଦାରୀ ସହ ମାମଲାରେ ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୧୨ରେ ପହଂଚିଛି । ପୋଲିସ ସୂଚନା ଅନୁଯାୟୀ, ଏହି ମାମଲାରେ ପୂର୍ବରୁ ଗିରଫ ହୋଇଥିବା କୁନାଲଙ୍କ ସହ ଅମନଙ୍କର ସମ୍ପର୍କ ରହିଛି । ଅମନ କୁନାଲଙ୍କ ବନ୍ଧୁ ବୋଲି ଜଣାପଡ଼ିଛି । ଏହି ସମ୍ପର୍କକୁ ନେଇ ପୋଲିସ ଏବେ ଅଧିକ ତଦନ୍ତ କରୁଛି । ଅମନଙ୍କୁ ପଚରାଉଚରା କରି ଗୁଳିମାଡ଼ ଘଟଣାରେ ତାଙ୍କର କି ପ୍ରକାର ଭୂମିକା ରହିଛି, ସେ ସମ୍ପର୍କରେ ତଥ୍ୟ ହାସଲ କରିବାକୁ ଚେଷ୍ଟା କରୁଛି ମୁମ୍ବାଇ ପୋଲିସ । ଅମନଙ୍କ ଗିରଫଦାରୀ ପଛରେ ତାଙ୍କ ବ୍ୟାଙ୍କ ଖାତାରେ ହୋଇଥିବା ଟଙ୍କା କାରବାର ଏକ ପ୍ରମୁଖ କାରଣ ବୋଲି ଜଣାପଡ଼ିଛି । ତାଙ୍କ ଖାତାକୁ କେଉଁଠାରୁ ଟଙ୍କା ଆସିଥିଲା ଏବଂ ଏହାର ଗୁଳିମାଡ଼ ଘଟଣା ସହ କି ସମ୍ପର୍କ ରହିଛି, ସେନେଇ ପୋଲିସ ଖୋଳତାଡ଼ କରିବ । ଏହାସହ ପୂର୍ବରୁ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ସହ ଅମନଙ୍କ ଆର୍ଥିକ କାରବାର ଓ ଯୋଗାଯୋଗ ସମ୍ପର୍କରେ ମଧ୍ୟ ତଥ୍ୟ ସଂଗ୍ରହ କରାଯାଉପାରେ । ତେବେ ଏହି ଟଙ୍କା କାରବାର ସମ୍ପର୍କରେ ବିସ୍ତୃତ ସୂଚନା ଏଯାଏଁ ସାମ୍ନାକୁ ଆସିନାହିଁ । ଅମନଙ୍କୁ ପଚରାଉଚରା କରିବା ପାଇଁ ମୁମ୍ବାଇ ପୋଲିସର ଏକ ଟିମ୍ ସୋନିପତରେ ପହଂଚିଛି । ତ

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ବାତ୍ୟା ପରିସ୍ଥିତି ପରଖିଲେ ମନ୍ତ୍ରୀ, ଗାଜଲବାଡ଼ି ଘାଟିର ସ୍ଥିତି ଅନୁଧ୍ୟାନ ତୁଲୁରୀ ରାସ୍ତାରୁ ଗଛ ହଟାଇବାକୁ ନିର୍ଦ୍ଦେଶ : ୨୫ ପଂଚାୟତ ଅନ୍ଧାରରେ

ବାଲିଗୁଡା, ୨୯/୧୦: (ଆ.ପ୍ର) : ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ କନ୍ଧମାଳ ଜିଲ୍ଲାରେ ଲାଗି ରହିଥିବା ବର୍ଷା ଓ ପବନ ଜନଜୀବନକୁ ପ୍ରଭାବିତ କରିଛି । ସମ୍ଭାବ୍ୟ ଭୂସ୍ଖଳନ ଓ ବାତ୍ୟାଜନିତ କ୍ଷୟକ୍ଷତିର ସ୍ଥିତି ପରଖିବା ସହ ଲୋକଙ୍କ ସୁରକ୍ଷା ବ୍ୟବସ୍ଥାର ତଦାରଖ ପାଇଁ ବୁଧବାର ଦାରିଙ୍ଗବାଡ଼ି ଗସ୍ତ କରିଛନ୍ତି ରାଜ୍ୟ ପଂଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ । ଗସ୍ତ ସମୟରେ ସେ ଗାଜଲବାଡ଼ି ଘାଟିର ସ୍ଥିତି ଅନୁଧ୍ୟାନ କରିବା ସହ ରାସ୍ତା ଅବରୋଧ ହଟାଇବା ଏବଂ ବାତ୍ୟା ପରବର୍ତ୍ତୀ ପରିସ୍ଥିତିର ସମୀକ୍ଷା କରିଥିଲେ । ମନ୍ତ୍ରୀ ପ୍ରଥମେ କନ୍ଧମାଳ-ଗଞ୍ଜାମ ସୀମାରେ ଜାତୀୟ ରାଜପଥ-୫୯ ର ଗାଜଲବାଡ଼ି ଘାଟିସ୍ଥିତ ବାୟମାଲା ଚେକ୍‌ଗେଟ୍‌ରେ ପହଂଚିଥିଲେ । ଭୂସ୍ଖଳନ ଆଶଙ୍କାରେ ମଙ୍ଗଳବାରଠାରୁ ବନ୍ଦ ରହିଥିବା ଏହି ଘାଟିର ସ୍ଥିତି ସମ୍ପର୍କରେ ସେ ଜିଲ୍ଲାପାଳ ବେଦଭୂଷଣଙ୍କ ସହ ଆଲୋଚନା କରିଥିଲେ । ପାହାଡ଼ିଆ ରାସ୍ତାରେ ଯାତାୟାତ ସୁରକ୍ଷା ଓ ସମ୍ଭାବ୍ୟ ବିପଦ ସମ୍ପର୍କରେ ମଧ୍ୟ ସ୍ଥିତି ଅନୁଧ୍ୟାନ କରିଥିଲେ । ଏହାପରେ ବ୍ରାହ୍ମଣୀଗାଁକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗର ତୁଲୁରୀ ରାସ୍ତାରେ ପହଂଚି ମନ୍ତ୍ରୀ ରାସ୍ତା ଅବରୋଧର ସମୀକ୍ଷା କରିଥିଲେ । ପ୍ରବଳ ବର୍ଷା ଓ ପବନ ଯୋଗୁଁ ରାସ୍ତା ଉପରେ ଦୁଇଟି ବଡ଼ ଗଛ ଉପୁଡ଼ି ପଡ଼ିଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । ମନ୍ତ୍ରୀ ନିଜ ଉପସ୍ଥିତିରେ ଗଛଗୁଡ଼ିକୁ ହଟାଇବାର ବ୍ୟବସ୍ଥା କରିବା ପରେ ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିଲା । ପରେ ବିଡିଓ ପ୍ରୀତିରଞ୍ଜନ ରଥ, ତହସିଲଦାର ଧୀରଜ ପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ମନ୍ତ୍ରୀ ବାତ୍ୟାଜନିତ କ୍ଷୟକ୍ଷତି ଓ ପ୍ରଶାସନିକ ପ୍ରସ୍ତୁତି ନେଇ ସମୀକ୍ଷା ବୈଠକ କରିଥିଲେ । ଗସ୍ତରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ, କନ୍ଧମାଳର ଅଧ୍ୟକ୍ଷ ମାନଗୋବିନ୍ଦ ପ୍ରଧାନ, ଜିଲ୍ଲାପାଳ, ଭାଜପା ପ୍ରତିନିଧି ମଣ୍ଡଳୀ ଓ କନ୍ଧମାଳ ସାଂସଦଙ୍କ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଅନ୍ୟପଟେ ବାତ୍ୟାର ପ୍ରଭାବରେ ଦାରିଙ୍ଗବାଡ଼ି ଅଂଚଳରେ ଲଗାଣ ବର୍ଷା ଜାରି ରହିଥିବାବେଳେ ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି । ଗତ ଦୁଇ ଦିନ ଧରି ବ୍ଲକର ୨୫ଟି ପଂଚାୟତ ଅନ୍ଧାରରେ ରହିଛି । ବିଦ୍ୟୁତ୍ ସରବରାହ ବନ୍ଦ ଯୋଗୁଁ ମୋବାଇଲ୍ ନେଟୱାର୍କ ଓ ଇଂଟରନେଟ୍ ସେବା ମଧ୍ୟ ଠପ୍ ହୋଇଯାଇଛି । ଏହାର ପ୍ରଭାବ ବ୍ୟାଙ୍କ, ଜନସେବା କେନ୍ଦ୍ର ଓ ବିଭିନ୍ନ ସରକାରୀ-ବେସରକାରୀ କାର୍ଯ୍ୟାଳୟରେ ପଡ଼ିଛି । ଅନଲାଇନ୍ କାରବାର ଓ ଦୈନନ୍ଦିନ କାର୍ଯ୍ୟ ପରିଚାଳନାରେ ଲୋକେ ଅସୁବିଧା ଭୋଗୁଛନ୍ତି । ବିଦ୍ୟୁତ୍ ବିଭାଗର ସହକାରୀ ଯନ୍ତ୍ରୀ ଶିବ ପ୍ରସାଦ ନାୟକଙ୍କ ସୂଚନା ଅନୁସାରେ, ପ୍ରବଳ ବର୍ଷା ଓ ପବନ ଯୋଗୁଁ ଏକାଧିକ ଗ୍ରାମରେ ବିଦ୍ୟୁତ୍ ଖୁଂଟ ଉପୁଡ଼ିବା ସହ ତାର ଛିଣ୍ଡି ପଡ଼ିଛି । ଫଳରେ ବିଦ୍ୟୁତ୍ ସେବା ପୁନରୁଦ୍ଧାରରେ ସମସ୍ୟା ସୃଷ୍ଟି ହୋଇଛି । ବାତ୍ୟା ପ୍ରଭାବରେ ବିପର୍ଯ୍ୟସ୍ତ ଯୋଗାଯୋଗ ଓ ବିଦ୍ୟୁତ୍ ବ୍ୟବସ୍ଥା କେବେ ସ୍ୱାଭାବିକ ହେବ, ତାହାକୁ ନେଇ ଅଂଚଳବାସୀ ଅପେକ୍ଷା କରିଛନ୍ତି ।

ପାଠପଢ଼ି ଚାକିରୀ କଲେ କି ଲାଭ: ଦେଶ ଯଦି ସ୍ୱାଧୀନ ହୋଇନି

ଚିଲିକା/ବାଣପୁର, ୨୯/୧୦ (ଆ.ପ୍ର) : 'ପାଠପଢି ଚାକିରୀ କଲେ କି ଲାଭ, ଦେଶ ଯଦି ସ୍ୱାଧୀନ ହୋଇନି' ସୁଦୂର ଆନ୍ଧ୍ର ପ୍ରଦେଶରୁ ଆସି ଡାକ୍ତର ସ୍ୱର୍ଗତ ରାଧା ଚରଣ ପଣ୍ଡା ପୁରୀରେ ଚାକିରୀ ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ଝାସଦେଇ ଅବିଭକ୍ତ ପୁରୀ ଜିଲ୍ଲାରେ ଆଦରି ନେଇଥିଲେ ଗାନ୍ଧିଜୀଙ୍କ ଆଦର୍ଶରେ ଗାଁକୁ ଗାଁ ବୁଲି ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ । ଖୋର୍ଦ୍ଧା ଜିଲ୍ଲା ବାଣପୁର ଶୁଭ ମଙ୍ଗଳ କଲ୍ୟାଣ ମଣ୍ଡପ ଠାରେ ଡାକ୍ତର ରାଧା ଚରଣ ପଣ୍ଡା ସ୍ମୃତି କମିଟି ଓ ସାହିତ୍ୟ ସିନ୍ଦୁରାର ସତ୍ୱାଧିକାରୀ ଗୋଲକ ବିହାରୀ ପରିଡ଼ାଙ୍କ ଆୟୋଜନରେ ବାଲୁଗାଁ ବାଣପୁର ମାଟିର ତଥା ଓଡ଼ିଶାର ବିଶିଷ୍ଟ ଜନସେବକ, ସାହିତ୍ୟିକ, ଗାନ୍ଧିବାଦୀ, ସମାଜସେବୀ ସ୍ୱର୍ଗତ ଡାକ୍ତର ରାଧା ଚରଣ ପଣ୍ଡାଙ୍କର ୫୨ତମ ଶ୍ରାଦ୍ଧ ବାର୍ଷିକୀ ସ୍ମୃତି ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଉପଲକ୍ଷେ ଏକ ସ୍ମୃତି ଚାରଣ ସଭାରେ ସଭାପତିତ୍ୱ କରିଥିଲେ ବରିଷ୍ଠ ଶିକ୍ଷାବିତ୍ ତଥା ବାଣପୁର ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀ ମହୋଦୟ । ପ୍ରଥମେ ସ୍ୱର୍ଗତ ପଣ୍ଡାଙ୍କର ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଦୀପ ପ୍ରଜ୍ୱଳନ କରାଯାଇଥିଲା । ସାହିତ୍ୟ ସିନ୍ଦୁରା ର ପ୍ରତିଷ୍ଠାତା ବରିଷ୍ଠ ଶିକ୍ଷାବିତ୍ ଗୋଲକ ବିହାରୀ ପରିଡ଼ା ପ୍ରାଞ୍ଜଳ ଭାବରେ ସ୍ମୃତି ଚାରଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ରବିନ୍ଦ୍ର ନାଥ ମାନସିଂହ, ଲକ୍ଷ୍ମୀ ଚରଣ ପ୍ରଧାନ, ଡ଼ଃ ନୃସିଂହ ଚରଣ ପ୍ରଧାନ, ଶିକ୍ଷାବିତ୍ ଶଶି ଭୂଷଣ ବରାଳ, ପତ୍ରାକୁଳିଆ କବି ଦିଗମ୍ବର ବିଶ୍ୱାଳ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ମଦନ ମୋହନ ମହାପାତ୍ର, ଗୋଲକ ଦାସ ପ୍ରମୁଖ ଅନେକ ବୁଦ୍ଧିଜୀବି ଉପସ୍ଥିତ ଥିଲେ । ବିଶ୍ୱନାଥ ଗଡ଼େଇ ପରିଚାଳନାରେ ସହଯୋଗ କରିଥିଲେ ।

ବିପଦର ସମୟରେ ଲୋକଙ୍କ ପାଖରେ ଠିଆ ହେବା ସାମାଜିକ ଦାୟିତ୍ୱ: ମନମୋହନ ସାମଲ

ଭୁବନେଶ୍ୱର, ୨୯/୧୦ (ଆ.ପ୍ର) : ସମ୍ପ୍ରତି ରାଜ୍ୟରେ ପ୍ରଳୟଙ୍କରୀ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଓଡ଼ିଶାର ଦକ୍ଷିଣ ଓ ଦକ୍ଷିଣ-ପଶ୍ଚିମାଂଚଳର କେତେକ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ବିଶେଷ କରି ଗଜପତି, ଗଞ୍ଜାମ, ରାୟଗଡା, କୋରାପୁଟ, କନ୍ଧମାଳ ଏବଂ ମାଲକାନଗିରି ଆଦି ଜିଲ୍ଲାରେ ବାତ୍ୟା ଓ ପ୍ରବଳ ବର୍ଷା ଯୋଗୁଁ ବ୍ୟାପକ ଧନଜୀବନ, ଘରଦ୍ୱାର, ବିଦ୍ୟୁତ୍ ସରବରାହ ଏବଂ କୃଷି କ୍ଷେତ୍ର ପ୍ରଭାବିତ ହୋଇଛି । ଏହି ପ୍ରାକୃତିକ ବିପର୍ଯ୍ୟୟକୁ ଗୁରୁତ୍ୱର ସହ ଗ୍ରହଣ କରି ବିଜେପି ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି । ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ଯେ, ଏଭଳି ବିପଦର ସମୟରେ ଲୋକଙ୍କ ପାଖରେ ଠିଆ ହେବା ଏବଂ ସେମାନଙ୍କୁ ସବୁପ୍ରକାର ସାହାଯ୍ୟ ଯୋଗାଇ ଦେବା ଆମର ନୈତିକ ଏବଂ ସାମାଜିକ ଦାୟିତ୍ୱ । ତେଣୁ ସମ୍ପୃକ୍ତ ଜିଲ୍ଲାଗୁଡ଼ିକର ସମସ୍ତ ଦଳୀୟ ନେତା ଓ କର୍ମକର୍ତ୍ତା ନିଜ ନିଜ ଅଂଚଳରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟରେ ପ୍ରଶାସନକୁ ସହଯୋଗ କରିବା ସହ କ୍ଷତିଗ୍ରସ୍ତ ଲୋକଙ୍କୁ ଖାଦ୍ୟ, ପାନୀୟ ଜଳ ଏବଂ ଜରୁରୀ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ଆଗେଇ ଆସିବାକୁ ରାଜ୍ୟ ସଭାପତି ଶ୍ରୀ ସାମଲ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାର ଜନସାଧାରଣଙ୍କ ଜୀବନ ଓ ସମ୍ପତ୍ତି ସୁରକ୍ଷା ପାଇଁ ପ୍ରତିବଦ୍ଧ ଅଛନ୍ତି । ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସମସ୍ତଙ୍କର ମିଳିତ ସହଯୋଗ ନିହାତି ଆବଶ୍ୟକ । ସରକାରୀ ସ୍ତରରେ ତ୍ୱରିତ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଥିବାବେଳେ ଦଳୀୟ ସ୍ତରରେ ମଧ୍ୟ ପ୍ରଭାବିତ ପରିବାରଗୁଡ଼ିକୁ ସମସ୍ତ ସମ୍ଭବ ସହାୟତା ପ୍ରଦାନ ପାଇଁ ପାର୍ଟି ତରଫରୁ ନିରନ୍ତର ତଦାରଖ କରାଯାଉଛି ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ।

ଓୟୁଏଟି ତରଫରୁ ପାକଶାଳା ବଗିଚା ସମ୍ବନ୍ଧୀୟ ତାଲିମ ଶିବିର

ଜଗତସିଂହପୁର, ୨୯/୧୦(ଆପ୍ର) ସର୍ବଭାରତୀୟ ସମନ୍ୱିତ ପନିପରିବା ଫସଲ ଗବେଷଣା ପ୍ରକଳ୍ପ ଓ କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁରର ମିଳିତ ପ୍ରୟାସରେ ସଂପ୍ରତି ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ଏରସମା ବ୍ଲକର ଅଚ୍ୟୁତଦାସପୁର ଗ୍ରାମରେ ଅନୁସୂଚିତ ଜାତି ଉପଯୋଜନା ଆନୁକୂଲ୍ୟରେ ଏକ କୃଷକ ପାକଶାଳା ତାଲିମ ଶିବିର ଓ କୃଷି ସାମଗ୍ରୀ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅଚ୍ୟୁତଦାସପୁର ଗ୍ରାମ ଓ ଆଖପାଖ ଗ୍ରାମର ୬୦ରୁ ଅଧିକ ଅନୁସୂଚିତ ଜାତିର କୃଷକ ଓ କୃଷି ମହିଳା ସକ୍ରିୟ ଭାବରେ ଅଂଶ ଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ଼ଃ. ଜୀବନଜିତ୍ ସେନ୍ ପରିଚାଳନା କରିଥିଲେ ।ଏହି ଅବସରରେ ଅଖିଳ ଭାରତୀୟ ପନିପରିବା ଫସଲ ଗବେଷଣା ପ୍ରକଳ୍ପ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ମୁଖ୍ୟ ବୈଜ୍ଞାନିକ ଡ଼ଃ ଅନିତା ମହାନ୍ତି ଯୋଗଦେଇ କିପରି ବୈଜ୍ଞାନିକ ପ୍ରଣାଳୀରେ ପାକଶାଳା ବଗିଚାର ପରିଚାଳନା ହୋଇପାରିବ ଚାଷୀ ମାନଙ୍କୁ ବୁଝାଇଥିଲେ । ଏହି ପ୍ରକଳ୍ପର ଅନ୍ୟତମ ବୈଜ୍ଞାନିକ ଡ଼ଃ ସୃଜନୀ ବେହେରା, ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପନିପରିବାରେ ରୋଗ ପୋକ ପରିଚାଳନା ଉପରେ ଗୁରୁତ୍ୱ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ଼ଃ ଦେବାଶିଷ ପଣ୍ଡା ଏବଂ ଡ଼ଃ ପ୍ରଦୀପ୍ତ ମାଝୀ ଶୀତ ଦିନିଆ ପନିପରିବାର ରୋଗ ପୋକ ପରିଚାଳନା ଏବଂ ମୃତ୍ତିକା ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେଇଥିଲେ । ଏଥିରେ ଏରସମା ବ୍ଲକର ସହକାରୀ କୃଷି ଅଧିକାରୀ ଲିପ୍ସାରାଣୀ ବେହେରା ଯୋଗଦେଇ ପାକଶାଳା ବଗିଚା ବିଷୟରେ ଆଲୋଚନା କରିଥିଲେ । ପ୍ରକଳ୍ପ ତରଫରୁ ଓୟୁଏଟିର ଉନ୍ନତ ମାନର ମଞ୍ଜି, ପୋଟ୍ରେ, ସ୍ପ୍ରେୟର, ଜାଲ ଇତ୍ୟାଦି ପ୍ରଦାନ କରାଯାଇଥିଲା ଓ ଏହା ସହିତ କୃଷି ବିଜ୍ଞାନ କେନ୍ଦ୍ରର ତରଫରୁ ଖେତ ବଂଚାଅ ଅଭିଯାନ ସମ୍ବନ୍ଧୀୟ ପରାମର୍ଶ ଦିଆଯାଇଥିଲା ଓ ଏହି କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମବାସୀ ଅନୁସୂଚିତ ଜାତି କୃଷକମାନଙ୍କର ଆର୍ଥିକ ସ୍ଥିତି ସୁଦୃଢ଼ ହେବ ବୋଲି ଆଶା ପ୍ରକାଶ କରିଥିଲେ । ପରିଶେଷରେ ଉକ୍ତ ଗ୍ରାମର କୈଳାସ ଜୟସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

କାହ୍ନୁ ଭୁଣ୍ଡୁଡି ମହିଳାଙ୍କ ମୃତ୍ୟୁ ଘଟଣା ଖବର ପ୍ରକାଶ ପରେ ପ୍ରଶାସନର ସହାୟତା ପ୍ରଦାନ

ଅସ୍ତରଙ୍ଗ, ୨୯/୧୦ (ଆ.ପ୍ର): ଲଘୁଚାପ ବର୍ଷା ଯୋଗୁ କାହ୍ନୁ ଭୁଣ୍ଡୁଡି ଅସ୍ତରଙ୍ଗ ବ୍ଲକ ସରିପୁର ପଂଚାୟତ ନୋ ନା ପୁର ଲୋଲାବତୀ ମୁଦୁଲୀ (୪୧)ଙ୍କ ମୃତ୍ୟୁ ହେବା ଏକ ଅଭାବନୀୟ ଘଟଣାକୁ ନେଇ ପରିବାରରେ ଏକ ଶୋକାକୁଳ ପରିବେଶ ସୃଷ୍ଟିହୋଇଛି । ପ୍ରଥମେ ଚାରିଛକ ଓ ଚିକିତ୍ସା ପାଇଁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଯାଇ ମଧ୍ୟ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଶବ ବ୍ୟବଚ୍ଛେଦ ପରେ ଗାଁକୁ ନଆଣି ସତ୍ୟନଗର ତାଙ୍କର ଅନ୍ତିମ ସଂସ୍କାର ହୋଇଥିଲା । କିନ୍ତୁ ଛୋଟ ଛୋଟ ଦୁଇ ଝିଅ ଓ ଏକ ପୁଅ ମା'ର ଫେରିବା ବାଟକୁ ଚାହିଁବସିଲେ ମଧ୍ୟ ମାର ମୁହଁ ଦେଖିନପାରିବାରୁ ଝୁରିହେବା ସବୁଠୁ ଦୁଃଖଦାୟକ ଘଟଣା । ସେପଟେ ମାଆକୁ ଝୁରିଝୁରି ପିଲାଙ୍କ ଆଖିରୁ ଲୁହ ସରୁନି । ଏଭଳି ଘଟଣାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ବୁଧବାର ଦିନ ସ୍ଥାନୀୟ ପ୍ରଶାସନ ତତ୍ପରତା ଆରମ୍ଭ ହୋଇଛି । ଅସ୍ତରଙ୍ଗ ବିଡ଼ିଓ ସସ୍ମିତା ବେହେରା, ପଂଚାୟତ ସମିତି ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ ମିଶ୍ର, ତହସିଲଦାର ପ୍ରିୟାଙ୍କପ୍ରିୟଦର୍ଶିନୀ ପତି, ଥାନା ଅଧିକାରୀ ଗିତା ବେହେରା, ସ୍ଥାନୀୟ ସରପଂଚ ଓ ଜନପ୍ରତିନିଧି ପ୍ରମୁଖ ଦୁଃଖଦ ସମୟରେ ଥିବା ଏହି ପରିବାରକୁ ଆଜି ଭେଟିଥିଲେ । ସ୍ଥାନୀୟ ସରପଂଚ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା, ତହସିଲଦାର ରେଡକ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା, ବ୍ଲକ ପ୍ରଶାସନ ପକ୍ଷରୁ ଶୁଖିଲା ଖାଦ୍ୟ ଓ ଚାଉଳ ସହାୟତା ପ୍ରଦାନ କରି ଫେରିଛନ୍ତି । ସେହିପରି ଖବର ପାଇ ବିଳମ୍ବିତ ରାତିରେ ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ପ୍ରତିନିଧି ଦିବାକର ଛାବେଲ ପରିବାର ନିକଟରେ ପହଂଚି ମୃତ ମହିଳାଙ୍କ ସ୍ୱାମୀ ଓ ଛୋଟ ପିଲାଙ୍କୁ ଶାନ୍ତ୍ୱନା ଦେବା ସମେତ ସମବେଦନା ଜଣାଇଥିଲେ ।

ଟିକାବାଲିରେ ବାତ୍ୟା ଅର୍ଣ୍ଣବର ବିପର୍ଯ୍ୟୟ ଓ ସାଲୁଙ୍କି ନଦୀ ପରିଦର୍ଶନ କଲେ ମନ୍ତ୍ରୀ ରବି ନାରାୟଣ ନାୟକ

ଟିକାବାଲି, ୨୯/୧୦ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକରେ ଆଜି ପଂଚାୟତ ରାଜ ମନ୍ତ୍ରୀ ରବିନାରାୟଣ ନାୟକ ପହଂଚି ବିଭିନ୍ନ ଅଂଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଦୀର୍ଘ ଦୁଇଦିନ ଧରି ଅବିଶ୍ରାନ୍ତ ବର୍ଷା ଯୋଗୁଁ ଟିକାବାଲି ଅଂଚଳକୁ ଯାତାୟାତ ସେବା ଠୋପ ହୋଇଥିବା ଜଣାପଡିଛି । ସୂଚନା ଅନୁସାରେ ଟିକାବାଲିରେ ସାଲୁଙ୍କି ନଦୀ ଶଙ୍କଉପରେ ବର୍ଷା ଜଳ ଦୁଇରୁ ତିନିଫୁଟ ଉଚ୍ଚରେ ଜଳ ନିଷ୍କାସନ ହେଉଥିବା ଯୋଗୁଁ, କଟିମାହା, ବଡ଼ିମୁଣ୍ଡା, ଦୁର୍ବିନାୟୁ, ଗାର୍ଡିଙ୍ଗିଆ, ପାବୁରିଆ ଅଂଚଳର ଜନସାଧାରଣ ବହୁ ଅସୁବିଧା ଭୋଗ କରୁଛନ୍ତି । ଟିକାବାଲି ବ୍ଲକ ହେଉଛି ଅଂଚଳ ପାଇଁ ଏକ ରାଜଧାନୀ, ପ୍ରତି ଦିନ ଏହି ଅଂଚଳକୁ ଶହ ଶହ ଲୋକ ଆସନ୍ତି ଏବଂ ନିଜର ନିତ୍ୟ ବ୍ୟବହାର ଅତି ଆବଶ୍ୟକ ସାମଗ୍ରୀ ଓ ଅଫିସିଆଲ, କାମ, ସ୍କୁଲ, କଲେଜ, ସ୍ୱାସ୍ଥ୍ୟ ସେବା,ସହିତ ଜିଲ୍ଲା ମୁଖ୍ୟକାର୍ଯ୍ୟାଳୟକୁ ଏହି ରାସ୍ତା ଦେଇ ଗମନା ଗମନ କରନ୍ତି । କିନ୍ତୁ ଆଜି ବାତ୍ୟା ଅର୍ଣ୍ଣବର ଯେଉଁ କରାଳ ରୂପ ନେଇଛି ଯାହାରୀ ଫଳରେ ଧନ ଜୀବନ ପ୍ରତିବିପତି ବଢିବା ସହିତ ଏହି ଅଂଚଳକୁ ସଂଯୋଗ କରିବା ପାଇଁ ଯେଉଁ ଏକ ଶଙ୍କ ଅଛି ତାହା ଅତି ଛୋଟ ଏବଂ ସଂକର୍ଣ୍ଣ ହେତୁ ପ୍ରତି ଦିନ ଏହି ଶଙ୍କ ରାସ୍ତା ଦେଇ ଯାତାୟତ କରୁଥିବା ବିଛିନ୍ନ ହୋଇ ପଡିଛି । ଏହାକୁ ନେଇ ଅଂଚଳ ବାସୀ ପ୍ରଶାସନକୁ ବହୁ ବାର ବଡ଼ ଶଙ୍କ ନିର୍ମାଣ ପାଇଁ ଅଭିଯୋଗ କରିଥିଲେ ସୁଧା ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକ୍ଷମ ହୋଇ ପାରୁନି ବୋଲି ଆଜି ଅଂଚଳର ଜନସାଧାରଣ ଏହି କଷ୍ଟ ଭୋଗିବାକୁ ପଡୁଛି । ଏହି ପରିପେକ୍ଷୀରେ ଏହି ବାତ୍ୟା ଅର୍ଣ୍ଣବର ସ୍ଥିତି ନିରୀକ୍ଷଣ ପାଇଁ ଆସିଥିବା ମନ୍ତ୍ରୀ ରବି ନାରାୟଣ ନାୟକ ନିଜେ ଦେଖିବା ପରେ ବହୁତ ଦୁଃଖ ପ୍ରକାଶ କରି କହିଛନ୍ତି, ଯେ ଏହାର ସମାଧାନ ଅତିଶୀଘ୍ର କରାଯିବ ଏବଂ ନିକଟରେ ନିର୍ମାଣ ଧୀନ ଥିବା ମେଗା ପ୍ରକଳ୍ପକୁ ମନ୍ତ୍ରୀ ପରିଭ୍ରମଣ କରି ଆସନ୍ତା ୨୦୨୭ ବେଳକୁ ଅଂଚଳ ବାସୀଙ୍କୁ ସୁଧ ପାନୀୟ ଜଳ ଯୋଗାଣ ନିଶ୍ଚିତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ମନ୍ତ୍ରୀଙ୍କ ଏହି ପରିଦର୍ଶନ ବେଳେ ଉପସ୍ଥିତ ଥିଲେ, କନ୍ଧମାଳ ଜିଲ୍ଲା ସଭାପତି ବିଜେପି ପଣ୍ଡିତ କୁମାର ବିଶିମାଝୀ, ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ, ଟିକାବାଲି ସମିତି ଅଧ୍ୟକ୍ଷ ଦିଲୀପ କଂହର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟିକାବାଲି, ବିଷ୍ଣୁ ଗୋବିନ୍ଦ, ତହସିଲଦାର ଟିକାବାଲି ହରିଶ୍ଚନ୍ଦ୍ର ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ଟିକାବାଲି ରୁଦ୍ର ନାରାୟଣ ମାଝୀ, ଗ୍ରାମୀଣ ଜଳ ଯୋଗାଣ ଯନ୍ତ୍ରୀ ଅସିତ ସୁନ୍ଦର ରାୟ, ବିଜେପି ସାଧାରଣ ସମ୍ପାଦକ ଟିକାବାଲି ମଣ୍ଡଳ ରାଜ କିଶୋର ପ୍ରଧାନ, ସମେତ ଅଂଚଳର ପ୍ରମୁଖ ବ୍ୟକ୍ତି ବିଶେଷଗଣ ଉପସ୍ଥିତ ଥିଲେ ।

ହାଟଡ଼ିହି ତହସିଲରେ ପଲିଥିନ ଚୋରି ଅଭିଯୋଗ

ହାଟଡିହୀ, ୨୯/୧୦ (ଆ.ପ୍ର) : କେନ୍ଦୁଝର ଜିଲା ହାଟଡିହୀ ତହସିଲ କାର୍ଯ୍ୟାଳୟରୁ ୧୫୦ଟି ପଲିଥିନ୍ ଚୋରି ଘଟଣାର ଦୁଇ ଦିନ ପରେ ଥାନାରେ ଅଭିଯୋଗ ହେବାକୁ ନେଇ ସନ୍ଦେହ ଉପୁଜିଛି । ମିଳିଥିବା ସୂଚନା ଅନୁସାରେ, ଗତ ଅକ୍ଟୋବର ୨୬ ତାରିଖରେ ଚୋରି ହୋଇଥିବାବେଳେ ୨୮ ତାରିଖ ରାତି ନନ୍ଦିପଡା ଥାନାରେ ଅଭିଯୋଗ ହୋଇଛି । ପୋଲିସ କେସ୍ ନଂ ୩୯୨/୨୦୨୬ ପଞ୍ଜୀକରଣ କରି ଅନୁଧ୍ୟାନ ଆରମ୍ଭ କରିଛି । ତେବେ ଦୁଇ ଦିନର ବିଳମ୍ବରେ ଅଭିଯୋଗ ହେବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସବୁଠୁ ବଡ଼ ଆଶ୍ଚର୍ଯ୍ୟ ଏବଂ ପରିତାପର ବିଷୟ ହେଉଛି ତହସିଲର ଷ୍ଟୋର ରୁମ୍‌ର ତାଲା ଭାଙ୍ଗିନାହିଁ । ତାଲା ଅକ୍ଷତ ଥିବା ବେଳେ ଭିତରୁ ପଲିଥିନ ଗାଏବ ହୋଇଛି । ଏହା ବାହାର ଚୋର କାମ ନୁହେଁ, ଭିତର ଲୋକଙ୍କ ହାତ ଅଛି ବୋଲି ସନ୍ଦେହ ପ୍ରକାଶ କରାଯାଉଛି । ଅପରପକ୍ଷେ ଏହି ଚୋରି ପଛରେ ବଡ ଦୁର୍ନୀତି ଲୁଚିଛି । ପଲିଥିନ୍ ଗୁଡ଼ିକୁ ଆଗରୁ ଲୁଚାଣିଆ ଭାବେ ବିକ୍ରି କରି ଦିଆଯାଇଛି । ଏବେ ଯାଂଚ ଡରରେ ଚୋରିର ନାଟକ କରି ନିଜକୁ ବଂଚାଇବାକୁ ଥାନାରେ ଏତଲା ଦିଆଯାଇଛି ବୋଲି ଆଲୋଚନାର ମୁଖ୍ୟ ପ୍ରସଙ୍ଗ ସାଜିଛି । ଯଦି ସତରେ ଚୋରି ହୋଇଛି, ତେବେ ୨୬ ତାରିଖରେ ସିସିଟିଭି ଫୁଟେଜ କେଉଁଠି? ତହସିଲ ପରି ସୁରକ୍ଷିତ ସ୍ଥାନରୁ ବସ୍ତା ବସ୍ତା ପଲଥିନ୍ କିଏ ନେଲା ଆଉ କେହି ଦେଖିଲେ ନାହିଁ କେମିତି ? ତେବେ ପୋଲିସ ତଦନ୍ତ କାହାରେ ଲୁଚାଇବ ନା ସତ ସାମ୍ନାକୁ ଆଣିବ, ତାହା ଦେଖିବାକୁ ବାକି ରହିଲା । ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି, ତହସିଲ ପକ୍ଷରୁ ତୁରନ୍ତ ଅଭିଯୋଗ କରା ନ ଯାଇ ଘଟଣା ଘଟିବାର ୪୮ ଘଂଟା ପରେ ଅଭିଯୋଗ କରାଯାଇଛି । ନାଜିରଙ୍କ ଅଭିଯୋଗ ଅନୁସାରେ ତାଲା ଭାଙ୍ଗିନି, କିନ୍ତୁ ଜଣ୍ଡିର ହୁଗୁଳା ବା ଢିଲା ଥିବାର ସୁଯୋଗ ନେଇ ଚୋରି ହୋଇଛି । ଯାହାକି ସନ୍ଦେହ ସୃଷ୍ଟି କରୁଛି । ତଦନ୍ତ ଆରମ୍ଭ ହୋଇଛି । ପରେ ସତ୍ୟତା ଧରାପଡ଼ିବ । ହାଟଡିହୀ ତହସିଲଦାର ସଞ୍ଜୟ ସାମନ୍ତରାୟ ଅସନ୍ତୋଷ ପ୍ରକାଶ କରି କହିଛନ୍ତି ଯେ, ମୁଁ ଏକ ସରକାରୀ କାର୍ଯ୍ୟରେ ଦୁଇ ଦିନ ହେବ ବାହାରେ ଥିଲି । କିନ୍ତୁ ଚୋରି ହେବା ନେଇ ମତେ କୌଣସି କର୍ମଚାରୀ ଜଣାଇ ନ ଥିଲେ । ଅଫିସରେ ବୁଧବାର ପହଂଚିବା ପରେ ଘଟଣା ବାବଦରେ ଜାଣିଲି । ତୁରନ୍ତ ନାଜିରଙ୍କୁ ଥାନାରେ ଅଭିଯୋଗ କରିବାକୁ କହିବା ସହ ଆନନ୍ଦପୁର ଏସ୍ ?ଡିପିଓ କମଳ କୁମାର ପଣ୍ଡାଙ୍କୁ ଜଣାଇଛି ।ବିଭାଗୀୟ ତଦନ୍ତ ପାଇଁ ଏକ ଟିମ୍ ମଧ୍ୟ ଗଠନ ହୋଇଛି । ତହସିଲରେ ସିସିଟିଭି କ୍ୟାମେରା ନାହିଁ ।

ଲୁଙ୍ଗା କୁରୁଦା ସେବା ସମବାୟ ସମିତିରେ ଅନିୟମିୟତା ଅଭିଯୋଗ, ଉଚ୍ଚ ଅଧିକାରୀଙ୍କ ତଦନ୍ତ

ବାସୁଦେବପୁର, ୨୯/୧୦ (ଆ.ପ୍ର) : ଚାଷୀଙ୍କ ସ୍ୱାର୍ଥ ପାଇଁ ଗଠିତ ସେବା ସମବାୟ ସମିତିରେ ଅନିୟମିୟତା ଅଭିଯୋଗ ! ସମିତିର ସେକ୍ରେଟାରୀଙ୍କ ନାମରେ ସଙ୍ଗିନ ଅଭିଯୋଗ ଆଣିଛନ୍ତି ଚାଷୀ । ଘଟଣାକୁ ନେଇ ଏଆରସିଏସ୍, ଭଦ୍ରକଙ୍କ ନିକଟରେ ଲିଖିତ ଅଭିଯୋଗ ପରେ ଆଜି ତଦନ୍ତ କରିଛନ୍ତି ଉପରିସ୍ଥ ଅଧିକାରୀ । ଅନ୍ୟପକ୍ଷରେ, ନିଜ ବିରୋଧରେ ଆସିଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି ସେକ୍ରେଟାରୀ । ତେବେ ତଦନ୍ତ ପରେ ସତ ସାମ୍ନାକୁ ଆସିବ ନା ଚାଷୀଙ୍କ ଅଭିଯୋଗ ରହିଯିବ ଅଭିଯୋଗରେ ଚାଷୀଙ୍କୁ ସରକାରୀ ଯୋଜନାର ସୁବିଧା ଯୋଗାଇଦେବା ଏବଂ କୃଷି କ୍ଷେତ୍ରର ବିକାଶରେ ସହଯୋଗ କରିବା ହେଉଛି ସେବା ସମବାୟ ସମିତିର ପ୍ରମୁଖ ଉଦ୍ଦେଶ୍ୟ । ହେଲେ ଯେଉଁ ସମିତି ଉପରେ ଚାଷୀଙ୍କ ସ୍ୱାର୍ଥ ସୁରକ୍ଷାର ଦାୟିତ୍ୱ ରହିଛି, ସେଠାରେ ଅନିୟମିତତା ଅଭିଯୋଗ ଉଠିବା ପରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ଭଦ୍ରକ ଜିଲ୍ଲାର ଲୁଙ୍ଗା କୁରୁଦା ସେବା ସମବାୟ ସମିତିରେ ଏଭଳି ଅନିୟମିତତା ହେଉଥିବା ଅଭିଯୋଗ ଆଣିଛନ୍ତି କିଛି ଚାଷୀ ।ଚାଷୀଙ୍କ ଅଭିଯୋଗକୁ ନେଇ ଘଟଣାଟି ଗୁରୁତ୍ୱ ନେଇଥିବା ବେଳେ ଆଜି ଏହାର ତଦନ୍ତ କରିଛନ୍ତି ଉପରିସ୍ଥ ଅଧିକାରୀ । ତଦନ୍ତ ମାଧ୍ୟମରେ ଅଭିଯୋଗର ସତ୍ୟତା ଯାଂଚ କରାଯିବା ସହ ସମିତିର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇଛି । ଅଭିଯୋଗକାରୀ ଚାଷୀଙ୍କ ଦାବି, ଘଟଣାର ନିରପେକ୍ଷ ତଦନ୍ତ କରାଯାଉ । ଯଦି ଅନିୟମିତତା ହୋଇଥିବା ପ୍ରମାଣିତ ହୁଏ, ତେବେ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ ପଦକ୍ଷେପ ନିଆଯାଉ । ଏହାଦ୍ୱାରା ଚାଷୀଙ୍କ ସ୍ୱାର୍ଥ ସୁରକ୍ଷିତ ରହିବା ସହ ସମବାୟ ବ୍ୟବସ୍ଥା ଉପରେ ସେମାନଙ୍କ ଆସ୍ଥା ବଜାୟ ରହିପାରିବ ।ଅନ୍ୟପକ୍ଷରେ, ନିଜ ବିରୋଧରେ ଆସିଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି ସମିତିର ସେକ୍ରେଟାରୀ । ସେ କହିଛନ୍ତି, ସେ କୌଣସି ଭୁଲ୍ କରିନାହାନ୍ତି । ତେଣୁ ଗୋଟିଏ ପଟେ ଚାଷୀଙ୍କ ଅଭିଯୋଗ ଏବଂ ଅନ୍ୟପଟେ ସେକ୍ରେଟାରୀଙ୍କ ସଫେଇ ମଧ୍ୟରେ ଏବେ ତଦନ୍ତର ଫଳାଫଳକୁ ଅପେକ୍ଷା କରାଯାଉଛି । ତେବେ ଅଭିଯୋଗର ସତ୍ୟତା କେତେ ତଦନ୍ତ ପରେ କାହାର ଦୋଷ ସାମ୍ନାକୁ ଆସୁଛି ଏବଂ ଚାଷୀଙ୍କୁ ନ୍ୟାୟ ମିଳୁଛି କି ନାହିଁ ? ଏସବୁ ଦିଗ ଉପରେ ଏବେ ନଜର ରହିଛି ।

ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ତାରବେଲ ନିକଟରେ ଭୂସ୍ଖଳନ, ୪ ଘଂଟା ପରେ ଯାତାୟାତ ସ୍ୱାଭାବିକ

ଗୁଣପୁର, ୨୯/୧୦ (ଆ.ପ୍ର) : ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ରାୟଗଡ଼ା ଜିଲ୍ଲାର ଗୁଣପୁର ବ୍ଲକ ସଗଡ଼ା ପଂଚାୟତ ଅନ୍ତର୍ଗତ ତାରବେଲ ଗ୍ରାମ ନିକଟରେ ଭୂସ୍ଖଳନ ଘଟି ରାସ୍ତା ଅବରୋଧ ହୋଇଥିଲା । ଫଳରେ ରାୟଗଡ଼ା ଓ ଗଜପତି ଜିଲ୍ଲା ମଧ୍ୟରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । ତେବେ ପ୍ରଶାସନର ତ୍ୱରିତ ପଦକ୍ଷେପ ଯୋଗୁଁ ପ୍ରାୟ ୪ ଘଂଟା ପରେ ରାସ୍ତା ଅବରୋଧ ହଟିବା ସହ ଯାତାୟାତ ସ୍ୱାଭାବିକ ହୋଇଛି । ତାରବେଲ ଗ୍ରାମରୁ ଗଜପତି ଜିଲ୍ଲାକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମିତ ରାସ୍ତା ଉପରେ ପାହାଡ଼ରୁ ମାଟି ଓ ପଥର ଖସି ପଡ଼ିବାରୁ ରାସ୍ତା ବନ୍ଦ ହୋଇଯାଇଥିଲା । ଏହାଦ୍ୱାରା ଗୁଣପୁର ବ୍ଲକର ପୁଟାସିଂ ଓ ସଗଡ଼ା ଅଂଚଳ ଦେଇ ଦୁଇ ଜିଲ୍ଲା ମଧ୍ୟରେ ଯାନବାହନ ଚଳାଚଳ ପ୍ରଭାବିତ ହୋଇଥିଲା । ଘଟଣା ସମ୍ପର୍କରେ ସୂଚନା ପାଇ ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଗୁଣପୁର ବ୍ଲକ, ତହସିଲ ଓ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଘଟଣାସ୍ଥଳରେ ପହଂଚି ରାସ୍ତା ଅବରୋଧ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ଗୁଣପୁର ବିଡିଓ ସ୍ୱସ୍ତିକ ଜମାଦାର, ତହସିଲଦାର ଲୀଳାବତୀ ଆଚାରୀ, ଡେପୁଟି କଲେକ୍ଟର ଶୁଭ୍ରଜିତ ରାଉତ, ରାଜସ୍ୱ କର୍ମଚାରୀ ରାବଣା ହାଇକାଙ୍କ ସମେତ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଂଚି ରାସ୍ତା ସଫା କାର୍ଯ୍ୟ ଆରମ୍ଭ କରିଥିଲେ । ପ୍ରାୟ ଚାରି ଘଂଟାର ଉଦ୍ୟମ ପରେ ରାସ୍ତାରୁ ମାଟି ଓ ପଥର ହଟାଯାଇ ଯାତାୟାତ ସ୍ୱାଭାବିକ କରାଯାଇଥିଲା । ଅନ୍ୟପକ୍ଷରେ, ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ପଡ଼ୋଶୀ ଗଜପତି ଜିଲ୍ଲାରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ଦୃଷ୍ଟିରେ ରଖି ଗୁଣପୁର ଉପଖଣ୍ଡ ପ୍ରଶାସନ ସଜାଗ ରହିଛି । ହରଭଙ୍ଗୀ ଜଳଭଣ୍ଡାରରୁ ଜଳ ନିଷ୍କାସନ ଯୋଗୁଁ ବଂଶଧାରା ନଦୀର ଜଳସ୍ତର ବୃଦ୍ଧି ପାଇଛି । ଗତକାଲି ରାତିରେ ନଦୀର ଜଳସ୍ତର ୮୩.୩୫ ମିଟରରେ ପହଂଚିଥିବା ବେଳେ ସତର୍କ ସଙ୍କେତ ୮୩.୦୦ ମିଟର ଓ ବିପଦ ସଙ୍କେତ ୮୪.୦୦ ମିଟର ରହିଛି । ଜଳସେଚନ ବିଭାଗର ସୂଚନା ଅନୁଯାୟୀ, ଗତକାଲି ଅପରାହ୍ନରୁ ହରଭଙ୍ଗୀ ଜଳଭଣ୍ଡାରରୁ ଜଳ ଛଡ଼ାଯାଉଛି ।

ଖବର ପ୍ରକାଶନ ପରେ ଖଣ୍ଡପଡ଼ା ବିଡିଓଙ୍କ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ, ପ୍ରାଚୀରରେ ଲାଗିଲା ଫାଟକ

ଖଣ୍ଡପଡା, ୨୯/୧୦ (ଆ.ପ୍ର) : ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗ୍ରାମସ୍ଥିତ ଅଙ୍ଗନୱାଡି କେନ୍ଦ୍ର ନଂ ୧, ୨ ଓ ୩ ବିଭିନ୍ନ ଅବ୍ୟବସ୍ଥା ମଧ୍ୟ ଦେଇ ଗତି କରୁଥିବା ନେଇ ଗତ ୨୬ ତାରିଖରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଖବର ପ୍ରକାଶନ ପରେ ଖଣ୍ଡପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବା ଜଣାପଡିଛି । ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ ସିଧାମୂଳା ଗ୍ରାମରେ ପହଂଚି ଅବ୍ୟବସ୍ଥା ମଧ୍ୟରେ ଚାଲିଥିବା ଉକ୍ତ ୩ ଟି ଅଙ୍ଗନବାଡି କେନ୍ଦ୍ରର ସ୍ଥିତି ଅନୁଧ୍ୟାନ କରିବା ସହ କାର୍ଯ୍ୟର ତଦାରଖ ଦାୟୀତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଓ ପଂଚାୟତ କର୍ତ୍ତୃପକ୍ଷଙ୍କୁ ସେ ସଂପର୍କରେ ପଚାରି ବୁଝିଥିଲେ । ପରେ ବିଡିଓଙ୍କ ନିର୍ଦ୍ଦେଶକ୍ରମେ ଅଙ୍ଗନବାଡି କେନ୍ଦ୍ର ସନ୍ମୁଖସ୍ଥ ବାଉଣ୍ଡ୍ରୀ ପ୍ରାଚୀରରେ ଏକ ଲୁହା ଫାଟକ ଲଗା ଯାଇଥିବା ସିଧାମୂଳା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି । ତେବେ ତୁରନ୍ତ ଉକ୍ତ ୩ ଅଙ୍ଗନବାଡି କେନ୍ଦ୍ରକୁ ବିଦ୍ୟୁତ ସଂଯୋଗୀକରଣ, ପାନୀୟ ଜଳ ଯୋଗାଣ ସହ ଅଧାରେ ଅଟକିଥିବା ରୋଷ ଘର ନିର୍ମାଣ କାର୍ଯ୍ୟ ଶେଷ ନିମନ୍ତେ ବ୍ଲକ ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସିଧାମୂଳା ଗ୍ରାମବାସୀ ଦାବି କରିଛନ୍ତି ।

ଭିନ୍ନକ୍ଷମଙ୍କୁ ଠକିବା ପଡ଼ିଲା ମହଙ୍ଗା, ବାଲିଆପାଳରେ କର୍ମଚାରୀଙ୍କ ବଦଳି ନିର୍ଦ୍ଦେଶ

ବାଲେଶ୍ୱର, ୨୯/୧୦ (ଆ.ପ୍ର) : ଭିନ୍ନକ୍ଷମଙ୍କ ଭତ୍ତାକୁ ନେଇ ଉଠିଥିବା ଅଭିଯୋଗ ପରେ ଚର୍ଚ୍ଚାରେ ବାଲିଆପାଳ ବ୍ଲକ। ତଦନ୍ତ ପରେ ପ୍ରୋଗ୍ରାମ ଆସିଷ୍ଟାଂଟ ଉମେଶ ଦାସଙ୍କ ବଦଳି ନିର୍ଦ୍ଦେଶ ଜାରି ହୋଇଥିବା ଚିଠି ସାମ୍ନାକୁ ଆସିଛି । ପୂର୍ବ ଅଭିଯୋଗ ଅନୁଯାୟୀ, ଦେଉଳୀ ଗ୍ରାମପଂଚାୟତ ଅନ୍ତର୍ଗତ ଦାନ୍ତୁଣିଆ ଗ୍ରାମର ଶତପ୍ରତିଶତ ଭିନ୍ନକ୍ଷମ ରମେଶ ବଳାଇ ପୂର୍ବରୁ ୟୁଡିଆଇଡି ସମସ୍ୟା ଯୋଗୁଁ ବର୍ଦ୍ଧିତ ଭତ୍ତାରୁ ବଂଚିତ ଥିଲେ । ପରେ ମେ' ୨୦୨୬ରୁ ରମେଶଙ୍କୁ ୩,୫୦୦ ଭତ୍ତା ଯୋଜନାରେ ସାମିଲ କରାଯାଇଥିଲା । କିନ୍ତୁ ଅଭିଯୋଗ ଅନୁଯାୟୀ, ତାଙ୍କ ଅଗୋଚରରେ ତାଙ୍କ ବ୍ୟାଙ୍କ ଖାତାକୁ ୨୫୬,୪୦୦ ପଠାଯାଇଥିଲା । ପରେ ଘଟଣା ପଦାକୁ ଆସିବା ପରେ ବିଭାଗର ପ୍ରୋଗ୍ରାମ ଆସିଷ୍ଟାଂଟ ଉମେଶ ଦାସ ନିଜର ଭୁଲ୍ ଘୋଡ଼ାଇବାକୁ ଯାଇ ରମେଶଙ୍କୁ ରେଟି ଭୁଲ୍‌ରେ ୨୫୨,୯୦୦ ଅଧିକ ଯାଇଥିବା କହିବା ସହ ବ୍ୟାଙ୍କରୁ ଟଙ୍କା ଉଠାଇ ନଗଦ ଆକାରରେ ଫେରାଇବାକୁ ସେ କହିଥିବା ଅଭିଯୋଗ ଉଠିଥିଲା । କେବଳ ରମେଶ ନୁହନ୍ତି, ବେତଗଡ଼ିଆ ଗ୍ରାମପଂଚାୟତର ଭିନ୍ନକ୍ଷମ ପୂର୍ଣ୍ଣଚନ୍ଦ୍ର ଦାସ ଏବଂ ମଧୁପୁରା ଗ୍ରାମପଂଚାୟତର ଭିନ୍ନକ୍ଷମ ହରେକୃଷ୍ଣ ଜେନାଙ୍କ କ୍ଷେତ୍ରରେ ମଧ୍ୟ ସମାନ ପ୍ରକାର ଅଧିକ ଟଙ୍କା ପ୍ରଦାନ ହୋଇଥିବା ଅଭିଯୋଗ ହୋଇଛି । ଏହି ତିନି ହିତାଧିକାରୀ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ଗ୍ରାମପଂଚାୟତରୁ ନଗଦ ଆକାରରେ ଭତ୍ତା

ପାଉଥିଲେ । ଅଭିଯୋଗ ଅନୁଯାୟୀ, ପରେ ବର୍ଦ୍ଧିତ ଭତ୍ତା ଯୋଜନାରେ ସାମିଲ କରାଯିବା ସମୟରେ ଗତ ଫେବୃଆରୀ ୨୦୨୫ରୁ ମେ' ୨୦୨୬ ପର୍ଯ୍ୟନ୍ତ ବକେୟା ଭତ୍ତା ଭାବେ ପ୍ରତ୍ୟେକଙ୍କ ବ୍ୟାଙ୍କ ଖାତାକୁ ୫୬,୪୦୦ ଲେଖାଏଁ ପଠାଯାଇଥିଲା ଓ ପରେ ନଗଦ ଟଙ୍କା ଫେରସ୍ତ ନହେବାରୁ ତିନି ହିତାଧିକାରୀଙ୍କ ଭତ୍ତା ପ୍ରଦାନକୁ ଶ୍ରୀ ଦାସ ବନ୍ଦ କରିଦେଇଥିବା ଅଭିଯୋଗ ହୋଇଛି । ତିନି ହିତାଧିକାରୀଙ୍କ ଭତ୍ତା ବନ୍ଦ ଘଟଣା ଜାଣିବା ପରେ ସାମାଜିକ କର୍ମୀ ରାଜକିଶୋର ପାତ୍ର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ । ପରେ ସାଉଡ଼ି ପଂଚାୟତ ଅନ୍ତର୍ଗତ ବୁଢ଼ୀରାଣୀ ଗ୍ରାମର ସଚେତନ ଯୁବକ ଅମର ପଟ୍ଟାୟତ ବାଲିଆପାଳ ବ୍ଲକର ଭତ୍ତା ବିଭାଗର ଅବ୍ୟବସ୍ଥା ଏବଂ କର୍ମଚାରୀଙ୍କ ଦୁର୍ନୀତିରେ ସାମିଲ ଥିବା ନେଇ ମୁଖ୍ୟମନ୍ତ୍ରୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସଚିବ ଏବଂ ବାଲେଶ୍ୱର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ତେବେ ପ୍ରଶାସନ ପକ୍ଷରୁ ତଦନ୍ତ ପରେ ପ୍ରୋଗ୍ରାମ ଆସିଷ୍ଟାଂଟ ଉମେଶ ଦାସଙ୍କ ଅନ୍ୟତ୍ର ବଦଳି ନିର୍ଦ୍ଦେଶ ଆଜି ଆସିଥିବା ଜଣାପଡ଼ିଛି । ଏହି ବଦଳି ନିର୍ଦ୍ଦେଶ ଖବର ଶୁଣି କିଛି ଲୋକପ୍ରତିନିଧି ଶ୍ରୀ ଦାସଙ୍କ ପାଇଁ ଦୁଃଖ ପ୍ରକାଶ କରିଥିବା ଦେଖିବାକୁ ମିଳିଛି । ବଦଳି ନିର୍ଦ୍ଦେଶକୁ କିପରି ବାତିଲ କରାଯାଇପାରିବ, ସେଥିପାଇଁ ମସୁଧା ଚାଲିଥିବା ମଧ୍ୟ ଶୁଣିବାକୁ ମିଳୁଛି । ତେବେ ଏଠାରେ ପ୍ରଶ୍ନ ଉଠୁଛି, ଭିନ୍ନକ୍ଷମଙ୍କୁ ନ୍ୟାୟ ଦେବା ପାଇଁ ଏହି ଲୋକପ୍ରତିନିଧିମାନେ ଏକଜୁଟ ନହୋଇ ଅଭିଯୋଗରେ ନାମ ଆସିଥିବା ଶ୍ରୀ ଦାସଙ୍କ ପାଇଁ ଏତେ ଦରଦ କାହିଁକି ? ତିନି ହିତାଧିକାରୀଙ୍କ ଭତ୍ତା କେଉଁ ନିୟମ ଆଧାରରେ ବନ୍ଦ କରାଯାଇଛି ? ହିତାଧିକାରୀମାନେ ନିୟମିତ ଭତ୍ତା ଟଙ୍କା ପାଇବେ କେବେ ?

ରାସ୍ତା ନିର୍ମାଣ ଦାବିରେ ଆଂଚଳିକ ସୁରକ୍ଷା ମଂଚର ରାସ୍ତାରୋକ : ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

ବାଲେଶ୍ୱର, ୨୯/୧୦ (ଆ.ପ୍ର) : ବଙ୍ଗରା ରେଳ ଫାଟକ ଠାରୁ ପଛୁଡ଼ିଆ ପର୍ଯ୍ୟନ୍ତ ରାସ୍ତାର ତୁରନ୍ତ ମରାମତି ଓ ସ୍ଥାୟୀ ନିର୍ମାଣ ଦାବିରେ ଆଂଚଳିକ ସୁରକ୍ଷା ମଂଚ ପକ୍ଷରୁ ବୁଧବାର ସଦର ବ୍ଲକ ଅନ୍ତର୍ଗତ ରେମୁଣି ଗ୍ରାମପଂଚାୟତର ପଳାସପୁର ଛକ ଠାରେ ରାସ୍ତାରୋକ କରାଯାଇଥିଲା । ସକାଳ ୬ଟାରୁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ଜିଲ୍ଲା ପ୍ରଶାସନର ପ୍ରତିଶ୍ରୁତି ପରେ ଅପରାହ୍ନରେ ପ୍ରତ୍ୟାହୃତ ହୋଇଥିଲା । ମଂଚର ସଭାପତି କମଳ ଲୋଚନ ରାଉତଙ୍କ ନେତୃତ୍ୱରେ ଆୟୋଜିତ ଏହି ଆନ୍ଦୋଳନରେ ସଂଗଠନର କର୍ମକର୍ତ୍ତାଙ୍କ ସମେତ ବହୁ ସ୍ଥାନୀୟ ବାସିନ୍ଦା ସାମିଲ ହୋଇଥିଲେ । ଖାନନଗର, କୁରୁଡ଼ା, କରଞ୍ଜିଆ, ସାରଙ୍ଗା, ଶାସଙ୍ଗ ଓ ବରୁଣସିଂ ଆଦି ପଂଚାୟତକୁ ସଂଯୋଗ କରୁଥିବା ଏହି ରାସ୍ତା ସଦର ଓ ରେମୁଣା ବ୍ଲକର ଏକ ପ୍ରମୁଖ ଯାତାୟାତ ମାର୍ଗ । ଏହାର ଦୀର୍ଘଦିନ ଧରି ମରାମତି ଓ ନିର୍ମାଣ ନହେବା ପ୍ରଶାସନିକ ଅବହେଳାର ପରିଚୟ ବୋଲି ଶ୍ରୀ ରାଉତ କହିଥିଲେ । ସମ୍ପ୍ରତି ହୋଇଥିବା ପ୍ରଳୟଙ୍କରୀ ବନ୍ୟାରେ ସାଇଁ ପୋଲ ନିକଟରେ ମୁଖ୍ୟ ରାସ୍ତାର ଅଧାରୁ ଅଧିକ ଅଂଶ ଧୋଇ ହୋଇଯାଇଥିବାରୁ ଏହା ବର୍ତ୍ତମାନ ବିପଦସଙ୍କୁଳ ଅବସ୍ଥାରେ ରହିଛି । ଫଳରେ ଏହି ରାସ୍ତାରେ ଯାତାୟାତ କରିବା ସାଧାରଣ ଲୋକଙ୍କ ପାଇଁ ବିପଦପୂର୍ଣ୍ଣ ହୋଇପଡ଼ିଛି । ବନ୍ୟା ପରେ ରାସ୍ତାର ମରାମତି ଓ ସ୍ଥାୟୀ ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇ ନଥିବାରୁ ଅଂଚଳବାସୀ ଦୀର୍ଘ ଦୁଇ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଦୁର୍ଦ୍ଦଶା ଭୋଗୁଥିବା ଅଭିଯୋଗ ହୋଇଛି । ନିକଟସ୍ଥ ଇରିଗେସନ ବିଭାଗର ଏକ ଛୋଟ ବନ୍ଧ ନିର୍ମାଣ କାର୍ଯ୍ୟର ନିମ୍ନମାନ ଯୋଗୁଁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ନେଇ ସ୍ଥାନୀୟ ଅଂଚଳରେ ଆଲୋଚନା ହେଉଛି । ଏହି ଅଭିଯୋଗର ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ସରକାରୀ ଅର୍ଥର ବିନିଯୋଗ ଏବଂ ରାସ୍ତା କ୍ଷତି ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆଇନାନୁଯାୟୀ ପଦକ୍ଷେପ ନେବାକୁ ମଂଚ ଦାବି କରିଛି । ଆନ୍ଦୋଳନ ଚାଲିଥିବା ସମୟରେ ଅପରାହ୍ନ ପ୍ରାୟ ୧ଟାରେ ଜିଲ୍ଲା ପ୍ରଶାସନର ଏକ ପ୍ରତିନିଧି ଦଳ ଘଟଣାସ୍ଥଳରେ ପହଂଚି ରାସ୍ତାର ବିଭିନ୍ନ ଅଂଶର ସ୍ଥିତି ଅନୁଧ୍ୟାନ କରିଥିଲେ । ରାସ୍ତା ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନକାରୀ ମାନେ ରାସ୍ତାରୋକ ପ୍ରତ୍ୟାହାର କରିଥିଲେ । ଏହି ଆନ୍ଦୋଳନରେ ମଂଚର ଉପସଭାପତି ରଞ୍ଜନ ଦାସ, ବରିଷ୍ଠ ସମାଜସେବୀ ରବୀନ୍ଦ୍ର ମହାନ୍ତି, ସୁଦର୍ଶନ ସ୍ୱାଇଁ, ଜିତେନ୍ଦ୍ର ରାଉତ, ନିରଞ୍ଜନ ଦାସ, ନାରାୟଣ ପଣ୍ଡା, ଗିରିଧାରୀ ଖିଲାର, ସନ୍ନ୍ୟାସୀ ପାତ୍ର, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ତ୍ରିଲୋଚନ ବେହେରା, ଯୁଗେଶ୍ୱର ପାତ୍ର, ହରେନ୍ଦ୍ର ମହାଳିକ, ଅଶୋକ କୁମାର ପାତ୍ର, ସମାଜସେବୀ କଟ ପରିଡ଼ା ଓ ଜୟନ୍ତ କୁମାର ଆଚାର୍ଯ୍ୟଙ୍କ ସମେତ ବହୁ ସାମାଜିକ କର୍ମୀ ଓ ସ୍ଥାନୀୟ ବାସିନ୍ଦା ଯୋଗଦେଇଥିଲେ ।

ଜଳେଶ୍ୱର ନାବାଳିକା ମାମଲା: ବାଲେଶ୍ୱରରେ ଓଏସସିପିସିଆର୍ ଅଧ୍ୟକ୍ଷାଙ୍କ ସମୀକ୍ଷା, ପୀଡ଼ିତ ପରିବାରକୁ ଭେଟିଲେ

ବାଲେଶ୍ୱର, ୨୯/୧୦ (ଆ.ପ୍ର) : ଜଳେଶ୍ୱର ଅଂଚଳରେ ଜଣେ ନାବାଳିକାଙ୍କ ସହ ଦୁଷ୍କର୍ମ ଓ ପରବର୍ତ୍ତୀ ହତ୍ୟା ଅଭିଯୋଗ ସମ୍ପର୍କିତ ଘଟଣାକୁ ନେଇ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର ଓ ସଦସ୍ୟା ସୁଜାତା ନାୟକ ବୁଧବାର ବାଲେଶ୍ୱର ଜିଲ୍ଲା ଗସ୍ତ କରି ମାମଲାର ସମୀକ୍ଷା କରିଛନ୍ତି । ଉଭୟେ ପୂର୍ବାହ୍ନ ପ୍ରାୟ ୧୧ଟାରେ ବାଲେଶ୍ୱର ସର୍କିଟ୍ ହାଉସ୍‌ରେ ପହଂଚି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ସହ ମାମଲା ସମ୍ପର୍କରେ ଆଲୋଚନା କରିଥିଲେ । ତଦନ୍ତର ଅଗ୍ରଗତି, ଗ୍ରହଣ କରାଯାଇଥିବା ଆଇନଗତ ପଦକ୍ଷେପ ଏବଂ ପୀଡ଼ିତାଙ୍କ ପରିବାରକୁ ଦିଆଯାଇଥିବା ସହାୟତା ବିଷୟରେ ସେମାନେ ତଥ୍ୟ ନେଇଥିଲେ । ପରେ ଆୟୋଗର ଅଧ୍ୟକ୍ଷା ଓ ସଦସ୍ୟା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଖୁସିରାମ ଗହୀର ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ଉପସ୍ଥିତିରେ ପୀଡ଼ିତାଙ୍କ ପରିବାରବର୍ଗଙ୍କୁ ଭେଟିଥିଲେ । ପରିବାର ସଦସ୍ୟଙ୍କ ସହ ଆଲୋଚନା କରି ସେମାନଙ୍କ ବର୍ତ୍ତମାନର ସ୍ଥିତି ଓ ଆବଶ୍ୟକତା ସମ୍ପର୍କରେ ଅବଗତ ହୋଇଥିଲେ । ଏହାପରେ ଆୟୋଗର ପ୍ରତିନିଧିମାନେ ଘଟଣାସ୍ଥଳ ପରିଦର୍ଶନ କରିଥିଲେ । ସେଠାରେ ଉପସ୍ଥିତ ଅଧିକାରୀଙ୍କଠାରୁ ଘଟଣା ସମ୍ପର୍କିତ ପରିସ୍ଥିତି ଓ ଉପଲବ୍ଧ ତଥ୍ୟ ସଂଗ୍ରହ କରିଥିଲେ । ଅପରାହ୍ନ ୪ଟାରେ ବାଲେଶ୍ୱର ସର୍କିଟ୍ ହାଉସ୍‌ରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର, ସଦସ୍ୟା ସୁଜାତା ନାୟକ, ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଖୁସିରାମ ଗହୀର, ଏସଜେପିୟୁ/ଡିଏସପି ନିର୍ମଳା ଭଟ୍ଟାଚାର୍ଯ୍ୟଙ୍କ ସମେତ ସମ୍ପୃକ୍ତ ଅଧିକାରୀମାନେ ଯୋଗ ଦେଇଥିଲେ । ବୈଠକରେ ମାମଲାର ବିଭିନ୍ନ ଦିଗ, ତଦନ୍ତର ଅଗ୍ରଗତି, ପୀଡ଼ିତାଙ୍କ ପରିବାରକୁ ଆବଶ୍ୟକ ସହାୟତା ଏବଂ ଶିଶୁ ସୁରକ୍ଷା ସମ୍ପର୍କିତ ପଦକ୍ଷେପ ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ଆଇନ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ଗ୍ରହଣ ସହ ଶିଶୁର ସର୍ବୋତ୍ତମ ସ୍ୱାର୍ଥ ଓ ପରିବାରକୁ ଆବଶ୍ୟକ ସହଯୋଗ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ସମୀକ୍ଷା ବୈଠକ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଶେଷ କରି ଆୟୋଗର ଅଧ୍ୟକ୍ଷା ଓ ସଦସ୍ୟା ସନ୍ଧ୍ୟା ପ୍ରାୟ ୬ଟାରେ ବାଲେଶ୍ୱରରୁ ଭୁବନେଶ୍ୱର ଅଭିମୁଖେ ପ୍ରସ୍ଥାନ କରିଥିଲେ ।

ଲଗାଣବର୍ଷାର ପ୍ରଖର ଝରଣାଜଳରେ ବୁଡ଼ିଲା ବାବା ପଂଚଲିଙ୍ଗେଶ୍ୱର ଶୈବପୀଠ

ନୀଳଗିରି, ୨୯/୧୦ (ଆ.ପ୍ର) : ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଂଚଲିଙ୍ଗେଶ୍ୱରଙ୍କ ଶୈବପୀଠର ପୂଜାମଣ୍ଡପ ଲଗାଣବର୍ଷାରେ ବୁଡ଼ିଥିବା ଦେଖିବାକୁ ମିଳିଛି । ବାବା ପଂଚଲିଙ୍ଗେଶ୍ୱରଙ୍କ ଉପରେ ଝରଣାର ପ୍ରଖରସ୍ରୋତ ରେ ଜଳପ୍ରବାହିତ ହେଉଥିବାରୁ ସାଧାରଣଦର୍ଶନ ଓ ସ୍ପର୍ଶ ବନ୍ଦ ରହିଛି । ମଣ୍ଡପଉପରେ ମଧ୍ୟ ଆଣ୍ଠୁଏ ଉଚ୍ଚର ଲଗାଣବର୍ଷାର ଜଳ ପ୍ରବାହିତ ହେଉଛି । ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ଦୃଷ୍ଟିରେରଖି ଉପରେ ଭଜନାଗାରେ ଶିବଙ୍କ ଆରାଧନା ହେଉଥିବା ବେଳେ, ଲିଙ୍ଗଦର୍ଶନ ଓ ସ୍ପର୍ଶ ବନ୍ଦ କରାଯାଇଛି ।

ବିଶାଖାପାଟଣା ଡିଭିଜନରେ ଜଳବନ୍ଦୀ

ବାଲେଶ୍ୱର, ୨୯/୧୦ (ଆ.ପ୍ର) : ବିଶାଖାପାଟଣା ରେଳ ଡିଭିଜନରେ ପ୍ରବଳ ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ରେଳ ଚଳାଚଳ ବ୍ୟାହତ ହୋଇଥିବାବେଳେ ବାଲେଶ୍ୱର (ବିଏଲ୍‌ଏସ୍), ସୋର ସମେତ ବିଭିନ୍ନ ଷ୍ଟେସନରେ ଟ୍ରେନ୍‌ଗୁଡ଼ିକୁ ଅଟକାଇ ରଖାଯାଇଛି । ଫଳରେ ଯାତ୍ରୀମାନେ ଯାତ୍ରା ଜାରି ରଖିବାରେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ପରିସ୍ଥିତିକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ପର୍ଯ୍ୟନ୍ତ ଯାତ୍ରା କରିବାକୁ ଥିବା ଯାତ୍ରୀଙ୍କ ସୁବିଧା ପାଇଁ ଧଉଳି ଏକ୍ସପ୍ରେସ୍‌ରେ ଏକ ଅତିରିକ୍ତ ଶୟନଯାନ (ସ୍ଲିପର୍ କୋଚ୍) ଯୋଡ଼ାଯାଇଛି । ଏହାଦ୍ୱାରା ଗନ୍ତବ୍ୟସ୍ଥଳରେ ପହଂଚିବାକୁ ଅପେକ୍ଷାରତ ଯାତ୍ରୀମାନେ ବିକଳ୍ପ ଯାତ୍ରା ସୁବିଧା ପାଇପାରିବେ । ଅନ୍ୟପକ୍ଷରେ, ବିଭିନ୍ନ ଷ୍ଟେସନରେ ଅଟକି ରହିଥିବା ଯାତ୍ରୀଙ୍କ ପାଇଁ ପର୍ଯ୍ୟାପ୍ତ ଖାଦ୍ୟ ପ୍ୟାକେଟ୍ ଓ ପାନୀୟ ଜଳ ଯୋଗାଇ ଦେବାର ବ୍ୟବସ୍ଥା କରାଯାଉଛି । ମଧ୍ୟବର୍ତ୍ତୀ ଷ୍ଟେସନଗୁଡ଼ିକ ସହ ଟ୍ରେନ୍‌ର ପାଂଟ୍ରି କାର୍ରେ ମଧ୍ୟ ଖାଦ୍ୟ ଓ ପାଣି ଉପଲବ୍ଧ କରାଯାଉଛି ବୋଲି ରେଳବାଇ ପକ୍ଷରୁ ସୂଚନା ମିଳିଛି । ବିଶାଖାପାଟଣା ଡିଭିଜନରେ ଜଳବନ୍ଦୀ ପରିସ୍ଥିତିରେ ସୁଧାର ଆସିବା ପରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହେବ ବୋଲି ରେଳ ଅଧିକାରୀମାନେ ଆଶା ପ୍ରକାଶ କରିଛନ୍ତି । ଯାତ୍ରୀମାନଙ୍କ ସୁରକ୍ଷା ଓ ସୁବିଧାକୁ ଗୁରୁତ୍ୱ ଦେଇ ଆବଶ୍ୟକ ବିକଳ୍ପ ବ୍ୟବସ୍ଥା ଜାରି ରହିଛି ।

ଖନ୍ତାପଡ଼ା ଗ୍ରାମପଂଚାୟତ କଂଗ୍ରେସ କମିଟି ଗଠିତ

ନୀଳଗିରି, ୨୯/୧୦ (ଆ.ପ୍ର) : ନୀଳଗିରି ନିର୍ବାଚନ ମଣ୍ଡଳୀ ରେ ବିଭିନ୍ନ ପଂଚାୟତ ରେ କଂଗ୍ରେସ ସଂଗଠନ ବଢ଼ିବାର ପରିଲକ୍ଷିତ ହୋଇଛି । ନୀଳଗିରି କଂଗ୍ରେସ ନେତା ତପନ କୁମାର ରାଉତଙ୍କ ନେତୃତ୍ୱ ରେ ବିଭିନ୍ନ ଗ୍ରାମ ପଂଚାୟତ ରେ କଂଗ୍ରେସ କମିଟି ଗଠନ ହେବା ସହିତ ପଂଚାୟତର ବିଭିନ୍ନ ସମସ୍ୟା ବୁଝିବା ଓ ତାକୁ ସମାଧାନ କରିବା ପାଇଁ କର୍ମୀ ମାନେ ତତ୍ପର ହୋଇଉଠିଛନ୍ତି । ଗତ ୨୬ତାରିଖ ଖନ୍ତାପଡ଼ା ଗ୍ରାମ ପଂଚାୟତରେ କଂଗ୍ରେସ କର୍ମୀ ମାନେ ଏକ ବୈଠକରେ ବସିଥିଲେ । ଉକ୍ତ ବୈଠକରେ ନୀଳଗିରି କଂଗ୍ରେସ ନେତା ତପନ ରାଉତ ଜିଲ୍ଲା କଂଗ୍ରେସ ଉପସଭାପତି ରାମ କୃଷ୍ଣ ଜେନା, ଜିଲ୍ଲା ସାଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା, ଜିଲ୍ଲା କଂଗ୍ରେସ ସମ୍ପାଦକ ପ୍ରଦୀପ ବେହେରା, ନୀଳଗିରି ବ୍ଲକ କଂଗ୍ରେସ ଉପସଭାପତି ସୁରେନ୍ଦ୍ର ଦାସ, ବାହାନଗା ବ୍ଲକ ଉପସଭାପତି କୃପାସିନ୍ଧୁ ଜେନାଙ୍କ ଉପସ୍ଥିତି ରେ ପଂଚାୟତର ବରିଷ୍ଠ କଂଗ୍ରେସ ନେତା ପ୍ରଦୀପ ରଞ୍ଜନ ଦାସଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ପଂଚାୟତର କଂଗ୍ରେସ ସଂଗଠନ ସମ୍ପର୍କ ରେ ବିସ୍ତୃତ ଭାବେ ଆଲୋଚନା ହେବା ସହିତ ନୂତନ କଂଗ୍ରେସ କମିଟି ଗଠନ କରାଯାଇଥିଲା ।ସର୍ବ ସଂମତି କ୍ରମେ ପଂଚାୟତ କଂଗ୍ରେସ ସଭାପତି ରୂପେ ଧର୍ମେନ୍ଦ୍ର ଲାହାଙ୍କ ନାମ ଆସିବାରୁ ତାଙ୍କୁ ସଭାପତି ରୂପେ ଘୋଷଣା କରା ଯାଇଛି । ଠିକ ସେହିପରି ଉପସଭାପତି ରୂପେ ଭବାନୀ ଶଙ୍କର ପଣ୍ଡା ଓ କମଳାକାନ୍ତ ବାରିକ ଏବଂ ସାଧାରଣ ସମ୍ପାଦକ ରୂପେ ସଞ୍ଜୟ କୁମାର ନାୟକ ଓ ସହସମ୍ପାଦକ ରୂପେ ଧନେଶ୍ୱର ନାୟକ, ବିଜୟ କୁମାର ଦାସ, ହରିଶ୍ଚନ୍ଦ୍ର ସାହୁ ଓ କୋଷାଧ୍ୟକ୍ଷ ରୂପେ ଉମେଶ କୁମାର ଧଳଙ୍କ ନାମ ଘୋଷଣା କରା ଯାଇ ଥିଲା । ଏହି ଭଳି ଭାବରେ ଅନ୍ୟ ସଦସ୍ୟ ମାନଙ୍କୁ ନେଇ ମୋଟ ଖନ୍ତାପଡ଼ା ଗ୍ରାମ ପଂଚାୟତ ରେ ୫୧ ଜଣିଆ କଂଗ୍ରେସ କମିଟି ଗଠନ କରା ଯାଇଛି । ତତସହିତ ବରିଷ୍ଠ ନେତୃତ୍ୱ ମାନଙ୍କୁ ନେଇ ଏକ ଉପଦେଷ୍ଟା କମିଟି ମଧ୍ୟ ଗଠନ କରା ଯାଇଛି । ଏହି ଉପଦେଷ୍ଟା କମିଟିରେ ମାୟାଧର ଦାସ, ରତିକାନ୍ତ ପଟ୍ଟନାୟକ, କାହ୍ନୁ ଚରଣ ରାଉତ, ପ୍ରଦୀପ ରଞ୍ଜନ ଦାସ, ମନୋରଞ୍ଜନ ନାୟକ, ଅଜୟ କୁମାର ଶତପଥି, ସଂଜୀବ କୁମାର ମହାପାତ୍ର ଓ ମହେଶ୍ୱର ଜେନାଙ୍କୁ ଦାୟିତ୍ୱ ଦିଆ ଯାଇଛି । ପରିଶେଷରେ ୱାର୍ଡସ୍ତରରେ ଲୋକଙ୍କ ସମସ୍ୟା ସହିତ ରହି କାର୍ଯ୍ୟ କରିବା ପାଇଁ ନୀଳଗିରି କଂଗ୍ରେସ ନେତା ତଥା ବ୍ଲକ କଂଗ୍ରେସ ସଭାପତି ତପନ ବାବୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ ।

ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ ବର୍ତ୍ତନା ଗସ୍ତ ଅପରାଧୀ ଯେତେ ଶକ୍ତିଶାଳୀ ହେଲେ ମଧ୍ୟ ଦଣ୍ଡ ମିଳିବ

ବାଲେଶ୍ୱର, ୨୯/୧୦ (ଆ.ପ୍ର) : ଜଳେଶ୍ୱର ଥାନା ବର୍ତ୍ତନା ଗ୍ରାମରେ ଗତ ପନ୍ଦର ତାରିଖରେ ଘଟିଥିବା ଦୁଷ୍କର୍ମ ଓ ହତ୍ୟା ଘଟଣା ର ସରଜମିନ ତଦନ୍ତ ଓ ସମୀକ୍ଷା କରି, ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି । ଆଜି ଅପରାହ୍ନରେ ସ୍ଥାନୀୟ ସର୍କିଟ ହାଉସରେ ଆୟୋଜିତ ଖବରଦାତା /ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ପାତ୍ର କହିଛନ୍ତି କି ବର୍ତ୍ତନା ଘଟଣାରେ ଆସାମୀ ଯେତେ ଶକ୍ତି ଶାଳୀ ଓ ପ୍ରଭାବଶାଳୀ ହେଲେ ମଧ୍ୟ ଆସାମୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ । ଶ୍ରୀମତୀ ପାତ୍ର ଓ ଆୟୋଗର ସଦସ୍ୟା ସୁଜାତା ନାୟକ ମୃତା ନାବାଳିକାଙ୍କ ପରିବାର ସଦସ୍ୟ ମାନଙ୍କୁ ସାକ୍ଷାତ କରି ପୋଲିସର ଭୂମିକା ଉପରେ ପ୍ରଶ୍ନ କରିଥିଲେ । ପୋଲିସ ଏବେ ତାଙ୍କୁ ସହଯୋଗ କରୁଛି । ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ସହ ଆୟୋଗର ଅଧ୍ୟକ୍ଷା ଓ ସଦସ୍ୟା ଏହି ପ୍ରସଙ୍ଗ ଉପରେ ଆଲୋଚନା କରି ପୀଡିତା ପରିବାର କିଭଳି ନ୍ୟାୟ ପାଇବେ ସେ ସମ୍ପର୍କରେ ଆଲୋଚନା କରି ଥିଲେ । ଜିଲ୍ଲାପାଳ ଏହି ଘଟଣାରେ ପୀଡିତାଙ୍କ ପରିବାରକୁ ସ୍ୱତନ୍ତ୍ର ମାମଲା ଭାବେ ଗ୍ରହଣ କରି ତୁରନ୍ତ ଅନୁକମ୍ପା ମୂଳକ ସହାୟତା ପ୍ରଦାନ ପାଇଁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି । ତୁରନ୍ତ ପୋଷ୍ଟ ମର୍ଟମ ରିପୋର୍ଟ ପ୍ରଦାନ ଓ ସ୍ୱତନ୍ତ୍ର ପୋକ୍ସ ଅଦାଲତରେ ପ୍ରମାଣ ସହ ଅପରାଧୀ ବିରୋଧରେ ମାମଲା ଆରମ୍ଭ କରିବା ଓ ଏହି ଘୃଣ୍ୟ ଘଟଣାରେ ଜଡ଼ିତ ଅନ୍ୟ ଅପରାଧୀ ମାନଙ୍କୁ ଗିରଫ କରିବାକୁ ଆୟୋଗ ଆରକ୍ଷୀ ଅଧିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଚଳନ୍ତା ଟ୍ରେନରୁ ଖସି ବୃଦ୍ଧ ଗୁରୁତର ଆହତ

ସିମୁଳିଆ, ୨୯/୧୦ (ଆ.ପ୍ର) : ଚଳନ୍ତା ଟ୍ରେନରୁ ଖସି ଜୈନିକ ବୃଦ୍ଧ ଆହତ ଅବସ୍ଥାରେ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ ଗୁରୁତର ହେବାରୁ ଭଦ୍ରକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ସୂଚନାରୁ ପ୍ରକାଶ ଭଦ୍ରକ ଜିଲ୍ଲା ଧାମନଗର ଥାନା ଅନ୍ତର୍ଗତ ଖଡ଼ିପଦା ଅଂଚଳର ସୁରେଶ ଚନ୍ଦ୍ର ନନ୍ଦ (୭୧)ବର୍ଷ ନିଜ ସାଥିଙ୍କ ସହ ହରିୟାଣା ରାଜ୍ୟ ସାମଲଖା ଅଂଚଳରୁ ଆଧ୍ୟାତ୍ମିକ ସତସଙ୍ଗ କାର୍ଯ୍ୟକ୍ରମ ସାରି ଦିଲ୍ଲୀରୁ ୧୨୮୧୬(ନନ୍ଦନକାନନ ଏକ୍ସପ୍ରେସ ଟ୍ରେନରେ ଘରକୁ ଫେରୁଥିଲେ । ସାବିରା ଷ୍ଟେସନ ପରେ ଶୌଚ ହେବାକୁ ଯାଇ ନିଜର ଲଗେଜ ଟ୍ରେନ ଦ୍ୱାର ନିକଟକୁ ଆଣି ଛିଡା ହୋଇଥିଲେ । ଗାଡି ଦ୍ରୁତଗତି ଥିବାରୁ ନନ୍ଦ ଟ୍ରେନ ତଳକୁ ଖସି ପଡ଼ିଥିଲେ । ବୃଦ୍ଧ ଜଣଙ୍କ ପଡିଯିବା ପରେ ଟ୍ରାକରେ କାମ କରୁଥିବା ରେଳ କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ଯୋଗେ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା । ତାଙ୍କ ମୁଣ୍ଡ ଓ ହାତରେ ଆଘାତ ଲାଗିଛି । ଗୁରୁତର ଆହତ ଅବସ୍ଥାରେ ଭଦ୍ରକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

ଅସହିଷ୍ଣୁ ଓ କ୍ରୋଧଭାବ ମଙ୍ଗଳର ବାଧକ:ଡ. ପ୍ରଦୀପ୍ତ କୁମାର ମିଶ୍ର

ନୀଳଗିରି, ୨୯/୧୦ (ଆ.ପ୍ର) : ଭଗବାନ ଅନନ୍ତ ଓ ଭଗବାନ ସଙ୍କର୍ଷଣ ଭଗବାନ ବିଷ୍ଣୁଙ୍କ ବସ୍ତୁତ ଅଂଶ ଅଟନ୍ତି । ସଙ୍କର୍ଷଣଙ୍କୁ ତାମସୀ ବୋଲି କୁହାଯାଏ । ସଙ୍କର୍ଷଣ ଆଧ୍ୟାତ୍ମିକ ଗୁଣର ସାଗର ହୋଇଥିବାରୁ ସେ ଅନନ୍ତଦେବ ନାମରେ ବିଦିତ । ଅସହିଷ୍ଣୁ ଓ କ୍ରୋଧବେଗ ମଙ୍ଗଳର ବାଧକ ଅଟେ । ବସ୍ତୁବାଦୀ ମଣିଷର ହୃଦୟର ମଇଳା ତାହା ସୃଷ୍ଟିର ତ୍ରିଗୁଣ ଦ୍ୱାରା ଆବଦ୍ଧ ଅଟେ । ମଇଳା ସର୍ବଦା କାମ ଭୋଗର ଅଭିଳାଷରେ ପ୍ରକଟିତ ହୁଏ । ଦିବ୍ୟଜ୍ଞାନ ମନର ମଇଳା ସଫା କରେ । ଈଶ୍ୱରଙ୍କ କାର୍ଯ୍ୟକାରଣ ପାଇଁ ବିଶ୍ୱ ପ୍ରକାଶ ପାଉଛି । ବ୍ୟକ୍ତିର କର୍ମ ଅନୁଯାୟୀ ଜୀବନର ଗତି ନିର୍ଦ୍ଧାରିତ ହୁଏ । ଉଭୟ ସକାମ ଓ ନିଷ୍କାମ କର୍ମର ଗତି ଭିନ୍ନଭିନ୍ନ ଅଟେ । ସର୍ବୋପରି ଭୌତିକ ଜୀବନ ବଡ଼ ଭୟଙ୍କର ବୋଲି ସ୍ୱର୍ଣ୍ଣବୃତ୍ତ ସାହିତ୍ୟ ପରିବାର ଦ୍ୱାରା ଆୟୋଜିତ ଶହେ ଉଣେଇଶତମ ଆଭାସୀ ଭଗବତୀୟ ସନ୍ଧ୍ୟାରେ ଭାଗବତର ପଂଚମ ସ୍କନ୍ଧର ପଂଚବିଂଶ ଅଧ୍ୟାୟରେ ଅନନ୍ତଦେବଙ୍କ ମହିମା ବର୍ଣ୍ଣନା କରିବା ଅବସରରେ ଆଲୋଚକ ପରିବାରର ସମ୍ପାଦକ ଡ଼. ପ୍ରଦୀପ୍ତ କୁମାର ମିଶ୍ର ନିଜମତ ଉପସ୍ଥାପନ କରିଛନ୍ତି । ପରିବାରର ବରିଷ୍ଠ ସଦସ୍ୟ ଶିକ୍ଷାବିତ ନୀଳକଣ୍ଠ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ ଶ୍ରୀମାନ ଯଜ୍ଞଦୀପ ମିଶ୍ର ଓଁ କାର ଧ୍ୱନି ଗାନ କରିଥିବାବେଳେ ଜୟଶ୍ରୀ ପଣ୍ଡା ସ୍ୱାଗତ ସଂଗୀତ ଗାନ କରିଥିଲେ । ଶେଷରେ, ମୁମ୍ବାଇରୁ ଶ୍ରୀକାନ୍ତ ଘଡେଇ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିବାବେଳେ କୁମାରୀ ଭାର୍ଗବୀ ରାଉତ କୃତଜ୍ଞତା ଓ ବରିଷ୍ଠ ସଦସ୍ୟ ଶିକ୍ଷାବିତ ରତିନାରାୟଣ ରାଉତ ଶାନ୍ତିପାଠ କରିଥିଲେ । ଉକ୍ତ ଆସରରେ ବହୁ ଶ୍ରଦ୍ଧାଳୁ ଶ୍ରୋତା ଯୋଗଦାନ କରିଥିଲେ ।

ଜଙ୍ଗଲରୁ ଝୁଲନ୍ତା ଗଳିତ ମୃତଦେହ ଉଦ୍ଧାର

ନୀଳଗିରି, ୨୯/୧୦ (ଆ.ପ୍ର) : ନୀଳଗିରି ବ୍ଲକ ମାଟିଆଳି ଗ୍ରାମର ପୁରୁଣା ଉଚ୍ଚପ୍ରାଥମିକ ବିଦ୍ୟାଳୟ ପଛପାଖ ସଂରକ୍ଷିତ ଜଙ୍ଗଲରେ ଥିବା ଏକ ଆକାଶିଆ ଗଛଉପରେ ଅଜଣାଲୋକର ଝୁଲନ୍ତା ଗଳିତ ମୃତଦେହ ଉଦ୍ଧାର କରାଯାଇଛି । ସୂଚନାଯୋଗ୍ୟ ଆଜି ଅପରାହ୍ନ ପ୍ରାୟ ୨ଘଟିକା ସମୟରେ ଗ୍ରାମର କିଛିଲୋକ ଉକ୍ତ ଜଙ୍ଗଲକୁ ଯାଇଥିବା ବେଳେ ପଚାଗନ୍ଧ ହେବାରୁ ସେଠାରେ ଥିବା ଆକାଶିଆ ଗଛଉପରେ ଏକ ମୃତଦେହ ଝୁଲୁଥିବାର ଦେଖିବାକୁ ପାଇଥିଲେ । ତୁରନ୍ତ ବରହମପୁର ଥାନାକୁ ଖବରଦେବାପରେ ଘଟଣାସ୍ଥଳରେ ପୋଲିସ ଓ ନୀଳଗିରି ଦମକଳବାହିନୀ ପହଂଚି ଗଛଉପରୁ ଉକ୍ତ ମୃତଦେହ ଉଦ୍ଧାର କରିଥିଲେ । ତେବେ ଗଳିତଶବଟି ଦେହର ବିଭିନ୍ନ ଅଂଶରୁ ଚମଡ଼ା ବାହାରି ପଡ଼ିଥିବା ଦେଖିବାକୁ ମିଳିଥିବା ବେଳେ ଉକ୍ତ ଶବଟି ଜୈନିକ ଯୁବକଙ୍କର ହୋଇଥିବା ଅନୁମାନ କରାଯାଉଛି । ତେବେ ଖବରଲେଖା ହେବାବେଳକୁ ସଂପୃକ୍ତ ଶବର ଠିକଣା କିମ୍ବା ପରିଚୟ ମିଳିପାରିନାହିଁ । ଏନେଇ ବରହମପୁର ଥାନାପକ୍ଷରୁ ୧୭/୨୦୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବାବେଳେ ବ୍ୟବଚ୍ଛେଦ ପାଇଁ ଗଳିତଶବକୁ ବାଲେଶ୍ୱର ମେଡିକାଲକୁ ପଠାଯାଇଥିବା ସୂଚନା ମିଳିଛି ।

ଫକୀରମୋହନ ସେନାପତିଙ୍କ 'ଲଛମା' ସ୍ୱାମୀ ବିବେକାନନ୍ଦ ଲୋକ ସଂସଦରେ ଆଲୋଚିତ

ନୀଳଗିରି, ୨୯/୧୦ (ଆ.ପ୍ର) : ଓଡ଼ିଶାରେ ମରହଟ୍ଟା ମାନଙ୍କର ଅତ୍ୟାଚାର ଏବଂ ପ୍ରପୀଡନର ନିଛକ ଚିତ୍ର ଲଛମା ଉପନ୍ୟାସରେ ବର୍ଣ୍ଣିତ । ଏହି ଉପନ୍ୟାସର ବିବରଣୀ ଓଡିଶା ଇତିହାସର ଚାରିବର୍ଷର ଘଟଣାକାଳ ଅଟେ । ଅଷ୍ଟାଦଶ ଶତାବ୍ଦୀରେ ଓଡ଼ିଶାର ଚିତ୍ର ଏଠାରେ ବର୍ଣ୍ଣିତ । ଲଛମା ଉପନ୍ୟାସରେ ବର୍ଗୀ ଓ ମୁସଲମାନ ମାନଙ୍କ ଯୁଦ୍ଧ ଘଟଣା ବର୍ଣ୍ଣନା ହେବା ସଙ୍ଗେସଙ୍ଗେ ଉତ୍କଳୀୟ ଖଣ୍ଡାୟତ ମାନଙ୍କ ବୀରତ୍ୱ ଓ ଜାତୀୟତା ପ୍ରକାଶିତ ହୋଇଅଛି । ଫକୀରମୋହନ ରାଇବଣିଆର ଦୁର୍ଗାଧିପତିଙ୍କ ସହିତ ମରହଟ୍ଟା ସର୍ଦ୍ଦାର ଭାସ୍କର ପଣ୍ଡିତଙ୍କ ସହ ଘଟାଇ ଅତୀତ ଓଡିଆଙ୍କର ବୀରତ୍ୱ ସମ୍ପର୍କରେ ସୂଚନା ଦେଇଛନ୍ତି । ଏହା ମାଧ୍ୟମରେ ଫକୀରମୋହନ ଜାତୀୟତାବୋଧର ପରିଚୟ ଦେଇଛନ୍ତି । ଫକୀରମୋହନ ଥିଲେ ମାନବତାର ଉପାସକ । ସର୍ବୋପରି ସେନାପତି ଯେଉଁଠାରେ ମାନବତାର ସନ୍ଧାନ ପାଇଛନ୍ତି, ସେଠାରେ ସ୍ଥାନ, କାଳ ଓ ପାତ୍ର ବିସ୍ମୃତ ହୋଇ ତାର ପ୍ରଶଂସା ଗାନ କରିଛନ୍ତି ବୋଲି ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଓଡିଶାର ବାଲେଶ୍ୱର ଶାଖା ତରଫରୁ ଆୟୋଜିତ ଆସରରେ ସେନାପତିଙ୍କ ଲଛମା ଏକ ଦୃଷ୍ଟିପାତ ଶୀର୍ଷକରେ ଆଲୋଚକ ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ପ୍ରକାଶ କରିଛନ୍ତି । ପ୍ରାରମ୍ଭରେ କବୀ ସୁବାସିନୀ ଜୀଙ୍କ ପରିଚାଳନାରେ ପ୍ରାବନ୍ଧିକ ପ୍ରଫେସର ରମାକାନ୍ତ ବେହେରା ପୌରୋହିତ୍ୟରେ ସୁଶ୍ରୀ ଲିଜା ଗିରି ଓଁ କାର ଧ୍ୱନି ଓ ଶିକ୍ଷାବିତ୍ ରାମଚନ୍ଦ୍ର ପୃଷ୍ଟି ବିବେକବାଣୀ ପଠନ କରିଥିଲେ । ଅନ୍ତିମ ପର୍ଯ୍ୟାୟରେ ଅଧ୍ୟାପକ ଗଣେଶ ପ୍ରସାଦ ତିଆଡି କୃତଜ୍ଞତା ଜ୍ଞାପନ କରିଥିବାବେଳେ ସାଙ୍ଗଠନିକ କାର୍ଯ୍ୟକ୍ରମ ସମ୍ପର୍କିତ ଆଲୋଚନରେ ରାମଚନ୍ଦ୍ର ପୃଷ୍ଟି ଆଲୋଚନା କରିଥିଲେ । ଏଥିରେ ବହୁ ଶ୍ରୋତା ଯୋଗଦାନ କରିଥିଲେ ।

ସେଇଥିରୁ ଆରମ୍ଭ
SEITHO ARAMBHA
ଶୁକ୍ରବାର, ୩୦ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଆମିଷ ଆହାର

ଜୀବ ଜଗତ କହିଲେ ଆମେ ମୁଖ୍ୟତଃ ପ୍ରାଣୀ ଜଗତ ଓ ଉଦ୍ଭିଦ ଜଗତ ବୁଝିଥାଉ । ମଣିଷ ଯେପରି ପ୍ରାଣୀ ଜଗତରେ ଅନ୍ତର୍ଭୁକ୍ତ ସେହିପରି ଅନ୍ୟ ସମସ୍ତ ହିଂସ୍ର ବା ନିରୀହ ପଶୁପକ୍ଷୀ ମଧ୍ୟ ଏହି ପ୍ରାଣୀଜଗତରେ ଅନ୍ତର୍ଭୁକ୍ତ । ତେଣୁ ସେମାନଙ୍କର ଜୀବକୋଷ ଓ ମଣିଷର ଜୀବକୋଷ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ସବୁଠାରୁ ଶ୍ରେଷ୍ଠ ଓ ବଳବାନ ଜୀବ ଓ ତା'ର ଇଚ୍ଛା ଏବଂ ରୁଚି ଅନୁସାରେ ସେ ନିଜର ଖାଦ୍ୟ ଗ୍ରହଣ କରେ । ଏହି ଖାଦ୍ୟ ଆମିଷ କିମ୍ବା ନିରାମିଷ ହୋଇପାରେ । ଆବହମାନ କାଳରୁ ସବୁ ସମୟରେ ଆମିଷ ଖାଇବା ପାଇଁ ଆପତ୍ତି ରହିଛି, ତେବେ ମାଛ, ମାଂସ ଖାଇବାରେ ଏତେ ଦୋଷ କାହିଁକି ? ଏହି ପ୍ରଶ୍ନର ଉତ୍ତରରେ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ଶରୀର, ମନ ଓ ଜୀବନ ପକ୍ଷରେ ଯଦି ଆମିଷ ଖାଦ୍ୟ ଭଲ ହୋଇଥାଆନ୍ତା ତେବେ ଏତେ ଆପତ୍ତି କାହିଁକି ? ମଣିଷର ଯେଉଁ ସ୍ୱାଭାବିକ ଆମିଷ ଆହାର ପ୍ରତି ରୁଚି ଅଛି ତାହାକୁ ବିକୃତ ରୁଚି ମଧ୍ୟ କୁହାଯାଏ । ଆନିମାଲ ସେଲ ବା ଜୀବନ୍ତ କୋଷ ଆଉ ଏକ ଜୀବନ୍ତ କୋଷକୁ ହଜମ କରିବାକୁ ଚାହେଁନାହିଁ, ବରଂ ତାକୁ ପ୍ରତ୍ୟାଖ୍ୟାନ କରେ । ବାହାର ଜୀବନ୍ତ କୋଷ ମଣିଷ ଶରୀରରେ ପ୍ରବେଶ କଲେ ତାହା ଆମର ଜୀବନ୍ତ କୋଷକୁ ନଷ୍ଟ କରିଦିଏ । କାରଣ ଏହି ବାହାରର କୋଷ ଗୁଡ଼ିକ ଆମ ଶରୀରର କୋଷ ପରି ସମଭାବେ ସଂଜୀବୀତ । ମଣିଷ ଦେହର କୋଷପରି ସେମାନେ ମଧ୍ୟ ବଞ୍ଚିବା ପାଇଁ ସଂଗ୍ରାମରତ । ଉଭୟଙ୍କର ଏହି ସଂଗ୍ରାମ ଫଳରେ ଆମିଷ ଆହାରରେ ଶରୀରରେ ଟକ୍ସିନ୍ ବା ବିଷକ୍ରିୟା ସୃଷ୍ଟି ହୁଏ । ମାଛ, ମାଂସର ଜୈବକୋଷ ଉପାଦାନ ଆମ ଶରୀରରେ ପ୍ରବେଶ କରି ଶରୀରସ୍ଥ ଜୀବକୋଷରେ ଏକ ଅସ୍ୱାଭାବିକ ଉତ୍ତେଜନା ଓ ସଂଘାତ ସୃଷ୍ଟିକରି କୋଷ ବିଭାଜନକୁ ଅତ୍ୟନ୍ତ ଦ୍ରୁତ କରିତୋଳେ । ଏହାଦ୍ୱାରା ସାମୟିକ ଶାରୀରିକ ପୁଷ୍ଟିବର୍ଦ୍ଧନ ହେଲେ ମଧ୍ୟ ଆୟୁଷକୁ ସେହି ପରିମାଣରେ ଖର୍ବ କରିଦିଏ ଏବଂ ଏହି ବିଷକ୍ରିୟା ଫଳରେ ସ୍ନାୟୁ ଓ ମସ୍ତିଷ୍କର କୋଷଗୁଡ଼ିକ ଚଞ୍ଚଳ, ଦୁର୍ବଳ, ସ୍ଥୈର୍ଯ୍ୟ-ସାମ୍ୟ-କ୍ରମାଗତିହରା ହୋଇଉଠନ୍ତି ଓ ଦୃଷ୍ଟିଶକ୍ତି କମିଯାଏ । ରୋଗ ପ୍ରତିରୋଧକ ଶକ୍ତି କମିଯାଏ କାରଣ କୋଷଗୁଡ଼ିକୁ ସର୍ବଦା ବଞ୍ଚିବା ପାଇଁ ସଂଗ୍ରାମ କରିବାକୁ ହୁଏ । ବେଳେ ବେଳେ ଏହି ଅସ୍ୱାଭାବିକ ବିଭାଜନ ମଧ୍ୟ ଟ୍ୟୁମର ସୃଷ୍ଟିକରେ । କଥା ପ୍ରସଙ୍ଗରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଭେଜିଟେବ୍‌ଲ ଓ ଫ୍ଲେଶ (ମାଂସ) ଶବ୍ଦ ଦୁଇଟିର ଧାତୁଗତ ଅର୍ଥ ସମୀକ୍ଷା କରି କହିଲେ - ଭେଜିଟେବ୍‌ଲମାନେ ଜୀବନ୍ତ କରିତୋଳିବା ଓ ଫ୍ଲେଶର ସେମିତି କୌଣସି ଅର୍ଥ ନାହିଁ । ଆମେ ଯେଉଁ ମାଛ, ମାଂସ (ଛେଳି, ମେଣ୍ଢା ଓ କୁକୁଡ଼ା) ଇତ୍ୟାଦି ଖାଉ ତାହା ଆମ ଶରୀର ପକ୍ଷରେ ସୁସଙ୍ଗତ ନୁହେଁ । ଆଉ ସୁସଙ୍ଗତ ନ ହେଲେ ତାହା ଆମକୁ ପୋଷଣ ଦିଏନାହିଁ । ଏ ସବୁ ଖାଦ୍ୟ ଖାଇଲେ ଆମର କ୍ଷତି ହୁଏ, ଆୟୁଷ କ୍ଷୟ ହୁଏ । ନିରାମିଷ ଆହାରରେ ଶକ୍ତି ବଢ଼େ ଓ ଏହି ଶକ୍ତି ଆମ ପକ୍ଷରେ ସୁସମଞ୍ଜସ୍ୟ । ଯେଉଁ ପ୍ରାଣୀ ନିମିତ୍ତ ଯେଉଁ ଖାଦ୍ୟ ସୁସମଞ୍ଜସ୍ୟ ଓ ସୁସଙ୍ଗତ ତାହା ଗ୍ରହଣ କରିଲେ ଶରୀରରେ ପୁଷ୍ଟି ହୁଏ । ଉଦାହରଣ ସ୍ୱରୂପ - ହାତୀ, ଗାଈ, ଗୋରୁ, ମେଣ୍ଢା ଇତ୍ୟାଦି ପ୍ରାଣୀମାନେ ଘାସ ଖାଆନ୍ତି ଓ ସେଥିରେ ହିଁ ସେମାନଙ୍କର ପୁଷ୍ଟି । କତିପୟ ଚିକିତ୍ସକ ମନୁଷ୍ୟକୁ ଆମିଷ ଆହାର କରିବାକୁ କହିଆନ୍ତି । ଏହି ପ୍ରସଙ୍ଗରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର କହିଛନ୍ତି - ଏହି ସବୁ ମତାମତ ନିଜର ବୁଝିବା ଉପରେ ନିର୍ଭର କରେ । ଯାହାର ଯେପରି ବୁଝିବା ସେମାନେ ସେହିପରି ମତ ଦେଇଥାନ୍ତି । ଏପରି ହୋଇପାରେ ଯେ ଚିକିତ୍ସକମାନେ ସ୍ୱାଦ ଓ ଲୋଭର ବଶବର୍ତ୍ତୀ ହୋଇ ଏହା କହିଥାଇପାରନ୍ତି । କିନ୍ତୁ ଥରେ ବୁଝିବା ଠିକ୍ ହେଲେ ନିରାମିଷ ଖାଦ୍ୟ ଶରୀର ପକ୍ଷେ ଯେ ମଙ୍ଗଳକର ଏହା ମଧ୍ୟ ସେମାନେ କହିପାରନ୍ତି । ଅନେକ ବ୍ୟକ୍ତି ପ୍ରଶ୍ନ କରନ୍ତି - ମାଛ, ମାଂସ ଯଦି ଆମ୍ଭେମାନେ ନଖାଇବୁ, ତାହାଲେ ଭଗବାନ କାହିଁକି ଏସବୁ ସୃଷ୍ଟି କରିଛନ୍ତି ? ଏହା ଉତ୍ତରରେ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ମନେକର ତୁମ ଜମିରେ ପକ୍ଷୀମାନେ ଆସି ବସୁଛନ୍ତି, ତୁମେ ସେଗୁଡ଼ିକୁ ମାରିଦେଲ । ପକ୍ଷୀମାନେ ତୁମ ଜମିର ପୋକଜୋକ ଖାଉଥିଲେ, ଏବେ ତାଙ୍କ ଅନୁପସ୍ଥିତିରେ ଜମିରେ ପୋକ ଭର୍ତ୍ତି ହୋଇଗଲା । ସେତେବେଳେ ସେହି ପୋକଭରା ଜମିର ଫସଲ ଖାଇ ପେଟ ଖରାପ ହେଲା । ନାନା ପ୍ରକାର ପୋକଜୋକ ଓ ଛେଳି, ମେଣ୍ଢା ଇତ୍ୟାଦିକୁ ଭଗବାନ ମଣିଷର ଉପକାର ପାଇଁ ହିଁ ସୃଷ୍ଟି କରିଛନ୍ତି । ମଣିଷ ପାଇଁ ଧାନ, ଚାଉଳ ଓ ପନିପରିବା ଇତ୍ୟାଦି ସୃଷ୍ଟି କରିଛନ୍ତି । ଆମିଷାହାରୀ ମାନଙ୍କର କୌଣସି ରୋଗ-ବିରାଗ ହେଲେ ଶରୀର ଯେତେ ଗଭୀର ଭାବେ କ୍ଷତିଗ୍ରସ୍ତ ହୁଏ ନିରାମିଷାଶୀଙ୍କ ତଦ୍‌ଜାତୀୟ ଅସୁସ୍ଥତା ହେଲେ ମଧ୍ୟ ଶରୀର ଏତେଟା କ୍ଷତିଗ୍ରସ୍ତ ହୁଏନାହିଁ । ଆମିଷରୁ ବାହାରୁଥିବା ଟକ୍ସିନ୍ ସ୍ନାୟୁକୁ ଉତ୍ତେଜିତ କରେ, ସହନ-ବହନ କ୍ଷମତା କମିଯାଏ, ସ୍ନାୟୁ ଅପଟୁ ଓ ସାମ୍ୟ ସଙ୍ଗତିହରା ହେଲେ ଅହମିକା, କ୍ରୋଧ, ହିଂସା ଓ ଅସହିଷ୍ଣୁତା ବଢ଼ିଉଠେ ।

ଆମ ପାଇଁ ଆନନ୍ଦ ଗଛ ପାଇଁ ଆତଙ୍କ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ଦଶହରା ସରିଲା, ଆଗକୁ ଆସୁଛି ଦୀପାବଳୀ । ପରେ କାର୍ତ୍ତିକ ପୂର୍ଣ୍ଣିମା ଓ ବାଲିଯାତ୍ରା, ପ୍ରାୟ ଏସବୁ ଭିତରେ ରଙ୍ଗୀନ ଆଲୋକ ସଜା ଅନେକଙ୍କୁ ଭଲ ଲାଗେ । ଏହା ବ୍ୟତୀତ ବିଭିନ୍ନ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଳନ ବେଳେ ଗଛରେ ବିଦ୍ୟୁତ ଆଲୋକମାଳା ଲଗାଇବା ସମ୍ପ୍ରତି ସାଜସଜ୍ଜାର ଧାରା ପାଲଟି ଗଲାଣି । କିନ୍ତୁ ଏଥିଯୋଗୁଁ ପ୍ରକୃତି ଓ ପାରିପାର୍ଶ୍ୱିକ ପରିବେଶରେ ସୃଷ୍ଟି ହେଉଥିବା ଭୟଙ୍କର ବିପଦ ପ୍ରତି ଆମର ଧ୍ୟାନ ରହୁନାହିଁ । ଅତ୍ୟନ୍ତ ଉଦବେଗର ବିଷୟ ହେଉଛି, ଓଡ଼ିଶାରେ ଆଜି ପର୍ଯ୍ୟନ୍ତ ବୃକ୍ଷ ସଂରକ୍ଷଣ ସଂକ୍ରାନ୍ତରେ କୌଣସି ଆଇନ ହୋଇପାରିନାହିଁ । ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ, କୋଲକାତା, ଗୋଆ ଓ ଆନ୍ଧ୍ର ଭଳି ସ୍ଥାନରେ ବୃକ୍ଷ ସଂରକ୍ଷଣ ଆଇନ ରହିଛି । ସ୍ୱତନ୍ତ୍ର ପ୍ରଦେଶ ଭାବେ ୮୮ ବର୍ଷ ତଳୁ ମାନ୍ୟତାପ୍ରାପ୍ତ ଓଡ଼ିଶାରେ ବୃକ୍ଷ ସଂରକ୍ଷଣ ଆଇନ ନଥିବା ଆମ ପରିବେଶ ସଚେତନତା ପ୍ରତି ବିଦ୍ରୁପ ନୁହେଁ କି? ସେହିପରି ଓଡ଼ିଶାରେ ବୃକ୍ଷ ପ୍ରାଧିକରଣ (ଟ୍ରି ଅଥରିଟି) ମଧ୍ୟ ଗଠନ ହୋଇପାରି ନାହିଁ ।

ପରିବେଶ ଆଇନଜ୍ଞଙ୍କ କହିବା ଅନୁଯାୟୀ ଓଡ଼ିଶାରେ ବୃକ୍ଷ ପ୍ରାଧିକରଣ ଗଠନ ନ ହୋଇପାରିବାର କାରଣ ହେଉଛି, ଆମ ରାଜ୍ୟରେ ବୃକ୍ଷ ସଂରକ୍ଷଣ ଆଇନ ନାହିଁ । ନିର୍ଦ୍ଦିଷ୍ଟ ଆଇନ ନଥିବାରୁ ଅନେକ ସମୟରେ ପଥପାର୍ଶ୍ୱରେ କିମ୍ବା ବିଭିନ୍ନ ସରକାରୀ ଓ ବେସରକାରୀ ଜମିରେ ଥିବା ପୁରାତନ ଗଛ ଗୁଡ଼ିକୁ ଅବାଧରେ ଯଦି ଯେତେବେଳେ ପାରୁଛି କାଟି ନେଉଛି ପ୍ରତିବାଦ କରିବାକୁ କେହି ନାହିଁ, ପ୍ରତିବାଦ କଲେ ବି କିଛି ଲାଭ ହେଉନାହିଁ । ବେସରକାରୀ ଭାବେ ନୁହେଁ ଅନେକ ସରକାରୀ କାର୍ଯ୍ୟକ୍ରମରେ ମଧ୍ୟ ଗଛ ମାନଙ୍କରେ ଉଜ୍ଜ୍ୱଳ ଆଲୋକ ରାତି ରାତି ଧରି କାର୍ଯ୍ୟକ୍ରମରେ ସାମିଲ କରାଯାଉଛି କିନ୍ତୁ ଏହା ପଛରେ ପରିବେଶର ଅବକ୍ଷୟକୁ କେହି ଚିନ୍ତା କରୁନାହାନ୍ତି ।

ବୃକ୍ଷ ସଂରକ୍ଷଣ ଆଇନ ନଥିବାରୁ ଆଜିକାଲି ଉଭୟ ସରକାରୀ ଓ ବେସରକାରୀ ଭାବେ ପାଳିତ ବିଭିନ୍ନ ପର୍ବପର୍ବାଣୀ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଉତ୍ସବ କିମ୍ବା ଅନ୍ୟାନ୍ୟ ବ୍ୟବସାୟିକ ସାଜସଜ୍ଜା ପାଇଁ ଗଛବୃକ୍ଷରେ ରଙ୍ଗବେରଙ୍ଗ ବିଦ୍ୟୁତ୍ ଆଲୋକ ଲଗାଯାଉଛି । ଫଳରେ ଅନେକ ବୃକ୍ଷଲତା ଓ ଜୀବଜନ୍ତୁ, ବିଶେଷତଃ ପକ୍ଷୀମାନେ ଭୀଷଣ ପ୍ରଭାବିତ ହେଉଛନ୍ତି । ବିଦ୍ୟୁତ୍ ତାର ଓ ଆଲୋକର ଉପସ୍ଥିତି ଗଛର ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ । ଏହାଦ୍ୱାରା ବୃକ୍ଷଜଗତରୁ ପ୍ରାଣୀ ସମାଜକୁ ମିଳୁଥିବା ଅମ୍ଳଜାନ ଯୋଗାଣରେ ବାଧା ଉପୁଜେ ଏବଂ ଗଛଲତା ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶୋଷଣ ପ୍ରକ୍ରିୟାରେ ବାଧା ଉତ୍ପନ୍ନ ହୁଏ । ବୃକ୍ଷଲତାରେ ବିଦ୍ୟୁତ ତାର ଓ ଆଲୋକସଜ୍ଜା ପକ୍ଷୀଙ୍କ ପ୍ରାକୃତିକ ବାସସ୍ଥଳୀ ପ୍ରତି ବିପଦ ସୃଷ୍ଟି କରିବା ସହିତ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ମଧ୍ୟ କ୍ଷତିକାରକ ହୋଇଥାଏ । ମୁଖ୍ୟତଃ ବିଦ୍ୟୁତ ଆଲୋକରୁ ଉତ୍ପନ୍ନ ଉତାପ ଗଛର ନିଶ୍ୱାସପ୍ରଶ୍ୱାସ ପ୍ରକ୍ରିୟାରେ ଗୁରୁତର କୁପ୍ରଭାବ ପକାଇଥାଏ । ପକ୍ଷୀମାନଙ୍କର ବସା ବାନ୍ଧିବାରେ ଏହା ଖୁବ ବିଶୃଙ୍ଖଳା ସୃଷ୍ଟି କରିଥାଏ । ଉଜ୍ଜ୍ୱଳ ବିଦ୍ୟୁତ ଆଲୋକ ପକ୍ଷୀଙ୍କ ପ୍ରାକୃତିକ ବାସସ୍ଥଳୀରେ ବ୍ୟାଘାତ ସୃଷ୍ଟି କରିବା କାରଣରୁ ଗଛରେ ଥିବା କୀଟପତଙ୍ଗ ଓ ମୂଷାଙ୍କ ଉପରେ ମଧ୍ୟ ଆନୁପାତିକ ପ୍ରଭାବ ପଡୁଛି । ତେଣୁ ଏଭଳି କାର୍ଯ୍ୟ ବିରୋଧରେ ବିଭାଗୀୟ ପଦାଧିକାରୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ।

ବିଦ୍ୟୁତ ସଜ୍ଜୀକରଣ ଗଛ ଜୀବନକୁ ବିପର୍ଯ୍ୟସ୍ତ କରୁଛି । କିଛି ସମୟ ପାଇଁ ଗଛ ବିଦ୍ୟୁତ୍ ଆଲୋକ ସହ୍ୟ କରିପାରେ । କିନ୍ତୁ ଅଧିକ ବିଦ୍ୟୁତ ଆଲୋକ ପଡ଼ିଲେ ଗଛ ଧୀରେ ଧୀରେ ମରିବା ଆରମ୍ଭ କରିବ । କେତେକ ରାଜ୍ୟରେ ଗଛରେ ବିଦ୍ୟୁତ ଆଲୋକ ଲଗାଇବାକୁ ନେଇ ଅଦାଲତରେ ମାମଲା ମଧ୍ୟ ଦାଏର ହୋଇଛି । ଆଦିତ୍ୟ ପ୍ରସାଦ ବନାମ ଭାରତ ସରକାର ମାମଲାରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲଙ୍କ ଏକ ଆଦେଶରେ ଗଛ ଆଲୋକୀକରଣ ଓ ବିଦ୍ୟୁତ ତାର ଇତ୍ୟାଦିର ବ୍ୟବହାରକୁ କଡ଼ା ସମାଲୋଚନା କରି ଏହାକୁ ପ୍ରତ୍ୟାହାର କରିବାକୁ କୁହାଯାଇଥିଲା । ଏହା ପରିବେଶ ନୀତିନିୟମ ଉଲ୍ଲଂଘନ ହୋଇଥିଲେ ହେଁ ଆମ ରାଜ୍ୟରେ କାହାର ଏ ଦିଗ ପ୍ରତି ନିଘା ନାହିଁ । ପୂଜ୍ୟାଶ୍ରୀ କୁମାର ଭାଇଙ୍କ ହାତଗଢ଼ା ଅନୁଷ୍ଠାନ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ ପକ୍ଷରୁ ଯେତେ ସବୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ ସବୁବେଳେ ପ୍ରକୃତି ଓ ପରିବେଶକୁ ଭଲ ପାଇବାର ମହାନ ଶିକ୍ଷା ପ୍ରଦାନ କରାଯାଏ । ବଗିଚାର ପୁଷ୍ପ ଗୁଡ଼ିକ ଯେପରି ସ୍ୱଚ୍ଛନ୍ଦରେ ଆନନ୍ଦମୟ ଭାବେ ହସିବୁଲି ଖେଳିବା ପରି ସେମାନେ ଜୀବନ ନିର୍ବାହ କରିବେ ସେଥିପାଇଁ ବଗିଚାରୁ ଫୁଲ ଛିଣ୍ଡା ଯାଇନଥାଏ । ଏ ସୃଷ୍ଟିରେ ଫୁଲର ଆବିର୍ଭାବ ତା ଜୀବନକୁ ନେଇ ଆନନ୍ଦପୂର୍ଣ୍ଣ ଭାବେ ପ୍ରକୃତିର ଶୋଭା ବଢ଼ାଇବା । ଏହି ପରିପ୍ରେକ୍ଷୀରେ ଗଛ ମାନଙ୍କରେ ଉଜ୍ଜ୍ୱଳ ଆଲୋକସଜ୍ଜା ନିଶ୍ଚିନ୍ତ ଭାବେ ପରିବେଶ ପ୍ରଦୂଷଣର ଅନ୍ୟତମ କାରଣ । ଏ କ୍ଷେତ୍ରରେ ଆମ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି ।

ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ କଟକ,
ମୋ : ୯୯୩୭୧୭୨୮୧୦

ଅତୀତର ଅଗଣାରେ ମେଘ ସଞ୍ଜ, ମୁଢ଼ି, ପକୁଡ଼ି ଓ ତାସର ଆସର

॥ ମିଳନ କୁମାର ମିଶ୍ର (ଭରଦ୍ୱାଜ) ॥

ଆକାଶରେ ମେଘ ଘୋଟି ଆସିଲେ ଆଜି ବି ମନ ଭିତରେ କେଉଁ ଏକ ଅଜଣା ଶିହରଣ ଖେଳିଯାଏ । ଦୂର ଦିଗବଳୟରେ କଳାହାଣ୍ଡିଆ ମେଘର ଭିଡ଼, ଝିପିଝିପି ବର୍ଷାର ଶବ୍ଦ, ଓଦା ମାଟିର ମହକ ଆଉ ପବନରେ ଭାସି ଆସୁଥିବା ଶୀତଳତା—ସବୁକିଛି ଯେମିତି ମନର ବନ୍ଦ କୋଠରିରେ ସାଇତା ହୋଇ ରହିଥିବା ଅତୀତର କେତେ ଅଲୁଲା ସ୍ମୃତିକୁ ଧୀରେ ଧୀରେ ଜାଗ୍ରତ କରିଦିଏ । ଆଖି ଆଗରେ ଭାସିଉଠେ ଆମ ଗାଁର ସେହି ପୁରୁଣା ଦିନ, ମାଟିଘରର ଅଗଣା, ଚାଳଛପର ଛାତ, ବାରଣ୍ଡାର ଖଟିଆ ଆଉ ମେଘୁଆ ସଞ୍ଜରେ ଜମିଉଠୁଥିବା ମୁଢ଼ି ପକୁଡ଼ି ଓ ତାସ ଖେଳର ଆସର । ଆକାଶରେ ମେଘ ଘୋଟି ଆସିଲେ ଯେମିତି ପ୍ରକୃତି ତା'ର ରୂପ ବଦଳାଉଥିଲା, ସେମିତି ଗାଁର ଜୀବନରେ ବି ଆସିଯାଉଥିଲା ଏକ ଅଲଗା ଉତ୍ସାହ ।

ବିଶେଷକରି ବର୍ଷାଦିନର ସଞ୍ଜ ଥିଲା ଭାରି ନିଆରା । ଦିନସାରା କାମଧନ୍ଦା ସାରି ଲୋକେ ଘରମୁହାଁ ହେଉଥିଲେ । ଗାଈଗୋରୁ ଗୁହାଳକୁ ଫେରୁଥିଲେ, ଘରେ ଘରେ ସଞ୍ଜବତୀ ଜଳୁଥିଲା । ଦୂର ଦେଉଳରୁ ଭାସି ଆସୁଥିଲା ଘଂଟଘଂଟାର ଧ୍ୱନି । ଏପଟେ ଆକାଶରେ ମେଘର ଗର୍ଜନ, ସେପଟେ ଛପର ଉପରେ ବର୍ଷାବୁନ୍ଦାର ଟପଟପ ଶବ୍ଦ—ପରିବେଶ ଯେମିତି ଆପଣାଛାଏଁ ଏକ ସୁନ୍ଦର ସଙ୍ଗୀତରେ ଭରିଯାଉଥିଲା ।

ଆଜି ବି ଏମିତି ଏକ ସଞ୍ଜରେ ମନେ ପଡ଼ିଯାଏ ସେଇ ଚିରପରିଚିତ ରୋଷେଇଘର । ଚୁଲିରେ କରେଇ ବସିଛି, ଗରମ ତେଲରେ ପଡୁଛି ପିଆଜ, ବେସନ, ଲଙ୍କା ଓ ମସଲା । ତେଲରେ ଛାଣି ହେଉଥିବା ପକୁଡ଼ିର ଛନଛନ ଶବ୍ଦ ଆଉ ତା'ର ମନମୋହକ ବାସ୍ନା ଘରର ଚାରିକାନ୍ଥ ଡେଇଁ ବାରଣ୍ଡା ଯାଏଁ ମାଡ଼ି ଆସୁଚି । ଗୋଟିଏ ପଟେ ଗରମ ମୁଢ଼ି, ଅନ୍ୟ ପଟେ କୁଡ଼ୁକୁଡ଼ିଆ ପକୁଡ଼ି; ସାଙ୍ଗକୁ କଂଚାଲଙ୍କା, ପିଆଜ ଓ ଲୁଣର ସରଳ ସମ୍ଭାର । ସେତେବେଳେ ସେହି ମୁଢ଼ି ପକୁଡ଼ିର ସ୍ୱାଦ କେବଳ ଜିଭରେ ଅଟକି ରହୁନଥିଲା; ତାହା ହୃଦୟର ଗଭୀରତାରେ ଏକ ଆତ୍ମୀୟ ଅନୁଭବ ହୋଇ ସାଇତା ହୋଇ ରହୁଥିଲା । ଆଜି ବଡ଼ ବଡ଼ ହୋଟେଲରେ ନାନା ସୁସ୍ୱାଦୁ ଖାଦ୍ୟ ଖାଇଲେ ବି ସେହି ଦିନର ମୁଢ଼ି ପକୁଡ଼ିର ସ୍ୱାଦ ଆଉ କେଉଁଠି ମିଳେ ନାହିଁ । କାରଣ ସେହି ସ୍ୱାଦରେ ମିଶିଥିଲା ମାଆର ସ୍ନେହ, ଘରର ମମତା, ଗାଁ ମାଟିର ବାସ୍ନା ଆଉ ନିର୍ବିକାର ଜୀବନର ଅପୂର୍ବ ମାଧୁର୍ଯ୍ୟ । ଏପଟେ ବାରଣ୍ଡାରେ ଆରମ୍ଭ ହୋଇଯାଉଥିଲା ତାସ ପାଲି । ବାପା, ବାଦା, କକା, ପଡ଼ୋଶୀ ମଉସା ଓ ଗାଁର ଅନ୍ୟ କେତେଜଣ ମିଶି ବସିଯାଉଥିଲେ । କେହି ଖଟିଆରେ, କେହି ପିଢ଼ାରେ, ଆଉ କେହି ବାରଣ୍ଡାର ଚଟାଣରେ । ପୁରୁଣା ତାସ ମୁଠାଟି ଖୋଲିଗଲେ ଯେମିତି ଖେଳର ନୂଆ ଦୁନିଆଟିଏ ଖୋଲିଯାଉଥିଲା । ତାସ ବାଂଟିବାର ଖସଖସ ଶବ୍ଦ, ଖେଳର ଚାଲ୍, ଜିତିବାର ଉତ୍ସାହ, ହାରିବାର ଅଭିମାନ ଆଉ ମଝିରେ ମଝିରେ ଫୁଟିଉଠୁଥିବା ହସର ଫୁଆରାରେ ଘର ବାରଣ୍ଡାଟି ଜୀବନ୍ତ ହୋଇଉଠୁଥିଲା ।

କେହି ଭଲ ଚାଲ୍ ଖେଳିଦେଲେ ନିଜକୁ ବଡ଼ ଖେଳାଳି ବୋଲି ଭାବୁଥିଲେ, ଆଉ କେହି ହାରିଗଲେ ନିଜ ଭାଗ୍ୟକୁ ଦୋଷ ଦେଉଥିଲେ । ଖେଳ ଭିତରେ ଚାଲୁଥିଲା ମଜାଳିଆ କଥା, ଥଟ୍ଟାମଜା ଆଉ ପରସ୍ପରକୁ ଚିଡ଼ାଇବାର ଏକ ମଧୁର ପରମ୍ପରା । ମଝିରେ ମଝିରେ ମୁଢ଼ି ପକୁଡ଼ିର ଥାଳି ଜଣଙ୍କ ପାଖରୁ ଆଉ ଜଣଙ୍କ ପାଖକୁ ଘୁରି ଆସୁଥିଲା । କେହି ହାତ ବଢ଼ାଇ ମୁଠାଏ ମୁଢ଼ି ନେଉଥିଲେ, କେହି ପକୁଡ଼ି ପାଟିରେ ପକାଇ ଆଉ ଗୋଟିଏ ଚାଲ୍? ଖେଳିବାକୁ ପ୍ରସ୍ତୁତ ହେଉଥିଲେ । ବାହାରେ ବର୍ଷା ବଢୁଥିଲା, ଭିତରେ ଆସର ଜମୁଥିଲା ।

କେତେବେଳେ ବିଜୁଳି ଚାଲିଯାଉଥିଲା । ଆଜି ପରି ସେତେବେଳେ ମୋବାଇଲ୍‌ର ଆଲୋକ ଜଳାଇବାର ସୁବିଧା ନଥିଲା । ଲଣ୍ଠନ କିମ୍ବା ଡିବିରି ଆଲୁଅରେ ଚାଲୁଥିଲା ଖେଳ । ସେହି ମୃଦୁ ଆଲୋକରେ ମୁହଁଗୁଡ଼ିକ ଆହୁରି ଆତ୍ମୀୟ ଦିଶୁଥିଲା । ତାସ ଖେଳର ନିୟମଠାରୁ ଅଧିକ ମହତ୍ୱ ଥିଲା ସାଙ୍ଗସାଥୀଙ୍କ ସହ ମିଶି ବସିବାରେ । କେହି ଜିତୁଥିଲେ, କେହି ହାରୁଥିଲେ; ହେଲେ ସେହି ଆସରରେ କାହାରି ମନ ହାରୁନଥିଲା । କାରଣ ସେଠାରେ ଖେଳ ଥିଲା ଏକ ବାହାନା, ମଣିଷ ମଣିଷ ଭିତରେ ଥିବା ସମ୍ପର୍କ ହିଁ ଥିଲା ପ୍ରକୃତ ଜିତ୍ । ଆମ ପିଲାମାନଙ୍କ ପାଇଁ ମଧ୍ୟ ସେହି ସଞ୍ଜର ଆକର୍ଷଣ କିଛି କମ୍ ନଥିଲା । ତାସ ଖେଳୁଥିବା ବଡ଼ମାନଙ୍କ ପାଖରେ ବସି ଆମେ କେବେ ଖେଳ ଦେଖୁଥିଲୁ, କେବେ ମୁଢ଼ି ପକୁଡ଼ି ଖାଉଥିଲୁ, ଆଉ କେବେ ବଡ଼ମାନଙ୍କ କଥା ଶୁଣି ମନେ ମନେ ହସୁଥିଲୁ । କେହି ଆମକୁ ତାସ ଛୁଇଁବାକୁ ଦେଉନଥିଲେ, ତଥାପି ତାସର ରଙ୍ଗୀନ ଚିତ୍ରଗୁଡ଼ିକୁ ଦେଖିବା ପାଇଁ ଆମର ଆଗ୍ରହର ଅଭାବ ନଥିଲା । ବେଳେବେଳେ ବଡ଼ମାନଙ୍କ ଆଖି ଆଢୁଆଳରେ ଗୋଟିଏ ଦୁଇଟି ତାସ ଧରି ନିଜ ଭିତରେ ଖେଳ ଖେଳିବାର ଆନନ୍ଦ ବି ଅଲଗା ଥିଲା । ସମୟ ଧୀରେ ଧୀରେ ବଦଳିଗଲା । ମାଟିଘର ସ୍ଥାନରେ ପକ୍କାଘର ଉଠିଲା, ଲଣ୍ଠନ ସ୍ଥାନରେ ବିଜୁଳି ଆଲୁଅ ଆସିଲା, ଗାଁର ଅଗଣାରେ ଟେଲିଭିଜନ୍ ପହଂଚିଲା, ଆଉ ପରେ ମୋବାଇଲ୍ ? ଓ ଇଂଟରନେଟ୍ ? ଆମ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ହୋଇଗଲା । ମଣିଷ ପାଖରେ ମନୋରଞ୍ଜନର ଅସଂଖ୍ୟ ଉପକରଣ ଆସିଲା; କିନ୍ତୁ ସମସ୍ତେ ଏକାଠି ବସି କିଛି ସମୟ ହସିବା, ଗପିବା ଓ ମନ ଖୋଲି କଥା ହେବାର ସୁଯୋଗ କ୍ରମେ କମିଗଲା । ଗୋଟିଏ ଘରେ ରହି ମଧ୍ୟ କେହି କେହି ନିଜ ନିଜ ମୋବାଇଲ୍ ?ର ପରଦାରେ ହଜିଗଲେ । ଆଜି ମେଘୁଆ ସଞ୍ଜରେ ମୁଢ଼ି ପକୁଡ଼ି ଖାଇବାକୁ ଇଚ୍ଛା ହୁଏ, ତାସ ଖେଳର ସେହି ଆସରକୁ ଫେରିଯିବାକୁ ମନ ହୁଏ; ହେଲେ ଫେରିପାରେ ନାହିଁ ସେହି ଦିନ, ଫେରିଆସନ୍ତି ନାହିଁ ସେହି ମଣିଷମାନେ, ଆଉ ଫେରିଆସେ ନାହିଁ ସେହି ନିରଳସ ଜୀବନ । କେତେ ମୁହଁ ଆଜି ସ୍ମୃତିର ଆଲବମ୍‌ରେ ଛବି ହୋଇ ରହିଗଲେଣି; କେତେ ସ୍ୱର ସମୟର ସୁଦୂର ଅତଳରେ ହଜିଗଲାଣି । ଯେଉଁ ବାରଣ୍ଡାରେ ଦିନେ ହସର ଲହରୀ ଖେଳୁଥିଲା, ସେଠାରେ ଆଜି ନିରବତାର ଛାଇ ଲମ୍ବିଯାଏ । ତଥାପି ସ୍ମୃତିର ମହକ କେବେ ମଉଳିଯାଏ ନାହିଁ । ଆକାଶରେ ମେଘ ଘୋଟି ଆସିଲେ, ଗରମ ତେଲରେ ପକୁଡ଼ି ଛାଣି ହେଉଥିବାର ବାସ୍ନା ନାକରେ ବାଜିଲେ କିମ୍ବା କେଉଁଠି ତାସ ମୁଠା ଖୋଲିବାର ଶବ୍ଦ ଶୁଣିଲେ ମନ ପୁଣି ଫେରିଯାଏ ଅତୀତର ସେଇ ଅଗଣାକୁ । ମନେହୁଏ, ଏଇ ତ ସେଇ ସଞ୍ଜ ! ଏଇ ତ ସେଇ ବାରଣ୍ଡା! ଏଇ ତ ସେଇ ଲୋକମାନେ । କେବଳ ଆଖି ଖୋଲି ଚାହିଁଦେଲେ ସମସ୍ତେ ଯେମିତି ପୁଣି ଆସି ବସିଯିବେ ପୁରୁଣା ଆସରରେ ।

ଜୀବନର ସବୁଠାରୁ ମୂଲ୍ୟବାନ ସମ୍ପଦ ସବୁବେଳେ ଧନ, ସମ୍ପତ୍ତି କିମ୍ବା ପ୍ରତିଷ୍ଠା ନୁହେଁ । ବେଳେବେଳେ ଗରମ ମୁଢ଼ି ପକୁଡ଼ିର ଏକ ଥାଳି, ମେଘୁଆ ସଞ୍ଜର ଶୀତଳ ପବନ, ତାସ ପାଲିର କିଛି ହସ ଆଉ ନିଜ ଲୋକଙ୍କ ସହ ବିତାଇଥିବା କିଛି ନିର୍ମଳ ମୁହୂର୍ତ୍ତ ହିଁ ଜୀବନର ସବୁଠାରୁ ମୂଲ୍ୟବାନ ପୁଞ୍ଜି ହୋଇ ରହିଯାଏ । ସମୟ ଚାଲିଯାଏ, ଋତୁ ବଦଳିଯାଏ, ମଣିଷ ବୟସର ଅନେକ ସୋପାନ ଅତିକ୍ରମ କରିଯାଏ; ହେଲେ ସେହି ଛୋଟ ଛୋଟ ଆନନ୍ଦର ସ୍ମୃତି ହୃଦୟର କେଉଁ ଏକ କୋଣରେ ଚିରକାଳ ପାଇଁ ଜୀବନ୍ତ ରହିଥାଏ ।

ହୁଏତ ଏହି କାରଣରୁ ଆଜି ବି ମେଘୁଆ ସଞ୍ଜ ଆସିଲେ ମନ ଅଜାଣତରେ ଅତୀତକୁ ଫେରିଯାଏ । ମନେମନେ ଖୋଜିବୁଲେ ସେହି ମାଟିଘର, ସେହି ଆତ୍ମୀୟ ବାରଣ୍ଡା, ସେହି ମାଆ ହାତର ମୁଢ଼ି ପକୁଡ଼ି ଆଉ ସେହି ତାସ ପାଲିରେ ହସୁଥିବା ମଣିଷମାନଙ୍କୁ । ମନ ଭିତରୁ ଗୋଟିଏ ପ୍ରଶ୍ନ ଉଠେ—ସମୟ ସତରେ କ'ଣ ଏତେ ନିଷ୍ଠୁର ଯେ ସେ ସବୁକିଛି ଛଡ଼ାଇ ନେଇଯାଏ ? ନା, ସେ ସବୁକିଛି ନିଏ ନାହିଁ । କିଛି ମୁହୂର୍ତ୍ତକୁ ସେ ସ୍ମୃତି କରି ଆମ ହୃଦୟରେ ସାଇତି ଦିଏ, ଯାହାକୁ ମନେ ପକାଇ ଆମେ ଜୀବନର ସବୁଠାରୁ ବ୍ୟସ୍ତ ଓ ନିରସ ଦିନରେ ମଧ୍ୟ ଟିକିଏ ହସିପାରୁ । ମେଘ ଆଜି ବି ଆସୁଛି, ବର୍ଷା ଆଜି ବି ଝରୁଛି, ମୁଢ଼ି ପକୁଡ଼ି ଆଜି ବି ଛଣା ହେଉଛି, ତାସ ଆଜି ବି ଖେଳାଯାଉଛି । କେବଳ ବଦଳିଯାଇଛି ସମୟ, ବଦଳିଯାଇଛି ଜୀବନର ଗତି, ଆଉ ବଦଳିଯାଇଛି ଆମ ଆନନ୍ଦର ସଂଜ୍ଞା । ତଥାପି ହୃଦୟ ଭିତରେ ଆଜି ବି ବଂଚିଛି ସେହି ଗାଁ, ସେହି ସଞ୍ଜ, ସେହି ମୁଢ଼ି ପକୁଡ଼ି ଆଉ ସେହି ତାସ ପାଲି । କାରଣ ସେସବୁ କେବଳ ଅତୀତର ଘଟଣା ନୁହେଁ; ସେସବୁ ଆମ ଜୀବନର ଏକ ଅମୂଲ୍ୟ ଅଧ୍ୟାୟ—ଯାହାର ପ୍ରତ୍ୟେକ ପୃଷ୍ଠାରେ ଲେଖା ଅଛି ସ୍ନେହ, ସମ୍ପର୍କ, ସରଳତା ଓ ନିର୍ମଳ ଆନନ୍ଦର କାହାଣୀ ।

ମାର୍ଫତ୍: ମନ୍ମଥ କୁମାର ମିଶ୍ର, ବିଶ୍ୱେଶ୍ୱରପୁର ଶାସନ, କେନ୍ଦୁଝର ବଜାର
କେନ୍ଦୁଝର - ୭୫୮୦୦, ମୋ: ୭୦୦୮୨୪୧୨୮୭

ଦୃଢମନା ପଟେଲ

॥ କିଶୋର ଚନ୍ଦ୍ର ବେହେରା ॥

ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜଣେ କଳ୍ପନାବିଳାସୀ ନେତା ନଥିଲେ, ବରଂ ଜଣେ କର୍ମଯୋଗୀ ଥିଲେ । ସମସ୍ୟାର ସମାଧାନ ପାଇଁ ସେ ସାମ, ଦାନ, ଦଣ୍ଡ, ଭେଦ ନୀତି ପ୍ରୟୋଗ କରିବାକୁ ପଛାଉ ନଥିଲେ । କୌଣସି କାଳ୍ପନିକ କିମ୍ବା ଜଟିଳ ଆଦର୍ଶବାଦରେ ବିଶ୍ୱାସ ନକରି ପରିସ୍ଥିତି ଅନୁଯାୟୀ ବ୍ୟାବହାରିକ ନିଷ୍ପତ୍ତି ନେଉଥିଲେ, ଯାହା ତାଙ୍କୁ ଜଣେ ମହାନ ରାଷ୍ଟ୍ରନିର୍ମାତା ଭାବେ ପ୍ରତିଷ୍ଠିତ କରିଥିଲା । ରାଜନୈତିକ ଚିନ୍ତାଧାରା ମୁଖ୍ୟତଃ ବାସ୍ତବବାଦ, ଜାତୀୟ ଏକତା, ଏବଂ ଦୃଢ଼ ପ୍ରଶାସନ ଉପରେ ଆଧାରିତ ଥିଲା । ଯୁବାବସ୍ଥାରୁ ଖୁବ୍ କର୍ମତତ୍ପର, ବିଦ୍ୟାଳୟରେ ପଢ଼ିବା ସମୟରେ ଜଣେ ଦୁର୍ନୀତିଗ୍ରସ୍ତ ଶିକ୍ଷକଙ୍କ ବିରୋଧରେ ଆୟୋଜିତ ହୋଇଥିଲା ଛାତ୍ର ଆନ୍ଦୋଳନର ନେତୃତ୍ୱ । ସେବେଠୁ ସ୍ୱପ୍ନ ଦେଖିଥିଲେ ଭଲ ଓକିଲଟିଏ ହୋଇ ସାଧାରଣ ଜନତା ଓ ଗରିବ ବ୍ୟକ୍ତି ମାନଙ୍କୁ ସହଯୋଗର ହାତ ବଢାଇ ସାମ୍ବିଧାନିକ ନ୍ୟାୟ ଦେବା ପାଇଁ । ଓକିଲାତି ପାଠପଢ଼ିବା ପାଇଁ ୧୯୧୦ରେ ଇଂଲଣ୍ଡ ଯାଆନ୍ତି ଓ ସେଠାକାର ବାର୍ ପରୀକ୍ଷାରେ ଶୀର୍ଷ ସ୍ଥାନ ଅଧିକାର କରନ୍ତି । ୧୯୧୩ରେ ସେ ବାର୍ ଆସୋସିଏସନ୍ ?ରେ ସ୍ଥାନ ପାଇ ଦେଶକୁ ଫେରନ୍ତି । ସେବେଠୁ ୧୯୫୦ ମୃତ୍ୟୁ ପର୍ଯ୍ୟନ୍ତ ସେ ଆଉ ଭାରତ ଛାଡ଼ି ଯାଇ ନଥିଲେ । ସର୍ଦ୍ଦାର ପଟେଲଙ୍କ ରାଜନୈତିକ ଦର୍ଶନର ମୂଳଦୁଆ ଥିଲା ଏକ ମଜଭୁତ ଓ ମିଳିତ ଭାରତ । ସ୍ୱାଧୀନତା ପରେ ଦେଶ ଖଣ୍ଡବିଖଣ୍ଡ ହେବାର ଆଶଙ୍କା ଥିବାବେଳେ ସେ ଦେଶୀୟ ଗଡ଼ଜାତ ରାଜ୍ୟକୁ ଭାରତୀୟ ସଂଘରେ ସାମିଲ କରିଥିଲେ । ସେ ବିଶ୍ୱାସ କରୁଥିଲେ ଯେ ଆଭ୍ୟନ୍ତରୀଣ ଏକତା ବିନା ଦେଶର ସ୍ୱାଧୀନତା ଅର୍ଥହୀନ । ଜବାହରଲାଲ ନେହେରୁଙ୍କ ଭଳି ସେ ପାଶ୍ଚାତ୍ୟ ସମାଜବାଦ କିମ୍ବା ବାମପନ୍ଥୀ ଚିନ୍ତାଧାରା ସପକ୍ଷରେ ନଥିଲେ । ସେ ଶ୍ରମିକ ଓ ମାଲିକଙ୍କ ମଧ୍ୟରେ ସଂଘର୍ଷ ପରିବର୍ତ୍ତେ ସହଯୋଗ ଉପରେ ଗୁରୁତ୍ୱ ଦେଉଥିଲେ । ମୁକ୍ତ ବ୍ୟବସାୟ ଓ ଶିଳ୍ପାୟନକୁ ସମର୍ଥନ କରୁଥିଲେ, କିନ୍ତୁ ତାହା ଗରିବ ଓ କୃଷକମାନଙ୍କ ସ୍ୱାର୍ଥ ରକ୍ଷା କରିବା ଉଚିତ ବୋଲି ମନେ କରୁଥିଲେ ।

ରାଜନୀତିରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରବେଶ ମହାତ୍ମା ଗାନ୍ଧୀଙ୍କ ଆଇନ ଅମାନ୍ୟ ଆନ୍ଦୋଳନରୁ ଅନୁପ୍ରାଣିତ ହୋଇଥିଲା । ସେ ୧୯୧୮ ମସିହାରେ ସ୍ୱାଧୀନତା ସଂଗ୍ରାମରେ ଗଭୀର ଭାବରେ ଜଡିତ ହୋଇଥିଲେ, ଯେତେବେଳେ ସେ ଗୁଜୁରାଟର କୃଷକମାନଙ୍କୁ ଖେଡା ସତ୍ୟାଗ୍ରହରେ ନେତୃତ୍ୱ ନେଉଥିଲେ । ଏହି ଅଂଚଳର ସାଧାରଣ ଜନତା ଯେତେବେଳେ ଦୁର୍ଭିକ୍ଷ ଓ ମହାମାରୀରେ ଆକ୍ରାନ୍ତ ହୋଇଥିଲା , ସେତେବେଳେ ମଧ୍ୟ ନୃସଂଶ ବ୍ରିଟିଶ ସରକାର ଦରିଦ୍ର ଚାଷୀଙ୍କଠାରୁ ଜମି ରାଜସ୍ୱ ଦାବି କରିଥିଲେ । ଏଭଳି ଦୁଃଖରେ ପଟେଲ ଚାଷୀଙ୍କୁ ଏକତ୍ରିତ କରି ଅହିଂସା ବିରୋଧର ଆୟୋଜନ କରିଥିଲେ । ଏହି ଅଭିଯାନ ଅହିଂସା ପ୍ରତିରୋଧ ପ୍ରତି ତାଙ୍କର ଆଜୀବନ ପ୍ରତିବଦ୍ଧତାର ଆରମ୍ଭକୁ ଚିହ୍ନିତ କରିଥିଲା ଏବଂ ତାଙ୍କୁ "ସର୍ଦ୍ଦାର" ଆଖ୍ୟା ଦେଇଥିଲା । ୧୯୨୦ ଦଶକରେ ପଟେଲ ଅସହଯୋଗ ଆନ୍ଦୋଳନରେ ଭାଗ ନେଇଥିଲେ । ଯାହାକି ବ୍ରିଟିଶ ସାମଗ୍ରୀ ଏବଂ ଅନୁଷ୍ଠାନକୁ ଅସହଯୋଗ କରିବା ପାଇଁ ଗାନ୍ଧୀଙ୍କ ଆହ୍ୱାନ ଥିଲା । ଏହି ଅବଧି ଭାରତୀୟ ଜାତୀୟ କଂଗ୍ରେସ ମଧ୍ୟରେ ଜଣେ ନେତା ଭାବରେ ତାଙ୍କର ସ୍ଥିତିକୁ ଦୃଢ଼ କରିଥିଲା । ୧୯୨୮ ମସିହାର ବର୍ଦୋଲି ସତ୍ୟାଗ୍ରହରେ ସେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ, ଯାହାକି ଜମି ରାଜସ୍ୱ ବୃଦ୍ଧି ବିରୁଦ୍ଧରେ ହୋଇଥିଲା । ଏହି ସଫଳ ଆନ୍ଦୋଳନ କେବଳ ପଟେଲଙ୍କ ପ୍ରତି ଜାତୀୟ ଦୃଷ୍ଟି ଆକର୍ଷଣ କରିନଥିଲା ବରଂ ଗାନ୍ଧୀ ନୀତି ଉପରେ ତାଙ୍କର ବିଶ୍ୱାସକୁ ଆହୁରି ଦୃଢ କରିଥିଲା ।

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କର ରାଜନୈତିକ ଦୃଷ୍ଟିକୋଣ ବହୁତ ଗଭୀର ଓ ଦୃଢ ଥିଲା । ସେ ଏକ ସୁଶାସନ ଏବଂ ସ୍ଥିରତାର ପ୍ରକୃତ ରାଜନୈତିକ ପରିବେଶକୁ ଗଢିବା ପାଇଁ ସଦା ଚେଷ୍ଟା କରୁଥିଲେ । ସାମ୍ରାଜ୍ୟବାଦକୁ ବିରୋଧ କରିଥିଲେ, କାରଣ ସାମ୍ରାଜ୍ୟବାଦୀ ଶାସନ ଭାରତର ଆର୍ଥିକ, ସାମାଜିକ ଓ ରାଜନୈତିକ ସଂରଚନାକୁ ଧୀରେ ଧୀରେ ନଷ୍ଟ କରୁଥିଲା । ସେ ସ୍ୱାଧୀନତା ପାଇଁ ଲୋକଙ୍କୁ ସଂଘବଦ୍ଧ ହେବାକୁ ବୁଝାଇଥିଲେ । ଏକ ସ୍ଥିର ଓ ସୁଚିତ ବ୍ୟବସ୍ଥା ପାଇଁ କର୍ମଶୀଳ ହୋଇଥିଲେ, ଯାହା ସାଧାରଣ ଲୋକଙ୍କ ପାଇଁ ନିଶ୍ଚିତ ତଥ୍ୟ ଓ ଶ୍ରେଷ୍ଠତା ଦେବାକୁ ଉଦ୍ୟମ କରୁଥିଲେ । ସାମାଜିକ ନ୍ୟାୟ ଓ ସମାନତାକୁ ଗୁରୁତ୍ୱ ଦେଇଥିଲେ, ଯାହା ଦୀର୍ଘକାଳରେ ଭାରତର ସାମାଜିକ ରୂପରେ ସୁଦୃଢ ହେବାକୁ ସାହାଯ୍ୟ କରିଥିଲା । ୧୯୧୭ରେ ସେ ପ୍ରଥମେ ଅହମଦାବାଦର ସାନିଟେସନ କମିଶନର ଏବଂ ପରେ ୧୯୨୪ରୁ ୧୯୨୮ ପର୍ଯ୍ୟନ୍ତ ମ୍ୟୁନିସିପାଲିଟିର ସଭାପତି ଭାବେ ଦାୟିତ୍ୱ ତୁଲାଇ ନିଜର ପ୍ରଶାସନିକ ଦକ୍ଷତା ପ୍ରତିପାଦିତ କରିଥିଲେ । ସ୍ୱାଧୀନ ଭାରତର ପ୍ରଥମ ଉପ ପ୍ରଧାନ ମନ୍ତ୍ରୀ, ପ୍ରଥମ ଗୃହ ମନ୍ତ୍ରୀ, ମହାନ ସ୍ୱାଧୀନତା ସଂଗ୍ରାମୀ, ପ୍ରିୟ ନେତା ତଥା ଜଣେ ମାର୍ଗ ଦର୍ଶକ ଭାବରେ ଭାରତୀୟ ମାନଙ୍କ ହୃଦୟ ରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି । ଏକ ଶୃଙ୍ଖଳିତ ଏବଂ ନିରପେକ୍ଷ ପ୍ରଶାସନ ହିଁ ଦେଶର ବିକାଶ ଓ ସ୍ଥିରତା ଆଣିପାରିବ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ଥିଲା । ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଆଦର୍ଶ ଆଜି ମଧ୍ୟ ପ୍ରାସଙ୍ଗିକତା ରହିଛି । ଦ୍ରୁତ ପରିବର୍ତ୍ତନଶୀଳ ରାଜନୈତିକ ଗତିଶୀଳତାର ଯୁଗରେ, ପଟେଲଙ୍କ ଜାତୀୟ ଏକତା ଏବଂ ଅଖଣ୍ଡତା ନୀତି ଆମକୁ ସାମୂହିକ ପରିଚୟ ଏବଂ ନମନୀୟତାର ମହତ୍ୱ ବିଷୟରେ ମନେ ପକାଇଥାଏ । ଏକ ବିକେନ୍ଦ୍ରୀକୃତ ଅର୍ଥନୀତି, ଗ୍ରାମୀଣ ସମ୍ପ୍ରଦାୟଗୁଡ଼ିକର ସଶକ୍ତିକରଣ ଏବଂ ଦକ୍ଷ ଶାସନ ବିଷୟରେ ତାଙ୍କର ଦୃଷ୍ଟିକୋଣ ଆଧୁନିକ ନୀତି ଆଲୋଚନାରେ ମଧ୍ୟ ଗୁଞ୍ଜରିତ ହେଉଛି । ଏହା ବ୍ୟତୀତ, ବୈଚାରିକ ମତଭେଦକୁ ଦୂର କରିବା ଏବଂ ସହଯୋଗୀ ନେତୃତ୍ୱ ଉପରେ ଗୁରୁତ୍ୱ ଦେବାର ତାଙ୍କର ଦକ୍ଷତା ଏହା ଉପରେ ଗୁରୁତ୍ୱ ଦେଇଥାଏ ଯେ ଜାତୀୟ କଲ୍ୟାଣ ପ୍ରତି ଏକ ସାଧାରଣ ପ୍ରତିବଦ୍ଧତା ବ୍ୟକ୍ତିଗତ କିମ୍ବା ରାଜନୈତିକ ଭିନ୍ନତାକୁ ଅତିକ୍ରମ କରିପାରେ, ଯାହା ଏକ ମୂଲ୍ୟବାନ ଶିକ୍ଷା ପ୍ରଦାନ କରିଥାଏ । ଆଜିର ଏହି ପବିତ୍ର ଦିବସରେ 'ମୁଁ ସତ୍ୟପାଠ କରୁଛି ଯେ ମୁଁ ଦେଶର ଏକତା, ଅଖଣ୍ଡତା ଏବଂ ସୁରକ୍ଷା ରକ୍ଷା କରିବା ପାଇଁ ନିଜକୁ ସମର୍ପିତ କରିବି ଏବଂ ମୋର ଦେଶବାସୀଙ୍କ ମଧ୍ୟରେ ଏହି ବାର୍ତ୍ତା ପ୍ରସାର କରିବା ପାଇଁ ଆନ୍ତରିକତାର ସହ ପ୍ରୟାସ କରିବି । ମୋ ଦେଶର ଏକତାର ଭାବନାରୁ ମୁଁ ଏହି ଶପଥ ନେଉଛି, ଯାହା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦୂରଦୃଷ୍ଟି ଏବଂ କାର୍ଯ୍ୟାନ୍ୱୟନ ଦ୍ୱାରା ସମ୍ଭବ ହୋଇପାରିଥିଲା ।' ଜାତୀୟ ଏକତା ଦିବସ ଭାରତର ବିବିଧତା ମଧ୍ୟରେ ଏକତାର ଭାବନାକୁ ସମ୍ମାନ ଜଣାଇବା ସହ ଦେଶର ସାର୍ବଭୌମତ୍ୱ, ଶାନ୍ତି ଓ ଅଖଣ୍ଡତା ବଜାୟ ରଖିବା ପାଇଁ ଆମର ସାମୂହିକ ସଂକଳ୍ପକୁ ସୁଦୃଢ଼ କରେ ।

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ. ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ, ନନ୍ଦପୁର, ଜିଲ୍ଲା: କୋରାପୁଟ

ଜିଲ୍ଲାବାସୀଙ୍କୁ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତିକୁ ନେଇ ସତର୍କ ରହିବାକୁ ଅନୁରୋଧ କରିଛନ୍ତି ଗଜପତି ଜିଲ୍ଲାପାଳ

ପାରଳାଖେମୁଣ୍ଡି, ୨୯/୧୦ (ଆ.ପ୍ର) : ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଜିଲ୍ଲାବାସୀଙ୍କୁ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତିକୁ ନେଇ ସତର୍କ ରହିବାକୁ ଅନୁରୋଧ କରିଛନ୍ତି । ଗଜପତି ଜିଲ୍ଲାବାସୀଙ୍କ ପ୍ରତି ମୋର ଜରୁରୀ ନିବେଦନ । ପ୍ରିୟ ଗଜପତିବାସୀ, ନମସ୍କାର । ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ଅନେକ ଅଂଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଅନେକ ଗ୍ରାମ ଜଳମଗ୍ନ ହୋଇସାରିଛି ଏବଂ ଅନେକ ପରିବାର ବିପଦର ସମ୍ମୁଖୀନ ହୋଇଛନ୍ତି । ବିଶେଷକରି ମହେନ୍ଦ୍ରତନୟା, ବଂଶଧାରା, ହରଭଙ୍ଗୀ ତଥା ଅନ୍ୟାନ୍ୟ ନଦୀ ଓ ନାଳ କୂଳରେ ବସବାସ କରୁଥିବା ସମସ୍ତ ଲୋକଙ୍କୁ ମୋର ହାତଯୋଡ଼ି ଅନୁରୋଧ- ଦୟାକରି ସତର୍କ ରୁହନ୍ତୁ, ନିଜ ଜୀବନକୁ ବିପଦରେ ପକାନ୍ତୁ ନାହିଁ । ଅତ୍ୟନ୍ତ ଆବଶ୍ୟକ ନହେଲେ ଘରୁ ବାହାରନ୍ତୁ ନାହିଁ । ନଦୀ , ନାଳ କିମ୍ବା ବନ୍ୟାଜଳ ନିକଟକୁ ଯା'ନ୍ତୁ ନାହିଁ । ଭୂସ୍ଖଳନ ଆଶଙ୍କା ଥିବା ପାହାଡ଼ିଆ ଅଂଚଳଠାରୁ ଦୂରେଇ ରୁହନ୍ତୁ । ଜିଲ୍ଲା ପ୍ରଶାସନ ପକ୍ଷରୁ ବିପଦପୂର୍ଣ୍ଣ ଅଂଚଳରେ ରହୁଥିବା ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ଯୁଦ୍ଧକାଳୀନ ଭିତିରେ ପ୍ରୟାସ ଚାଲିଛି । ପ୍ରଶାସନ ଆପଣଙ୍କୁ ସ୍ଥାନାନ୍ତର ହେବାକୁ ଅନୁରୋଧ କଲେ ଦୟାକରି ବିଳମ୍ବ ନକରି ସହଯୋଗ କରନ୍ତୁ । ଘର ଓ ଜିନିଷପତ୍ର ଠାରୁ ଆପଣଙ୍କ ଜୀବନ ଅନେକ ମୂଲ୍ୟବାନ୍ । ଆପଣ ମାନଙ୍କୁ ମୋର ଆଉ ଏକ ନିବେଦନ ନିଜ ସହିତ ପଡ଼ୋଶୀ, ବୟସ୍କ ବ୍ୟକ୍ତି, ଶିଶୁ, ଗର୍ଭବତୀ ମହିଳା ଓ ଅସହାୟ ଲୋକମାନଙ୍କ ସୁରକ୍ଷା ପ୍ରତି ମଧ୍ୟ ଧ୍ୟାନ ଦିଅନ୍ତୁ । ଗଜପତି ଜିଲ୍ଲାର ପ୍ରତ୍ୟେକ ଟି ଜୀବନ ଆମ ପାଇଁ ଅମୂଲ୍ୟ । ଜଣେ ହେଲେ ବି ମଣିଷ ର ଜୀବନ ଯେପରି ନ ଯାଏ ସେଥିପାଇଁ ଆମେ ଆମର ସମସ୍ତ ଶକ୍ତି ଲଗାଇ ପ୍ରୟାସ କରୁଛୁ । କିନ୍ତୁ ଆପଣ ମାନଙ୍କ ସହଯୋଗ ବିନା ଏହି ପ୍ରୟାସ ସଫଳ ହୋଇପାରିବ ନାହିଁ । ଏହା ପ୍ରକୃତିର ଏକ କଠିଣ ପରୀକ୍ଷା । ଆମେ ସମସ୍ତେ ଧୈର୍ଯ୍ୟ, ସତର୍କତା ଓ ଏବଂ ପରସ୍ପର ସହଯୋଗ ମାଧ୍ୟମରେ ଏହି ବିପଦର ମୁକାବିଲା କରିବା । ଆପଣଙ୍କ ଜୀବନ ଆମର ପ୍ରଥମ ପ୍ରାଥମିକତା, ଆପଣ ସୁରକ୍ଷିତ ରହିଲେ ଆମ ଗଜପତି ସୁରକ୍ଷିତ ରହିବ । ସତର୍କ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ, ପ୍ରଶାସନକୁ ସହଯୋଗ କରନ୍ତୁ ବୋଲି ଜିଲ୍ଲାବାସୀଙ୍କୁ ଜିଲ୍ଲାପାଳ ଶ୍ରୀ ଅଗ୍ରୱାଲ ଅନୁରୋଧ କରିଛନ୍ତି ।

ଶ୍ରେଷ୍ଠ ସରକାରୀ ଓକିଲ ଭାବେ ସମ୍ମାନୀତ ହେଲେ ଖଣ୍ଡପଡ଼ା ମାଟିର ପୁଅ ସଲୀଳ

ଖଣ୍ଡପଡ଼ା, ୨୯/୧୦ (ଆ.ପ୍ର) : ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଭୁବନେଶ୍ୱର ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ୨୦୨୫ ବର୍ଷ ନିମନ୍ତେ ଶ୍ରେଷ୍ଠ ସରକାରୀ ଓକିଲ ଭାବେ ସଲୀଳ କୁମାର ପ୍ରଧାନ ସମ୍ମାନୀତ ହୋଇଥିବା ଜଣାଯାଇଛି । ଏ ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ । ଏ ଅବସରରେ ସଲୀଳଙ୍କୁ ମୁଖ୍ୟମନ୍ତ୍ରୀ ପ୍ରଶଂସା ପତ୍ର ସହ ଏକ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିବା ଜଣାଯାଇଛି । ସଲୀଳଙ୍କ କାର୍ଯ୍ୟଦକ୍ଷତାକୁ ନେଇ ଖଣ୍ଡପଡ଼ା ଅଂଚଳବାସୀ ଓ ଚଣ୍ଡିପ୍ରସାଦ ଗ୍ରାମବାସୀ ବେଶ ଗର୍ବ ଅନୁଭବ କରିଥିବା ଜଣାଯାଇଛି । ସଲୀଳ ଗୁଣ୍ଡୁଣି ପଂଚାୟତ ଅଧୀନ ଚଣ୍ଡିପ୍ରସାଦ ଗ୍ରାମର ସୁନାମଧନ୍ୟ ଶିକ୍ଷାବିତ ବୈକୁଣ୍ଠନାଥ ପ୍ରଧାନଙ୍କ ପୁଅ ବୋଲି ଜଣାପଡିଛି । ସଲୀଳ ଏବେ ଭୁବନେଶ୍ୱରସ୍ଥିତ ଭିଜିଲାନ୍ସ ସ୍ପେଶାଲ ଜଜ କୋର୍ଟରେ ପିପି ଭାବେ କାର୍ଯ୍ୟ କରୁଥିବା ଜଣାପଡିଛି ।

କାକଟପୁର ପ୍ରଶାସନିକ କେନ୍ଦ୍ରରେ ନିଶା ବେପାରୀଙ୍କ ସହ ପୋଲିସର ନିବିଡ଼ ସମ୍ପର୍କ ନେଇ ତୀବ୍ର ଅସନ୍ତୋଷ

କାକଟପୁର, ୨୯/୧୦ (ଆ.ପ୍ର) : ପୁରୀ ଜିଲ୍ଲାର କାକଟପୁର ବ୍ଲକ୍ ଅନ୍ତର୍ଗତ ମୂଳାଗଡ଼ ବା ତହସିଲି ଛକ ଆଜି ଏକ ଅଭିଶପ୍ତ ପରିସ୍ଥିତି ଦେଇ ଗତି କରୁଛି । ଯେଉଁ ସ୍ଥାନରେ ସାଧାରଣ ଜନସାଧାରଣଙ୍କ ସୁବିଧା ପାଇଁ ରାଜ୍ୟର ପ୍ରମୁଖ ସରକାରୀ କାର୍ଯ୍ୟାଳୟଗୁଡ଼ିକ ପ୍ରତିଷ୍ଠିତ, ସେହି ପବିତ୍ର ଓ ଗୁରୁତ୍ୱପୂର୍ଣ୍ଣ ପରିସର ଆଜି ନିଶାଡ଼ି, ଚୋରା ମଦ ବେପାରୀ ଏବଂ ଅପରାଧୀଙ୍କ ଅଭୟାରଣ୍ୟରେ ପରିଣତ ହୋଇଛି । ପ୍ରଶାସନିକ ନିଷ୍କ୍ରିୟତା ଏବଂ ସ୍ଥାନୀୟ ଆଇନ ଶୃଙ୍ଖଳାର ଭୁଶୁଡ଼ି ପଡ଼ିଥିବା ଚିତ୍ର ସ୍ଥାନୀୟ ଜନ ଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି । ଏହି ଛକର ଚତୁର୍ପାର୍ଶ୍ୱରେ ତହସିଲ ଅଫିସ, ସବ-ରେଜିଷ୍ଟ୍ରାର ଅଫିସ, ସବ-ଟ୍ରେଜେରୀ ଅଫିସ, ଗ୍ରାମ୍ୟ ଉନ୍ନୟନ ଅଫିସ, ଆର ଡବ୍ଲ୍ୟୁ ଏସ ଏସ ଅଫିସ ଏବଂ ବ୍ୟାଙ୍କ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ରହିଛି । ଏହା ସହିତ ଏଠାରେ ଏକ ମହିଳା କଲେଜ, ଦୁଇଟି ବିଦ୍ୟାଳୟ ଏବଂ ପ୍ରସିଦ୍ଧ ସମେଶ୍ୱର ମହାଦେବ ଓ ଶନିଦେବଙ୍କ ମନ୍ଦିର ବିଦ୍ୟମାନ । ପ୍ରତିଦିନ ଏହି ରାସ୍ତା ଦେଇ ହଜାର ହଜାର କୋମଳମତି ଛାତ୍ର ଛାତ୍ରୀ, ମହିଳା, ସରକାରୀ କର୍ମଚାରୀ ଏବଂ ଶ୍ରଦ୍ଧାଳୁ ଯାତାୟାତ କରନ୍ତି । ମାତ୍ର ଅତ୍ୟନ୍ତ ପରିତାପର ବିଷୟ, ତହସିଲ ରାସ୍ତା କଡ଼ରେ ଥିବା ପ୍ଲଟ ନମ୍ବର ୪୩୯ ସରକାରୀ ଜମିକୁ ଜବରଦଖଲ କରି ଦୁଇ-ଦୁଇଟି ବେଆଇନ ଚୋରା ମଦ ଦୋକାନ ଖୋଲାଯାଇଛି । ଦିନରାତି ଏଠାରେ ଚାଲିଥିବା ବେଆଇନ ମଦ କାରବାର ଯୋଗୁଁ ସମଗ୍ର ପରିବେଶ କଳୁଷିତ ହୋଇପଡ଼ିଛି । ଏହି ଅପରାଧିକ କାର୍ଯ୍ୟକଳାପ ଯୋଗୁଁ କଲେଜକୁ ଯାଉଥିବା ଛାତ୍ରଛାତ୍ରୀ ଏବଂ ଅଫିସକୁ ଆସୁଥିବା ମହିଳାମାନେ ନିଶାସକ୍ତ ବ୍ୟକ୍ତିଙ୍କ ଦ୍ୱାରା ନିତିଦିନ ଅସଦାଚରଣ ଓ କମେଂଟବାଜିର ଶିକାର ହେଉଛନ୍ତି । ସାଧାରଣ ଲୋକେ ମୁହଁ ଖୋଲିବାକୁ ଭୟ କରୁଛନ୍ତି । ସବୁଠାରୁ ଦୁର୍ଭାଗ୍ୟଜନକ କଥା ହେଲା, ସ୍ଥାନୀୟ ପୋଲିସକୁ ବାରମ୍ବାର ଅବଗତ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ବଦଳରେ ଅଭିଯୋଗକାରୀଙ୍କ ନାମ ଗୋପନୀୟ ନରହି ସିଧା ସଳଖ ବେପାରୀଙ୍କ ପାଖରେ ପହଂଚିଯାଉଛି । ପେଟ୍ରୋଲିଂ ପାଇଁ ଆସୁଥିବା କିଛି ପୋଲିସ କର୍ମଚାରୀଙ୍କ ସହ ଉକ୍ତ ନିଶା ବେପାରୀଙ୍କ ଅତି ନିବିଡ଼ ସମ୍ପର୍କ ଏବଂ 'ଉତମ ଚର୍ଚ୍ଚା'ର ଦୃଶ୍ୟ ସାଧାରଣରେ ପୋଲିସ ପ୍ରଶାସନର ଭୂମିକା ଉପରେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି । ରାଜ୍ୟ ସରକାର ଏବଂ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଅପରାଧ ଓ ନିଶା କାରବାର ବିରୁଦ୍ଧରେ ଅପରେସନ୍ ଚକ୍ର ଭଳି କଡ଼ା ପଦକ୍ଷେପ ଗ୍ରହଣ କରାଯାଉଥିବା ବେଳେ କାକଟପୁର ମୂଳାଗଡ଼ ଛକରେ ଏହି ନିୟମ କାହିଁକି କାର୍ଯ୍ୟକାରୀ ହେଉନାହିଁ ? ତେଣୁ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ ଏବଂ ଅବକାରୀ ଅଧୀକ୍ଷକ ଏହି ସମ୍ବେଦନଶୀଳ ମାମଲାରେ ସିଧାସଳଖ ହସ୍ତକ୍ଷେପ କରିବା ଜରୁରୀ ହୋଇପଡ଼ିଛି । ପ୍ଲଟ ନମ୍ବର ୪୩୯ ସରକାରୀ ଜମିରୁ ବେଆଇନ ଜବରଦଖଲ ତୁରନ୍ତ ଉଚ୍ଛେଦ କରାଯାଉ, 'ଅପରେସନ୍ ଚକ୍ର' ଜରିଆରେ ନିଶା ବେପାରୀଙ୍କୁ ଗିରଫ କରାଯାଉ ଏବଂ ଜନସାଧାରଣ ଓ ଛାତ୍ର ଛାତ୍ରୀଙ୍କ ସୁରକ୍ଷା ପାଇଁ କଡ଼ା ପୋଲିସ ନଜରଦାରୀ ବ୍ୟବସ୍ଥା କରାଯାଉ ଏହାହିଁ ସ୍ଥାନୀୟ ବାସୀଙ୍କ ସହ କିଛି ସରକାରୀ ଅଧିକାରୀଙ୍କ ଏକମାତ୍ର ଦାବି ।

ଅମଳ ବେଳେ ବାତ୍ୟା ମାଡ଼, ଉଜାଡ଼ିଲା ଚାଷୀଙ୍କ ସ୍ୱପ୍ନ

ପନିପରିବା ସହ ଧାନ ଫସଲ ନଷ୍ଟ ଆଶଙ୍କା, କ୍ଷୟକ୍ଷତି ଆକଳନ କରି ସହାୟତା ଦେବାକୁ ଦାବି

ବାଲିଗୁଡ଼ା, ୨୯/୧୦ (ଆ.ପ୍ର) : ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ଲଗାଣ ବର୍ଷା ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି । ଅମଳ ସମୟରେ ବର୍ଷା ଦାଉ ସାଧିଥିବାରୁ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଅଂଚଳରେ ପନିପରିବା ସହ ଧାନ ଫସଲ ମଧ୍ୟ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଦେଖାଦେଇଛି । ଅଦିନିଆ ବର୍ଷା ଚାଷୀଙ୍କ ବର୍ଷକର ପରିଶ୍ରମକୁ ମାଟିରେ ମିଶାଇ ଦେବା ଭଳି ପରିସ୍ଥିତି ସୃଷ୍ଟି କରିଥିବାରୁ ଚାଷୀମହଲରେ ନିରାଶା ଦେଖାଦେଇଛି । ବାଲିଗୁଡ଼ା ଅଂଚଳର ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା ଯୋଗୁଁ ଚାଷଜମିରେ ପାଣି ଜମି ରହିଛି । ବିଶେଷକରି ଅମଳ ସମୟ ହୋଇଥିବାରୁ ବିଲରେ ପାଚିବା ଧାନଗଛ ବର୍ଷା ଓ ପବନ ଯୋଗୁଁ ଶୋଇପଡ଼ିବା ସହ ଅନେକ ସ୍ଥାନରେ ପାଣିରେ ବୁଡ଼ି ରହିଛି । ଫଳରେ ଧାନ ଅମଳ ହ୍ରାସ ପାଇବା ସହ ଗୁଣବତା ନଷ୍ଟ ହେବାର ଆଶଙ୍କା ଚାଷୀଙ୍କ ମନରେ ଭୟ ସୃଷ୍ଟି କରିଛି । ଧାନ ଅମଳ ପାଇଁ ଆଉ କିଛି ଦିନ ଅପେକ୍ଷା କରିଥିବା ଚାଷୀଙ୍କ ଆଶା ଉପରେ ବର୍ଷା ପାଣି ଢାଳି ଦେଇଛି । ଅନ୍ୟପକ୍ଷରେ, ଅଂଚଳର ବହୁ ଚାଷୀ ବାଇଗଣ, ବିନ୍ସ, ଟମାଟୋ ସମେତ ବିଭିନ୍ନ ପ୍ରକାର ପନିପରିବା ଚାଷ କରି ନିଜ ପରିବାରର ଗୁଜୁରାଣ ମେଂଟାଉଥାନ୍ତି । ହେଲେ ଲଗାଣ ବର୍ଷା ଯୋଗୁଁ ପନିପରିବା କ୍ଷେତରେ ପାଣି ଜମି ରହିବାରୁ ଗଛର ବୃଦ୍ଧି, ଫୁଲ ଓ ଫଳ ଧାରଣ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି । ଅଧିକ ସମୟ ଧରି ଜମିରେ ପାଣି ରହିଲେ ଗଛ ପଚିଯିବା ସହ ଉତ୍ପାଦନ ହ୍ରାସ ପାଇପାରେ । ଏହାଦ୍ୱାରା ବଜାରକୁ ପନିପରିବା ଯୋଗାଣ ପ୍ରଭାବିତ ହେବା ସହ ଚାଷୀଙ୍କ ଆୟ ମଧ୍ୟ କମିବାର ଆଶଙ୍କା ରହିଛି । ଚାଷ ପାଇଁ ବିହନ, ସାର, କୀଟନାଶକ ଓ ଶ୍ରମିକ ବାବଦରେ ଖର୍ଚ୍ଚ କରିଥିବା ଅର୍ଥ ଫେରିପାଇବା ନେଇ ଚାଷୀମାନେ ଏବେ ଚିନ୍ତାରେ । ଧାନ ଓ ପନିପରିବା ଚାଷ ଅନେକ ପରିବାରର ଜୀବିକାର ପ୍ରମୁଖ ମାଧ୍ୟମ ହୋଇଥିବାରୁ ଏହି କ୍ଷତି ସେମାନଙ୍କ ଆର୍ଥିକ ସ୍ଥିତିକୁ ଦୋହଲାଇ ଦେବାର ଆଶଙ୍କା ରହିଛି । ଏଭଳି ସମୟରେ ଚାଷୀଙ୍କୁ ତୁରନ୍ତ ସହାୟତା ନମିଳିଲେ ଆଗାମୀ ଦିନରେ ସେମାନଙ୍କ ପାଇଁ ପରିସ୍ଥିତି ଆହୁରି ସଙ୍ଗିନ ହୋଇପାରେ । ତେଣୁ କୃଷି ବିଭାଗ ଓ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀମାନେ ତୁରନ୍ତ କ୍ଷତିଗ୍ରସ୍ତ ଅଂଚଳ ପରିଦର୍ଶନ କରି ଧାନ ଓ ପନିପରିବା ଫସଲର କ୍ଷୟକ୍ଷତି ଆକଳନ କରିବା ସହ ପ୍ରଭାବିତ ଚାଷୀଙ୍କୁ ଚିହ୍ନଟ କରିବାକୁ ଦାବି ହୋଇଛି । ଏଥିସହ ଚାଷୀଙ୍କୁ ଆବଶ୍ୟକ କୃଷି ପରାମର୍ଶ, ଫସଲର ସୁରକ୍ଷା ପାଇଁ ଉପଯୁକ୍ତ ମାର୍ଗଦର୍ଶନ ଏବଂ ସରକାରୀ ନିୟମ ଅନୁଯାୟୀ ଆର୍ଥିକ ସହାୟତା ଯୋଗାଇଦେବାକୁ ଅଂଚଳର ଚାଷୀମହଲରୁ ଦାବି ହୋଇଛି ।

ବେଆଇନ ବାଲି ଚୋରା ଚାଲାଣ ଉପରେ ଖଣି ବିଭାଗ ଚଢାଉ ତିନୋଟି ଟ୍ରାକ୍ଟର ଜବତ

ବାଲିଆପାଳ,୨୯/୧୦ (ଆ.ପ୍ର) : ଆଜ୍ଜନ ମୋଡ଼ରେ ଖଣି ଅଧିକାରୀ ବାଲିଆପାଳ ରେ ବାଲି ଚୋରା ଚାଲାଣ ବେଳେ ଜବତ ହୋଇଛି ତିନୋଟି ଟ୍ରାକ୍ଟର । ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅଣ୍ଡି ଗ୍ରାମପଂଚାୟତ ବଡାପାଳରେ ସୁବର୍ଣ୍ଣରେଖା ନଦୀରେ ଡଙ୍ଗା ସାହାଯ୍ୟ ବେଆଇନ ଭାବରେ ବାଲି ଉତୋଳନ କରି ଉଚ୍ଚସ୍ଥାନରେ ରଖି ଟ୍ରାକ୍ଟର ଯୋଗେ ବାଲି ଚୋରା ଚାଲାଣ ହେଉଥିବା ସମୟରେ ଜୁନିଅର ଖଣି ଅଧିକାରୀ ତାପସ ବେହେରା ନେତୃତ୍ୱରେ ଖଣି ଅଧିକାରୀ ଅଭିଷେକ ବେହେରା ଓ ଜଗନ୍ନାଥ ଦାସ ରେଡ୍ କରି ଥିଲେ । ଜବତ୍ ଟ୍ରାକ୍ଟର ଗୋଟିକୁ ବାଲିଆପାଳ ଥାନା ରେ ଜିମା ରଖାଯାଇଛି । ତେବେ ଏହି ଅଂଚଳରୁ ଦୀର୍ଘ ଦିନ ଧରି ବେଆଇନ ଭାବେ ଟ୍ରାକ୍ଟର ରେ ବେଆଇନ ଭାବେ ରେ ବାଲି ଚୋରା ଚାଲାଣ ହେଉଥିଲା । ଖଣି ଅଧିକାରୀ ତାପସ ବେହେରା ଏହି କାର୍ଯ୍ୟାନୁଷ୍ଠାନ ପରେ ବାଲିଆପାଳ ମାଫିଆ ମାନଙ୍କ ଉପରେ ପହାର କରିଛନ୍ତି ଖଣି ଅଧିକାରୀ । ଖଣି ଅଧିକାରୀ କହିଛନ୍ତି ଆଗକୁ ଏମିତି ଜୁରଦାର ଚଢ଼ାଉ ହେବ ବୋଲି ଜୁନିଅର ଖଣି ଅଧିକାରୀ ତାପସ ବେହେରା କହିଛନ୍ତି । ବାଲିଆପାଳ ରେ ବାଲି ଚୋରା ବନ୍ଦ କରି ବା ପାଇଁ ଖଣି ଅଧିକାରୀ ତାପସ ବେହେରା କହିଛନ୍ତି ।

ତହସିଲ ୧୫୫ ବସ୍ତା ପଲିଥିନ ଚୋରି ଅଭିଯୋଗ

ହାଟଡିହି, ୨୯/୧୦ (ଆ.ପ୍ର) : କେନ୍ଦୁଝର ଜିଲା ହାଟଡିହୀ ତହସିଲ କାର୍ଯ୍ୟାଳୟରୁ ୧୫୦ଟି ପଲଥିନ୍? ଚୋରି ଘଟଣାର ଦୁଇ ଦିନ ପରେ ଥାନାରେ ଅଭିଯୋଗ ହେବାକୁ ନେଇ ସନ୍ଦେହ ଉପୁଜିଛି । ମିଳିଥିବା ସୂଚନା ଅନୁସାରେ, ଗତ ଅକ୍ଟୋବର ୨୬ ତାରିଖରେ ଚୋରି ହୋଇଥିବାବେଳେ ୨୮ ତାରିଖ ରାତି ନନ୍ଦିପଦା ଥାନାରେ ଅଭିଯୋଗ ହୋଇଛି । ପୋଲିସ କେସ୍? ନଂ ୩୯୨/୨୦୨୬ ପଞ୍ଜୀକରଣ କରି ଅନୁଧ୍ୟାନ ଆରମ୍ଭ କରିଛି । ତେବେ ଦୁଇ ଦିନର ବିଳମ୍ବରେ ଅଭିଯୋଗ ହେବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସବୁଠୁ ବଡ଼ ଆଶ୍ଚର୍ଯ୍ୟ ଏବଂ ପରିତାପର ବିଷୟ ହେଉଛି ତହସିଲର ଷ୍ଟୋର ରୁମ୍‌ର ତାଲା ଭାଙ୍ଗିନାହିଁ । ତାଲା ଅକ୍ଷତ ଥିବା ବେଳେ ଭିତରୁ ପଲିଥିନ ଗାଏବ ହୋଇଛି । ଏହା ବାହାର ଚୋର କାମ ନୁହେଁ, ଭିତର ଲୋକଙ୍କ ହାତ ଅଛି ବୋଲି ସନ୍ଦେହ ପ୍ରକାଶ କରାଯାଉଛି । ଅପରପକ୍ଷେ ଏହି ଚୋରି ପଛରେ ବଡ ଦୁର୍ନୀତି ଲୁଚିଛି । ପଲଥିନ୍ ?ଗୁଡ଼ିକୁ ଆଗରୁ ଲୁଚାଣିଆ ଭାବେ ବିକ୍ରି କରି ଦିଆଯାଇଛି । ଏବେ ଯାଂଚ ଡରରେ ଚୋରିର ନାଟକ କରି ନିଜକୁ ବଂଚାଇବାକୁ ଥାନାରେ ଏତଲା ଦିଆଯାଇଛି ବୋଲି ଆଲୋଚନାର ମୁଖ୍ୟ ପ୍ରସଙ୍ଗ ସାଜିଛି । ଯଦି ସତରେ ଚୋରି ହୋଇଛି, ତେବେ ୨୬ ତାରିଖରେ ସିସିଟିଭି ଫୁଟେଜ କେଉଁଠି ? ତହସିଲ ପରି ସୁରକ୍ଷିତ ସ୍ଥାନରୁ ବସ୍ତା ବସ୍ତା ପଲଥିନ୍ କିଏ ନେଲା ଆଉ କେହି ଦେଖିଲେ ନାହିଁ କେମିତି ? ତେବେ ପୋଲିସ ତଦନ୍ତ ନାଁରେ ଲୁଚାଇବ ନା ସତ ସାମ୍ନାକୁ ଆଣିବ, ତାହା ଦେଖିବାକୁ ବାକି ରହିଲା । ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି, ତହସିଲ ପକ୍ଷରୁ ତୁରନ୍ତ ଅଭିଯୋଗ କରା ନ ଯାଇ ଘଟଣା ଘଟିବାର ୪୮ ଘଂଟା ପରେ ଅଭିଯୋଗ କରାଯାଇଛି । ନାଜିରଙ୍କ ଅଭିଯୋଗ ଅନୁସାରେ ତାଲା ଭାଙ୍ଗିନି, କିନ୍ତୁ ଜଞ୍ଜିର ହୁଗୁଳା ବା ଢିଲା ଥିବାର ସୁଯୋଗ ନେଇ ଚୋରି ହୋଇଛି । ଯାହାକି ସନ୍ଦେହ ସୃଷ୍ଟି କରୁଛି । ତଦନ୍ତ ଆରମ୍ଭ ହୋଇଛି । ପରେ ସତ୍ୟତା ଧରାପଡ଼ିବ ।ହାଟଡିହୀ ତହସିଲଦାର ସଞ୍ଜୟ ସାମନ୍ତରାୟ ଅସନ୍ତୋଷ ପ୍ରକାଶ କରି କହିଛନ୍ତି ଯେ, ମୁଁ ଏକ ସରକାରୀ କାର୍ଯ୍ୟରେ ଦୁଇ ଦିନ ହେବ ବାହାରେ ଥିଲି । କିନ୍ତୁ ଚୋରି ହେବା ନେଇ ମତେ କୌଣସି କର୍ମଚାରୀ ଜଣାଇ ନ ଥିଲେ । ଅଫିସରେ ବୁଧବାର ପହଂଚିବା ପରେ ଘଟଣା ବାବଦରେ ଜାଣିଲି । ତୁରନ୍ତ ନାଜିରଙ୍କୁ ଥାନାରେ ଅଭିଯୋଗ କରିବାକୁ କହିବା ସହ ଆନନ୍ଦପୁର ଏସ୍‌ଡିପିଓ କମଳ କୁମାର ପଣ୍ଡାଙ୍କୁ ଜଣାଇଛି । ବିଭାଗୀୟ ତଦନ୍ତ ପାଇଁ ଏକ ଟିମ୍ ମଧ୍ୟ ଗଠନ ହୋଇଛି । ତହସିଲରେ ସିସିଟିଭି କ୍ୟାମେରା ନାହିଁ ।

କୁକୁଡ଼ାଖଣ୍ଡିରେ ବର୍ଷା ଓ ବନ୍ୟା ସ୍ଥିତି ଗମ୍ଭୀର, ଚାଷଜମି ଜଳମଗ୍ନ; ଭୁଶୁଡ଼ିଲା କେନାଲ ରାସ୍ତା

କୁକୁଡ଼ାଖଣ୍ଡି, ୨୯/୧୦ (ଆ.ପ୍ର) : ଲଗାତାର ଦୁଇ ଦିନର ବର୍ଷାରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଂଚଳରେ ଜଳବନ୍ଦୀ ସ୍ଥିତି ଦେଖାଦେଇଛି । ବାତ୍ୟା ଅର୍ଣ୍ଣବର ପ୍ରଭାବରେ କୁକୁଡ଼ାଖଣ୍ଡି ବ୍ଲକର ଅନେକ ଗ୍ରାମରେ ଚାଷଜମି ଜଳମଗ୍ନ ହେବା ସହ ବିଭିନ୍ନ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି । ଏହି ସ୍ଥିତିକୁ ନେଇ ଚାଷୀଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ସମସ୍ତେ ଚିନ୍ତାରେ ରହିଛନ୍ତି । ବିଶେଷ କରି କୁକୁଡ଼ାଖଣ୍ଡି ବ୍ଲକ ଅଂଚଳରେ ବର୍ଷାଜଳ ନିଷ୍କାସନ ହୋଇ ନପାରିବାରୁ ଅନେକ ଚାଷଜମି ଜଳମଗ୍ନ ହୋଇପଡ଼ିଛି । ଫଳରେ ଚାଷ ନଷ୍ଟ ହେବା ଆଶଙ୍କାରେ ଚାଷୀକୁଳ ଚିନ୍ତିତ ହୋଇପଡ଼ିଛନ୍ତି । ଅନ୍ୟପକ୍ଷରେ, ବର୍ଷା ଯୋଗୁଁ ବିଭିନ୍ନ ଅଂଚଳର ରାସ୍ତା ଉପରେ ଜଳ ପ୍ରବାହିତ ହେବାରୁ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଛି ।ସେହିପରି ଅନନ୍ତାଇ-ବହୁପଲ୍ଲୀକୁ ସଂଯୋଗ କରୁଥିବା କେନାଲ ନିକଟରେ ଜଳସ୍ତର ବୃଦ୍ଧି ପାଇବା ପରେ ଚଳାପଥ ରାସ୍ତା ଭୁଶୁଡ଼ି ପଡ଼ିଥିବା ଜଣାପଡ଼ିଛି । ଏଥିସହ କେତେକ କେନାଲରେ ଜଳସ୍ତର ବଢ଼ିବା ସହ ଜଳ ରାସ୍ତା ଉପରକୁ ମାଡ଼ିଆସିଛି । ଏହାକୁ ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଭୟ ଓ ଆଶଙ୍କା ଦେଖାଦେଇଛି । ରାସ୍ତା ଭୁଶୁଡ଼ିବା ଓ ଜଳପ୍ରବାହ ଯୋଗୁଁ ଯାତାୟାତ ପ୍ରଭାବିତ ହେବା ସହ ଅଂଚଳବାସୀଙ୍କ ଦୁର୍ଦ୍ଦଶା ବଢ଼ିଛି ।

ଯାଜପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ 'ସୁରକ୍ଷିତ ଶୈଶବ ଅଭିଯାନ, ଶିଶୁଙ୍କ ସୁରକ୍ଷା ଓ ଆଇନଗତ ଅଧିକାର ସମ୍ପର୍କରେ ସଚେତନତା

ଯାଜପୁର, ୨୯/୧୦ (ଆ.ପ୍ର) : ଶିଶୁମାନଙ୍କୁ ଯୌନ ଅପରାଧରୁ ସୁରକ୍ଷା ପ୍ରଦାନ କରିବା ସହ ସେମାନଙ୍କ ଅଧିକାର ଓ ଆଇନଗତ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ 'ସୁରକ୍ଷିତ ଶୈଶବ ଅଭିଯାନ' ଅନ୍ତର୍ଗତ ଏକ ସଚେତନତା ସଭା ଆଜି ଯାଜପୁର ସହରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଯୌନ ଅପରାଧରୁ ଶିଶୁମାନଙ୍କ ସୁରକ୍ଷା ଅଧିନିୟମ, ୨୦୧୨ ଆଧାରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ଅମୃତ ରଞ୍ଜନ ନନ୍ଦ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ଶ୍ରୀ ନନ୍ଦ ନିଜ ବକ୍ତବ୍ୟରେ ପ୍ରତ୍ୟେକ ଶିଶୁର ଶୈଶବକୁ ସୁସ୍ଥ, ସକ୍ରିୟ, ଆନନ୍ଦମୟ ଓ ସୁରକ୍ଷିତ କରିବା ଦିଗରେ ସମସ୍ତଙ୍କର ମିଳିତ ଦାୟିତ୍ୱ ରହିଛି ବୋଲି ମତପ୍ରକାଶ କରିଥିଲେ । ଶିଶୁମାନେ ଯେପରି ଭୟ ଓ ଆଶଙ୍କାମୁକ୍ତ ପରିବେଶରେ ଜୀବନ ଅତିବାହିତ କରିପାରିବେ, ସେଥିପାଇଁ ପରିବାର, ବିଦ୍ୟାଳୟ ଓ ସମାଜର ପ୍ରତ୍ୟେକ ବ୍ୟକ୍ତି ଯତ୍ନବାନ ହେବା ଆବଶ୍ୟକ ବୋଲି ସେ ଆହ୍ୱାନ ଦେଇଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଲିପା ମହାନ୍ତି ନିଜ ବକ୍ତବ୍ୟରେ ଶିଶୁମାନଙ୍କ ସୁରକ୍ଷା, ସଂରକ୍ଷଣ ଓ ଅଧିକାର ସେମାନଙ୍କର ଆଇନଗତ ଅଧିକାର ବୋଲି ଉଲ୍ଲେଖ କରିଥିଲେ । ଶିଶୁମାନଙ୍କ ଅଧିକାରର ସୁରକ୍ଷା ଓ ନ୍ୟାୟ ପ୍ରଦାନ ଦିଗରେ ପ୍ରାଧିକରଣ ସର୍ବଦା ସଚେତନ ରହିବା ସହ ଆବଶ୍ୟକ ସ୍ଥଳେ ଆଇନଗତ ସହାୟତା ଯୋଗାଇ ଦିଆଯିବ ବୋଲି ସେ ସୂଚନା ଦେଇଥିଲେ । ଏହି ଅଭିଯାନର ଅଂଶସ୍ୱରୂପ ଗତ ୨୭ ତାରିଖଠାରୁ ଯାଜପୁରସ୍ଥିତ ହରି ସାମନ୍ତ ଉଚ୍ଚ ବିଦ୍ୟାଳୟ, ନାଥସାହି ପଂଚାୟତ ହାଇସ୍କୁଲ ଏବଂ ସରସ୍ୱତୀ ଶିଶୁ ମନ୍ଦିରଠାରେ ମଧ୍ୟ ଆଇନ ସଚେତନତା ସଭାମାନ ଆୟୋଜନ କରାଯାଇଥିଲା । ଏହି ସଚେତନତା ସଭାଗୁଡ଼ିକରେ ଯଥାକ୍ରମେ ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ନେହା ଅଗ୍ରୱାଲ, ବରିଷ୍ଠ ଦେୱାନୀ ବିଚାରପତି ନୀଳିମା ପଣ୍ଡା ଏବଂ ସିନିୟର ସିଭିଲ ଜଜ୍, ଏଲଆର୍‌ଏଲ୍‌ଟିଭି ଲୋପାମୁଦ୍ରା ବେହେରା ଯୋଗଦେଇଥିଲେ । ସେମାନେ ଅଭିଯାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ, ଶିଶୁଙ୍କ ସୁରକ୍ଷାରେ ଶିକ୍ଷକ, ଅଭିଭାବକ, ନାଗରିକ ସମାଜ ଓ ଛାତ୍ରଛାତ୍ରୀଙ୍କ ଦାୟିତ୍ୱ ତଥା ଶିଶୁମାନଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଆଇନ ସେବା ପ୍ରାଧିକରଣର ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଏହି ଅଭିଯାନର ସଫଳ ପରିଚାଳନାରେ ସମ୍ପୃକ୍ତ ବିଦ୍ୟାଳୟଗୁଡ଼ିକର ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକ-ଶିକ୍ଷୟିତ୍ରୀ, ଶିକ୍ଷାକର୍ମୀ ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମଚାରୀମାନେ ସହଯୋଗ କରିଥିଲେ ।

ଡିଲ୍ ମାଇ ଟ୍ରିପରେ ୫୦ ତମପରି ଭ୍ରମଣ ଦିବସ ପାଳିତ

ହାଟଡିହି, ୨୯/୧୦ (ଆ.ପ୍ର) : ହାଟଡିହି କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ପରି ଭ୍ରମଣ ଦାୟିତ୍ୱ ବହନ କରୁଥିବା ଡିଲ୍ ମାଇ ଟ୍ରିପ ଗ୍ରୁପ୍ ତାହାର ୫୦ ତମ ପରି ଭ୍ରମଣ ଦିବସ ପାଳନ କରିଛି । ଯାହାକି ଗ୍ରାମାଂଚଳ ତଥା ସହାରାଂଚଳର ଲୋକ ମାନଙ୍କୁ ନେଇ ଦେଶ ର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ବୁଲାଇ ଉପଯୁକ୍ତ ସେବା ଯୋଗାଇ ଦେଉ ଥିବାରୁ ଲୋକ ମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳୁଛି । ଏହି ସବୁ ପରି ଭ୍ରମଣ ଦାୟିତ୍ୱ ବହନ କରୁଥିବା ଯୁବକମାନଙ୍କ ଆଦର୍ଶ ଦେବୀପ୍ରସାଦ ପଟ୍ଟନାୟକ ନିଜେ ପ୍ରତିଷ୍ଠାତା ଭାବେ ସବୁ ଦାୟିତ୍ୱ ନେଉ ଥିବାରୁ ଗ୍ରାହକମାନେ ମଧ୍ୟ ବେଶ୍ ଖୁସିରେ ପରିଭ୍ରମଣ କରୁଥିବାରୁ ଡିଲ୍ ମାଇ ଟ୍ରିପ କୃତଜ୍ଞତା ଜଣାଇଛନ୍ତି ।

ସଡକ ସୁରକ୍ଷା ନିମନ୍ତେ ନିରାକରଣ ଏବଂ ଜିଲ୍ଲା ରାଜପଥ ସୁରକ୍ଷା ଟାସ୍କ ଫୋର୍ସ ବୈଠକ

ଜଗତସିଂହପୁର, ୨୯/୧୦ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ସଡ଼କ ସୁରକ୍ଷା ସମିତି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ଗୃହରେ ଅପରାହ୍ନ ୪.୩୦ ଘଂଟିକା ରେ ସଡକ ସୁରକ୍ଷା ଏବଂ ତାର ପ୍ରତିକାର ବିଷୟରେ ଜିଲ୍ଲା ସଡ଼କ ସୁରକ୍ଷା ସମିତିର ସମସ୍ତ ସଭ୍ୟ ମାନଙ୍କୁ ନେଇ ଆଲୋଚନାଚକ୍ର ଆୟୋଜନ ହୋଇ ଥିଲା । ପ୍ରଥମେ ସୁପ୍ରିମକୋର୍ଟଙ୍କ ତତ୍ୱାବଧାନରେ ଜିଲ୍ଲା ରାଜପଥ ସୁରକ୍ଷା ଟାସ୍କ ଫୋର୍ସ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଜିଲ୍ଲାପାଳ ଜେ ସୋନାଲ ପୌରହିତ କରିଥିଲେ, ଉକ୍ତ ସଭାରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା ଅପରାଧକୁ ନିରୀକ୍ଷଣ କରିବା ପାଇଁ ଜାତୀୟ ରାଜପଥ-୫୩ର ଦୋଛକିରେ ରାସ୍ତାରେ ନିରୀକ୍ଷଣ କ୍ୟାମେରା ଲଗାଇବା ପାଇଁ ସଂପୃକ୍ତ ବିଭାଗ କୁ ନିର୍ଦ୍ଦେଶ ଦେଇଥିଲେ, ଉକ୍ତ ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅକ୍ଷୟ ପିଲେ, ଅତିରିକ୍ତ ଜିଲ୍ଲାପାଳ ପାରାଦୀପ ନିରଞ୍ଜନ ବେହେରା , ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଉପସ୍ଥିତ ଥିଲେ ।ଏହି ଅବସରରେ ଆର୍ ଆଣ୍ଡ ବି, ଆରଡି, ଏନ୍ ଏଚ୍ ୫୫ର କର୍ମକର୍ତାମାନେ ଏବଂ ଏନ୍‌ଜିଓରେ କର୍ମକର୍ତା ମାନେ ଯୋଗ ଦେଇଥିଲେ । ଆଂଚଳିକ ପରିବହନ ଅଧିକାରୀ ଦିପକ କୁମାର ସେଠୀ ଯୋଗଦେଇ ଜିଲ୍ଲା ମଧ୍ୟରେ ସମସ୍ତ ଦୁର୍ଘଟଣା କୁ ବିସ୍ତୃତ ଭାବରେ ଆଲୋଚନା କରିବା ସହ ଉକ୍ତ ଦୁର୍ଘଟଣାକୁ ହ୍ରାସ କରିବାକୁ ଗଠନ ମୂଳକ ଭାବରେ ମନ୍ତବ୍ୟ ଉପସ୍ଥାପନ କରିଥିଲେ, ଜିଲ୍ଲାପାଳ ଜେ ସୋନାଲ ଉକ୍ତ ଦୁର୍ଘଟଣ ର ପ୍ରତିକାର ବିଷୟରେ ଆଲୋଚନା କରିବା ସହ ସମ୍ପୃକ୍ତ ବିଭାଗକୁ ରାସ୍ତାର ମରାମତି କାର୍ଯ୍ୟ ତ୍ୱରାନ୍ୱିତ କରାଇବା ସହ ସଂପୃକ୍ତ ଜାତୀୟ ରାଜପଥ ୫୩ ଜାତୀୟ ରାଜପଥ ୫୫ ଏବଂ ରାଜ୍ୟ ରାଜପଥ ୧୨ ରାସ୍ତା କଡ଼ରେ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ତୁରନ୍ତ ସାରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆର୍ ଡି ରାସ୍ତା ଏବଂ ଆର ଆଣ୍ଡ ବି ରାସ୍ତାରେ ସଙ୍କେତ ଲଗାଇବା ସହ ରାସ୍ତାର ମରାମତି କାର୍ଯ୍ୟ ଏବଂ ଚଳିତ ବର୍ଷ ପାରାଦ୍ୱୀପରେ ବାଲିଯାତ୍ରାକୁ ଆଖି ଆଗରେ ରଖି ଲାଇଟ୍‌ର ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ ଦେବା ସହ କାର୍ଯ୍ୟକୁ ଶିଘ୍ର ସାରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଦୁର୍ଘଟଣା ରେ ପିଡାତଙ୍କୁ ସାହାଯ୍ୟ କରିଥିବା ଗୁଡ଼ ସମାରିଂଟିଆନ ମାନଙ୍କୁ ସମ୍ମାନୀତ କରିବା ସହ ସେବା ସଙ୍କଳ୍ପ ଅଭିଯାନରେ ଜିଲ୍ଲା ସ୍ତରୀୟ ସ୍ଲୋଗାନ ପ୍ରତିଯୋଗିତା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ସଫଳ ପ୍ରତିଯୋଗୀମାନଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା । ଶେଷରେ ପରିବହନ ଅଧିକାରୀ ଶ୍ରୀ ସେଠୀ ସଡ଼କ ସୁରକ୍ଷା ସମିତିର ତତ୍ପରତା ପାଇଁ ଦୁର୍ଘଟଣା ମୃତ୍ୟୁହାର ପୂର୍ବ ବର୍ଷ ଅପେକ୍ଷା ଶତକଡା ୧୭ ପ୍ରତିଶତ ହ୍ରାସ ହୋଇଥିବାରୁ ସମସ୍ତଙ୍କୁ ସାଧୁବାଦ ଦେବା ସହ ଅମାନିଆ ଗାଡ଼ି ଚାଳକଙ୍କ ପାଇଁ ପ୍ରବର୍ତନ ବାଧତାମୂଳକ ଯାଂଚ କଡ଼ାକଡ଼ି କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ସଂପ୍ରତି ଜିଲ୍ଲା ସଡ଼କ ସୁରକ୍ଷା ସମିତିର ସମସ୍ତ ସଭ୍ୟ ଉପସ୍ଥିତ ରହି ଗଠନ ମୂଳକ ମତାମତ ଦେଇଥିଲେ । ଏଥିରେ ଆଂଚଳିକ ପରିବହନ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ ।

ଯାଜପୁର ସଦର ଥାନାରେ ବଧୂ ହତ୍ୟା ଅଭିଯୋଗ

ଯାଜପୁର, ୨୯/୧୦ (ଆ.ପ୍ର) : ଯାଜପୁର ସଦର ଥାନା ଅନ୍ତର୍ଗତ ମଲ୍ଲିକା ପୁର ଗ୍ରାମରେ ଏକ ବଧୂ ହତ୍ୟା ଅଭିଯୋଗ ନେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି ଝିଅର ପିତା । ଘଟଣାରୁ ପ୍ରକାଶ ଯେ ବିଂଝାର ପୁର ଥାନା ଅନ୍ତର୍ଗତ ବିଂଝାର ପୁର ଗ୍ରାମର ନରେନ୍ଦ୍ର ଦାସଙ୍କ ଝିଅ ଅମ୍ବିକା ନାୟକ ୨୦୨୦ ମସିହାରେ ଯାଜପୁର ସଦର ଥାନା ଅନ୍ତର୍ଗତ ମଲ୍ଲିକା ପୁର ଗ୍ରାମର ଗଗନ ନାୟକଙ୍କ ପୁତ୍ର ଆଦିତ୍ୟ ନାୟକଙ୍କ ସହ ବୈଦିକ ରୀତିରେ ବିବାହ କରିଥିଲେ । ବିବାହ ପରେ ସ୍ୱାମୀ ଆଦିତ୍ୟ ବାହାରେ ରୁହନ୍ତି, ମଝିରେ ମଝିରେ ନିଜ ଘରକୁ ଯା ଆସ କରନ୍ତି । ବିବାହର କିଛିଦିନ ପରେ ଶାଶୂ, ଯାଆ, ଦେଢ଼ଶୁର, ଦିଅର ଆଦି ଅମ୍ବିକାଙ୍କୁ ବିଭିନ୍ନ ସମୟରେ ମାନସିକ ଓ ଶାରୀରିକ ଯନ୍ତ୍ରଣା ଦେଇଆସୁଥିଲେ । ଗତ ତା ୨୮/୧୦/୨୦୨୬ ରିଖ ସକାଳ ୭ ଟା ସମୟରେ ଅମ୍ବିକାର ଯାଆ ନରେନ୍ଦ୍ର ଦାସଙ୍କୁ ଫୋନ୍ କରି ତୁମ ଝିଅ ଅସୁସ୍ଥ ଥିବା ଜଣାଇ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଂଚିବାକୁ କହିଥିଲେ । ପିତା ନରେନ୍ଦ୍ର ଡାକ୍ତରଖାନାରେ ପହଂଚି ଝିଅକୁ ମୃତ ଅବସ୍ଥାରେ ଦେଖିଥିଲେ । ନିଜ ଝିଅର ମୃତ ଶରୀରର ବିଭିନ୍ନ ଅଂଶରେ କ୍ଷତ ଚିହ୍ନ ଦେଖି ସନ୍ଦେହ ହେବାରୁ ସଦର ଥାନାରେ ଲିଖିତ ହତ୍ୟା ଅଭିଯୋଗ କରିଥିଲେ । ଅଭିଯୋଗରେ ଝିଅର ଶାଶୁ ସୁଲୋଚନା ନାୟକ, ଦେଢ଼ଶୁର ଯଯାତି ନାୟକ, ଯାଆ ପୂଜାରିଣୀ ନାୟକ ଓ ଦିଅର ଅନନ୍ତ ନାୟକ ମିଶି ମୋ ଝିଅ ଅମ୍ବିକାକୁ ପିଟି ପିଟି ତା'ର ବେକକୁ ଚିପି ଜୀବନରୁ ମାରି ଦେଇଥିବା ଅଭିଯୋଗ କରି ଏହି ହତ୍ୟା କାଣ୍ଡରେ ସମ୍ପୃକ୍ତ ଥିବା ବ୍ୟକ୍ତି ମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରିଛନ୍ତି । ସଦର ପୋଲିସ କେଶ୍ ନମ୍ବର ୩୩୮/୨୬ ରେ ଏକ ମାମଲା ରୁଜୁ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରିବା ସହ ଘଟଣାର ତଦନ୍ତ ଜାରି ରଖିଥିବା ଜଣାପଡିଛି । ଦୋଷୀ ମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୃତକଙ୍କ ବାପଘର ଲୋକେ ଦାବି କରିଛନ୍ତି ।

କୋଟିଆ ପଂଚାୟତର ସମସ୍ତ ଗ୍ରାମରେ ବିଏନ୍ଏସ୍ଏସ୍ ଧାରା ୧୬୩ ଲାଗୁ କରିବାକୁ ପ୍ରଶାସନର ପ୍ରସ୍ତୁତି

କୋରାପୁଟ, ୨୯/୧୦ (ଆ.ପ୍ର) : ଓଡ଼ିଶା–ଆନ୍ଧ୍ରପ୍ରଦେଶ ସୀମା ବିବାଦକୁ ନେଇ ପୁଣିଥରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି କୋରାପୁଟ ଜିଲ୍ଲାର କୋଟିଆ ଗ୍ରାମପୁଞ୍ଜ । ଆସନ୍ତା ନଭେମ୍ବର ୫ ତାରିଖରେ ବିବାଦୀୟ କୋଟିଆ ଅଂଚଳରେ ଆନ୍ଧ୍ରପ୍ରଦେଶ ପକ୍ଷରୁ ସମିତି ଓ ଜିଲ୍ଲା ପରିଷଦ ସଭ୍ୟ ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ସୂଚନା ମିଳିଛି । ଏହାକୁ ଦୃଷ୍ଟିରେ ରଖି କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । କୋଟିଆର ସୁରକ୍ଷା, ବିକାଶ ଓ ଆନ୍ଧ୍ରର ନିର୍ବାଚନୀ ପ୍ରକ୍ରିୟାକୁ ନେଇ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି । ଏହି ବୈଠକରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମ, କୋରାପୁଟ ବିଧାୟକ ରଘୁରାମ ମାଛ ଓ କୋଟପାଡ଼ ବିଧାୟକ ରୂପୁ ଭତ୍ରା ଯୋଗଦେଇଥିଲେ । ସେହିପରି କୋରାପୁଟ ଉପଜିଲ୍ଲାପାଳ ଫାଦି ରସିଦ, ବିଜେପି ଜିଲ୍ଲା ସଭାପତି ଶିବ ମୁଦୁଲି, ବିଜେଡି ଜିଲ୍ଲା ସଭାପତି ଜିନ ହିକ୍କା, କଂଗ୍ରେସ ଜିଲ୍ଲା ସଭାପତି ରୂପକ ତୁରୁକ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି ଓ ନିମାଇଁ ସରକାର, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବରଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଓ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ । ବୈଠକ ପରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଆନ୍ଧ୍ରର ନିର୍ବାଚନୀ ଉଦ୍ୟମକୁ ତୀବ୍ର ବିରୋଧ କରିଥିଲେ । ଆନ୍ଧ୍ର ନିର୍ବାଚନରେ ଯେଉଁମାନେ ମତଦାନ କରିବେ, ସେମାନେ ଆନ୍ଧ୍ରପ୍ରଦେଶକୁ ଚାଲିଯାଆନ୍ତୁ ବୋଲି ସେ କଡ଼ା ମନ୍ତବ୍ୟ ଦେଇଥିଲେ । ଅନ୍ୟପକ୍ଷରେ କୋରାପୁଟ ବିଧାୟକ ରଘୁରାମ ମାଛ କହିଛନ୍ତି ଯେ, ଓଡ଼ିଶାର ମାଟି ଓ ସ୍ୱାଭିମାନର ସୁରକ୍ଷା ପାଇଁ ସମସ୍ତେ ଏକଜୁଟ ହୋଇଛନ୍ତି । କୋଟିଆରେ ଆନ୍ଧ୍ରର ନିର୍ବାଚନ ଅନୁଷ୍ଠିତ ନହେବା ପାଇଁ ପଦକ୍ଷେପ ଆରମ୍ଭ ହୋଇଛି । ଏଥିସହ କୋଟିଆ ଗ୍ରାମପୁଞ୍ଜର ସାମଗ୍ରିକ ବିକାଶକୁ ସର୍ବାଗ୍ରେ ରଖିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିବା ସେ ପ୍ରକାଶ କରିଛନ୍ତି । ସେହିପରି ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମ କହିଛନ୍ତି ଯେ, ଓଡ଼ିଶାର ଭୂଖଣ୍ଡ, ସୁରକ୍ଷା ଓ ସ୍ୱାଭିମାନ ପ୍ରସଙ୍ଗରେ ସମସ୍ତ ରାଜନୈତିକ ଦଳ ଏକମତ ହୋଇଛନ୍ତି । ଆନ୍ଧ୍ରର ନିର୍ବାଚନୀ ପ୍ରକ୍ରିୟାକୁ ଦୃଷ୍ଟିରେ ରଖି ସୀମାନ୍ତ ଅଂଚଳରେ ଥିବା ଫାଟକଗୁଡ଼ିକୁ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ସେ ସୂଚନା ଦେଇଛନ୍ତି । ଏନେଇ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ କହିଛନ୍ତି ଯେ, କୋଟିଆ ଗ୍ରାମପୁଞ୍ଜର ବିକାଶକୁ ପ୍ରଶାସନ ସର୍ବାଧିକ ପ୍ରାଧାନ୍ୟ ଦେବ । ଅଂଚଳରେ ବିକାଶମୂଳକ କାର୍ଯ୍ୟକୁ ଗୁରୁତ୍ୱ ଦିଆଗଲେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଓଡ଼ିଶା ପ୍ରତି ଆସ୍ଥା ଆହୁରି ସୁଦୃଢ଼ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ଆନ୍ଧ୍ରର ପ୍ରସ୍ତାବିତ ନିର୍ବାଚନକୁ ଦୃଷ୍ଟିରେ ରଖି କୋଟିଆ ପଂଚାୟତର ସମସ୍ତ ଗ୍ରାମରେ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୬୩ ଲାଗୁ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ପାଇଁ ପ୍ରଶାସନ ସତର୍କ ରହିଥିବା ବେଳେ ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ, ଆବଶ୍ୟକସ୍ଥଳେ ଗିରଫଦାରି ମଧ୍ୟ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି । କୋଟିଆକୁ ନେଇ ରାଜନୈତିକ ମତଭେଦକୁ ପଛରେ ପକାଇ ବିଭିନ୍ନ ଦଳର ନେତାମାନେ ଗୋଟିଏ ମଂଚରେ ଏକାଠି ହେବା ଏହି ବୈଠକର ଏକ ପ୍ରମୁଖ ଦିଗ ହୋଇଛି । ତେବେ ଆଗାମୀ ଦିନରେ କୋଟିଆର ବିକାଶ ଓ ଆନ୍ଧ୍ରର ପ୍ରସ୍ତାବିତ ନିର୍ବାଚନକୁ ନେଇ ପ୍ରଶାସନ କିଭଳି ପଦକ୍ଷେପ ଗ୍ରହଣ କରୁଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି ।ଆନ୍ଧ୍ରର ପ୍ରସ୍ତାବିତ ନିର୍ବାଚନକୁ ଦୃଷ୍ଟିରେ ରଖି କୋଟିଆ ପଂଚାୟତର ସମସ୍ତ ଗ୍ରାମରେ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୬୩ ଲାଗୁ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ପାଇଁ ପ୍ରଶାସନ ସତର୍କ ରହିଥିବା ବେଳେ ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ, ଆବଶ୍ୟକସ୍ଥଳେ ଗିରଫଦାରି ମଧ୍ୟ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି ।

ମାନସିକ ଭିନ୍ନକ୍ଷମ ଯୁବତୀଙ୍କୁ ଉଦ୍ଧାର ଓ ଥଇଥାନ କଲେ ସ୍ନେହମୟୀ, ସହାୟତା କୁଜଙ୍ଗ ପୁଲିସ

ଜଗତସିଂହପୁର, ୨୯/୧୦ (ଆ.ପ୍ର) : ମା ଗଜଲକ୍ଷ୍ମୀଙ୍କ ଆରାଧନାରେ ସହର ଠାରୁ ଗାଆଁ ପର୍ଯ୍ୟନ୍ତ ସବୁଠି ଉତ୍ସବ ମୁଖର, ମାତ୍ର ପ୍ରତିଦିନ ଅନେକ ମହିଳା, ନାବାଳିକା, କେତେ ପ୍ରକାର ନିର୍ଯ୍ୟାତନା ର ଶିକାର ହେଉଛନ୍ତି ତାହା ସମସ୍ତଙ୍କୁ ଜଣା, ସେବା ଓ ଆଧ୍ୟାତ୍ମିକ ପ୍ରଚାର ପ୍ରସାର ପାଇଁ ଉତ୍ସର୍ଗୀକୃତ ବ୍ୟାସ ସଂଗଠନର ଅଧ୍ୟକ୍ଷା ସ୍ନେହ ମୟୀ ଆଚାର୍ଯ୍ୟ,ବ୍ୟାସ ବିଶ୍ବ ସ୍ନେହା ଲୟର ସଭାପତି ଡା. ପଣ୍ଡିତ ସିଦ୍ଧେଶ୍ୱର ପଣ୍ଡା, ସଭ୍ୟ ମନୋଜ ପ୍ରଧାନ କୌଣସି ଏକ ସେବା କାର୍ଯ୍ୟରୁ ଫେରିଲା ବେଳକୁ ଗୋପିନାଥ ଜୀଉ ରେଳ ଷ୍ଟେସନ, ବଳିକୁଦ ନିକଟରେ ଏକ ପ୍ରାପ୍ତ ବୟସ୍କା ମାନସିକ ଭିନ୍ନକ୍ଷମ ଯୁବତୀ ଏକା ବୁଲା ବୁଲି କରୁଥିଲେ, ସମୟ ରାତି ଦଶଟା ଉପରେ, ବିଳମ୍ବିତ ରାତ୍ରିରେ ଉକ୍ତ ଯୁବତୀ ସହ କିଛି ଅଘଟଣ ହୋଇ ନ ଥାନ୍ତା ଏଥିରେ କୌଣସି ସନ୍ଦେହ ନାହିଁ, ତୁରନ୍ତ ଆଚାର୍ଯ୍ୟ ୧୧୨ କୁଜଙ୍ଗ ପୁଲିସକୁ ଫୋନ ଦ୍ୱାରା ଯୋଗାଯୋଗ କରିଥିଲେ, ଥାନା ରେ ପୂଜା ପାଇଁ ଅଧିକ ପୁଲିସ ଉପସ୍ଥିତ ନ ଥିଲେ ମଧ୍ୟ ସହୃଦୟ ଭାର ପ୍ରାପ୍ତ ଥାନା ଅଧିକାରୀ ଶିବାଶିଷ ଦାସ ଯୁବତୀଙ୍କୁ ଉଦ୍ଧାର ପାଇଁ ଗାଡି ଓ ପୁଲିସ ପଠାଇ ଥିଲେ, ମାତ୍ର ମହିଳା ପୁଲିସ ନ ଥିବାରୁ ତଥା ବିଳମ୍ବିତ ରାତି ହୋଇ ଥିବାରୁ ଯୁବତୀଙ୍କୁ ଓ୍ୱାନ୍ ଷ୍ଟପ୍ କେନ୍ଦ୍ରକୁ ନେବା ସମ୍ଭବ ନ ହେବାରୁ ଶ୍ରୀମତୀ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଉକ୍ତ ଯୁବତୀଙ୍କୁ ଆଇନଜିବି ମଞ୍ଜୁଲତା ରାଉତଙ୍କୁ ଯୋଗାଯୋଗ କରି ରଜନୀ ଦେବୀ ଜରାଶ୍ରମ କୁଜଙ୍ଗ ଠାରେ ଅବସ୍ଥାପିତ କରାଇଥିଲେ ଆସନ୍ତା ଦିନ ମଧ୍ୟରେ ସଖି କେନ୍ଦ୍ର ଜଗତସିଂହପୁରରେ ରଖା ଯିବ ବୋଲି ଶ୍ରୀମତୀ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି । ସମାଜରେ ବିଭିନ୍ନ ସଂଗଠନ ସମାଜର ହିତ ପାଇଁ ବିବିଧ ସେବା କାର୍ଯ୍ୟ କରି ଆସୁଛନ୍ତି, ମାତ୍ର ବିଡ଼ମ୍ବନା କିଛି କରୁନଥିବା ବ୍ୟକ୍ତି ବିଭିନ୍ନ ସମୟରେ କେବଳ ଭିତିହୀନ ସମାଲୋଚନା କରିଥାଆନ୍ତି, ସେପରି ସମାଲୋଚକ ମାନଙ୍କୁ ସ୍ନେହ ମୟୀଙ୍କ ବାର୍ତ୍ତା ଥରେ ଆସି ପ୍ରତ୍ୟକ୍ଷ ଭାବରେ କାହା ପାଇଁ କିଛି କର, ସେଥିରେ କେତେ ଆତ୍ମ ସନ୍ତୋଷ ମିଳୁଛି, କୁଜଙ୍ଗ ପୁଲିସର ସହାୟତା ତଥା ରଜନୀ ଦେବୀ ଜରାଶ୍ରମର କର୍ମ କର୍ତା ଏବଂ ସଖି କେନ୍ଦ୍ରର ତତ୍ତ୍ୱ । ବୋଧକ ପୂର୍ଣ୍ଣ ଚନ୍ଦ୍ର ମଲ୍ଲ, ମେନକା ସିଂହ, ସୁସ୍ମିତା ଦାସ ଏମାନଙ୍କୁ ଏବଂ ସମସ୍ତ କର୍ମ କର୍ତାଙ୍କୁ ବ୍ୟାସ ସଂଗଠନ ପକ୍ଷରୁ କୃତଜ୍ଞତା ଜଣାଇଛନ୍ତି ଆଚାର୍ଯ୍ୟ, ଏଥି ସହ ଦୀର୍ଘ ଦିନ ହେବ ଅସୁରକ୍ଷିତ ଭାବେ ଜୀବନ ବିତାଉ ଥିବା ଯୁବତୀ ର ଜୀବନକୁ ସୁରକ୍ଷିତ କରିପାରିଥିବାରୁ ଜଗତଜନନୀ ତାଙ୍କୁ ସୁଯୋଗ ଦେଇଥିବାରୁ ମାଙ୍କୁ ଶତଧା ପ୍ରଣାମ ଜଣାଇଛନ୍ତି ଶ୍ରୀମତୀ ଆଚାର୍ଯ୍ୟ ।

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସାଧୁତା ଶପଥ ପାଠ

ଅନୁଗୋଳ, ୨୯/୧୦ (ଆ.ପ୍ର) : ସମାଜର ବିଭିନ୍ନ କ୍ଷେତ୍ରରୁ ଦୁର୍ନୀତି ହଟାଇ ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା ସହ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ଉଦ୍ଦେଶ୍ୟରେ ସଚେତନତା ସୃଷ୍ଟି କରିବାକୁ ନେଇ ଅକ୍ଟୋବର ୨୬ତାରିଖରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ହେଉଛି । ଚଳିତ ବର୍ଷର ବାର୍ତ୍ତା ହେଉଛି " ସାଧୁତାରୁ ସମୃଦ୍ଧି" । ସମାଜର ପ୍ରତ୍ୟେକ ସ୍ତରରୁ ଦୁର୍ନୀତିର ମୂଳୋତ୍ପାଟନ ନିମନ୍ତେ ସମସ୍ତେ ଆଗେଇ ଆସିବା ସହ ଜୀବନର ସବୁ କ୍ଷେତ୍ରରେ ସାଧୁତା ଓ ସଚ୍ଚୋଟତା ଅବଲମ୍ବନ କରି ରାଜ୍ୟକୁ ଦୁର୍ନୀତି ମୁକ୍ତ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଲୋକସେବା ଭବନରେ ଭିଡିଓ କନଫରେନସ୍ ମାଧ୍ୟମରେ ଆଜି ପୂର୍ବାହ୍ନରେ ଶପଥ ପାଠ କରାଇଥିଲେ । ଅନୁଗୋଳ ଜିଲ୍ଲା କାର୍ଯ୍ୟାଳୟ ଓସ୍ୱାନ ହଲଠାରେ ଉତ୍ତର କେନ୍ଦ୍ରାଂଚଳ ଡି ଆଇ ଜି ଆଶିଷ କୁମାର ସିଂହ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତର ଯୋଗ ଦେଇ ଶପଥ ପାଠ କରିଥିଲେ ଶପଥ ପାଠ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ମାୟାଧର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଅବକାରୀ ଅଧୀକ୍ଷକ ମଧୁସ୍ମିତା ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ଶତପଥୀ, ଡେପୁଟି କଲେକ୍ଟର ମଧୁସ୍ମିତା ବିଶି, ଡେପୁଟି କଲେକ୍ଟର ଜୟଜିତ ଧଳଙ୍କ ସମେତ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ସେହିପରି ଜିଲ୍ଲାର ସମସ୍ତ ଉପଖଣ୍ଡ କାର୍ଯ୍ୟାଳୟ, ପଂଚାୟତ ସମିତି କାର୍ଯ୍ୟାଳୟ,ତହସିଲ କାର୍ଯ୍ୟାଳୟ, ଗ୍ରାମ ପଂଚାୟତ,ସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଅନ୍ୟାନ୍ୟ କାର୍ଯ୍ୟାଳୟଗୁଡିକରେ ଶପଥ ପାଠ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଯାଇଛି ।

ଜୈବବିବିଧତା ପରିଚାଳନା ସମିତିର ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

ଚିଲିକା/ବାଣପୁର, ୨୯/୧୦ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ନାରୁଣୀ ମହାବିଦ୍ୟାଳୟଠାରେ ଜୈବବିବିଧତା ପରିଚାଳନା ସମିତିର ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ଶିକ୍ଷାନୁଷ୍ଠାନର ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ବରିଷ୍ଠ ଅଧ୍ୟାପକ ଡ଼ଃ ପ୍ରଦୀପ୍ତ କୁମାର ରଥଙ୍କ ତତ୍ତ୍ୱାବଧାନରେ ପ୍ରିୟବ୍ରତ ଦାସଙ୍କ ସହାୟତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଏମ୍ସି ସଦସ୍ୟ, ପରିବେଶ ବିଟ୍‌ର କର୍ମଚାରୀ, ମତ୍ସ୍ୟଜୀବୀ, ପକ୍ଷୀ ସୁରକ୍ଷା କର୍ମୀ ଏବଂ ସପ୍ତା ଏନ୍‌ଜିଓର କର୍ମକର୍ତାମାନେ ଉପସ୍ଥିତ ରହିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ସୁନୀଲ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ବନଖଣ୍ଡ ଅଧିକାରୀ ଶିଶିର କୁମାର ମିଶ୍ର ଜୈବ ସମ୍ପଦ ଓ ଜୈବବିବିଧତା ସମ୍ପର୍କରେ ଅବଗତ କରାଇଥିଲେ । ଡ଼ଃ ଶିବପ୍ରସାଦ ପରିଡ଼ା ବିଭିନ୍ନ ଫଟୋ ମାଧ୍ୟମରେ ବନ୍ୟଜନ୍ତୁମାନଙ୍କର ଚିତ୍ର ଦେଖାଇ ବୁଝାଇଥିଲେ । ଡ଼ଃ ପ୍ରସନ୍ନ କୁମାର ନାୟକ ବିଭିନ୍ନ ଔଷଧୀୟ ଗଛର ଆବଶ୍ୟକତା ଓ ଉପକାରିତା ବିଷୟରେ ଆଲୋକପାତ କରିଥିଲେ । ଡ଼ଃ ସତ୍ୟରଞ୍ଜନ ବେହେରା ଜୈବବିବିଧତା ପରିଚାଳନା ସମିତିର ଗଠନ ଓ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ସମଗ୍ର ସଭାକାର୍ଯ୍ୟ ଗବେଷକ ସୁଦୀପ କୁମାର ବେହେରାଙ୍କ ଦ୍ୱାରା ପରିଚାଳିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ସପ୍ତା ଏନଜିଓ ପଂଚାୟତ ସ୍ତରୀୟ ସମସ୍ତ ସଦସ୍ୟ ସଦସ୍ୟା, ଅଧ୍ୟକ୍ଷ ମାନଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ, ପରିବେଶବିତ, ଗଣମାଧ୍ୟମ ଅଧିକାରୀ, ବନ ବିଭାଗ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ । ଶେଷରେ ଡ଼ଃ ପ୍ରଦୀପ୍ତ କୁମାର ରଥ ଅତିଥି ଏବଂ ଉପସ୍ଥିତ ରହିଥିବା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

ମୁଖ୍ୟମନ୍ତ୍ରୀ ଲୋକ ସେବା ଭବନରୁ ନାଗରିକଙ୍କ ପାଇଁ ସାଧୁତାର ଶପଥ ପାଠ କରାଇଲେ

ଖୋରଧା, ୨୯/୧୦ (ଆ.ପ୍ର) : ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ରାଜ୍ୟ ସଚିବାଳୟ ସ୍ଥିତ ଲୋକ ସେବା ଭବନରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଯୋଗଦେଇ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ରାଜ୍ୟର ସମସ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଓସ୍ୱାନ ପ୍ଲାଟଫର୍ମରେ ନାଗରିକଙ୍କ ପାଇଁ ସାଧୁତାର ଶପଥ ପାଠ କରାଇଥିଲେ । ଖୋରଧା ଜିଲ୍ଲା ପ୍ରଶାସନ ଓସ୍ୱାନ୍ ପ୍ଲାଟଫର୍ମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ପ୍ରତାପ ଚନ୍ଦ୍ର ବେହେରା ଏବଂ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ସଫଲ୍ୟ ମଣ୍ଡିତ ପ୍ରଧାନଙ୍କ ମିଳିତ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀ ଏବଂ କର୍ମଚାରୀ ମାନେ ଶପଥ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନାଦି ଚରଣ ସେଠୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡଃ ପ୍ରଜ୍ଞା ପାରମିତା ଜେନା, ରଶ୍ମି ବାଳା ସ୍ୱାଇଁ, ଡେପୁଟୀ କଲେକ୍ଟର ଆର୍ତତ୍ରାଣ ସୌମ୍ୟା ସାଗରୀକା ସ୍ୱାଇଁ, ସାରା ମଲ୍ଲିକ, ଅସିଷ୍ଟାଂଟ କଲେକ୍ଟର ଭୁବନେଶ୍ୱରୀ କଅଁର, ଇପ୍ସିତା ସାହୁଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।

ଦଶପଲ୍ଲା ପୋଲିସ ଦ୍ୱାରା ଅଭିଯୁକ୍ତ ଗିରଫ

ଦଶପଲ୍ଲା, ୨୯/୧୦ (ଆ.ପ୍ର) : ନୟାଗଡ଼ ଜିଲ୍ଲାର ଦଶପଲ୍ଲା ଥାନା ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପାଟଣା ଗ୍ରାମରେ ଘଟିଥିବା ଏକ ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଦଶପଲ୍ଲା ଜେଏମ୍ଏଫ୍ସି ଅଦାଲତରେ ହାଜର କରାଇଛି । ଗିରଫ ଅଭିଯୁକ୍ତ ହେଉଛନ୍ତି ଉକ୍ତ ଗ୍ରାମର ଭେଜିପୁଟ ତୋଟାସାହିର ଛବି ସାହୁ (୨୭) । ସୂଚନା ଅନୁଯାୟୀ, କୃଷ୍ଣଚନ୍ଦ୍ରପୁର ପାଟଣା ଗ୍ରାମର ଶରତ ଚନ୍ଦ୍ର ରଥ (୬୮)ଙ୍କ ଲିଖିତ ଅଭିଯୋଗ ଆଧାରରେ ଦଶପଲ୍ଲା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ପରେ ପୋଲିସ ଅଭିଯୁକ୍ତ ଛବି ସାହୁଙ୍କୁ ଗିରଫ କରି ଅଦାଲତରେ ହାଜର କରାଇଥିଲା । ଅଭିଯୁକ୍ତଙ୍କୁ ୧୫ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇବା ନିମନ୍ତେ ପୋଲିସ ପକ୍ଷରୁ ଅଦାଲତରେ ଅନୁରୋଧ କରାଯାଇଛି ।

ଗୁମ୍ମା ଓ କାଶୀନଗର ବ୍ଲକ୍‌ର ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ

ପାରଳାଖେମୁଣ୍ଡି, ୨୯/୧୦ (ଆ.ପ୍ର) : ଆଜି ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ଏବଂ ଓଡ଼ିଆ ଭାଷା , ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗଜପତି ଜିଲ୍ଲାର ଗୁମ୍ମା ଓ କାଶୀନଗର ବ୍ଲକ୍‌ର ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରିଥିଲେ । ଏହି ଅବସରରେ ସେ ଆଶ୍ରୟସ୍ଥଳୀରେ ରହୁଥିବା ଲୋକଙ୍କ ସୁରକ୍ଷା, ଖାଦ୍ୟ ଯୋଗାଣ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସୁବିଧା ସମ୍ପର୍କରେ ସ୍ଥିତି ଅନୁଧ୍ୟାନ କରିଥିଲେ ।

ତିନି ଶହରୁ ତିନି ଲକ୍ଷ ଖର୍ଚ୍ଚ କରୁଛୁ,ମଜୁରୀ ଲାଗି ଦେଉଛୁ

ହାଟଡିହି, ୨୯/୧୦ (ଆ.ପ୍ର) : ହାଟଡିହି ଏହି ବ୍ଲକରେ ବିଭିନ୍ନ ପୂଜା ଉତ୍ସବ ପାଳନ ହେଉଥିବା ବେଳେ ସେମାନଙ୍କ ମଧ୍ୟରେ ଗଜ ଲକ୍ଷ୍ମୀ ପୂଜା ଅନ୍ୟତମ । ଏପରି ଏକ ଗାଁ ଦେଖିବାକୁ ମିଳିଛି ଜମିରା ପଂଚାୟତ ଲାଖରିଁଧାରେ ଆଦିବାସୀ ଅଧ୍ୟୁଷିତ ଗାଁରେ, ଗାଁର ସମୁଦାୟ ଜନସଂଖ୍ୟାର ପ୍ରାୟ ଶତାଧିକ ଲୋକ ଘରେ ଘରେ କାମ ଦିନ ମଜୁରୀ କରୁଥିବା ବେଳେ ମା ଲକ୍ଷ୍ମୀ ପୂଜା ପାଇଁ ମନରେ ରହିଛି ଅନେକ ଶ୍ରଦ୍ଧା ଓ ସମ୍ମାନ । ଗାଁରେ ଯେତେବେଳେ ଲୋକ ପ୍ରତିଦିନ ଦୁଇ ସହ ଟଙ୍କା ମଜୁରୀ ରେ କାମ କରୁଥିଲେ ସେତେବଳେ ତିନି ଶହ ଟଙ୍କା ଖର୍ଚ୍ଚ କରି ଅନୁଷ୍ଠାନ ଆରମ୍ଭ କରା ଯାଇ ଥିବା ବେଳେ ଏବେ ମଜୁରୀ ଚାରି ଶହ ଟଙ୍କା ହୋଇଥିବା ବେଳେ ଚାନ୍ଦା ତିନି ହଜାର ଟଙ୍କା ଲେଖାଏଁ ଦେବାକୁ ପଡୁଛି । ଗାଁ ପିଲାଙ୍କ ଦ୍ୱାରା ଲାଖ ବିଧାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସୁଭଳ ତୋରଣ, ମୀନ ବଜାର, ମେଲୋଡି କାର୍ଯ୍ୟକ୍ରମ ସହ ପାଂଚ ଦିନ ଧୁମ୍ ଧାମରେ ପାଳିତ ହେଉଛି ମା' ଲକ୍ଷ୍ମୀଙ୍କ ପୂଜା । ସବୁ ଠାରୁ ବଡ କଥା ହେଲା ଲାଖବିନ୍ଧା ଗାଁର ଏହି ଲୋକମାନେ ପ୍ରତିଦିନ ମଜୁରୀ ଲାଗିଲେ ବି ସନ୍ଧ୍ୟାରେ ଗାଁ ଭୋଜିରେ ପୂର୍ଣ୍ଣ ସହୋଜର କରି ବେଶ୍ ନାଚ ଗୀତ କରି ମନ ଖୁସି କରନ୍ତି । ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ହଦଗଡ଼ ବନପାଳ ମଳୟ କୁମାର ସାହୁଙ୍କ ସହ ବନରକ୍ଷୀ ମାନଙ୍କ ମଧ୍ୟରେ ଜ୍ୟୋତି ରଞ୍ଜନ ମାଝୀ, ଗୀତି ସ୍ମିତା ମହାପାତ୍ର, ରବୀନ୍ଦ୍ର ନାୟକ, ବନ୍ଦିତା ଦାସ, ଯୋଗ ଦେଇଥିବା ବେଳେ ଏହି ସଭାପତି ରାଜ କିଶୋର ଖଣ୍ଡେଇ ସମ୍ପାଦକ ପ୍ରୀତମ ନାଏକ, ରହି ଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଜିତୁ ଖଣ୍ଡେଇ, ଅଜୟ ଖଣ୍ଡେଇ, ତାପସ ନାଇକ, ରାଜକିଶୋର ଖଣ୍ଡେଇ, ପ୍ରତାପ ଖଣ୍ଡେଇ, ଜିତୁ ଖଣ୍ଡେଇ, ପ୍ରିତମ ନାଇକ, ଲାଲୁ ନାଇକ, ସତ୍ୟ ନାଇକ, ସଂତୁନ ନାଇକ, ମଳୟ ଖଣ୍ଡେଇ, ଶିଶିର ଖଣ୍ଡେଇ, ଦୟା ନାଇକି, ବଳିଆ ନାଇକ, ବିଷ୍ଣୁ ନାଇକ, ଶରତ ନାଇକ, ମିଲୁ ଖଣ୍ଡେଇ, ଧର୍ମା ନାଇକ, ରାଜୁ ନାଇକ, ସିପୁନ ନାଇକ, ଚନ୍ଦନ ନାଇକ, ମୁକ୍ତିକାନ୍ତ ନାଇକ, ସତ୍ୟ ଭାମା, ନିରଂଜନ ନାଇକ, ରୋହିତ ନାଇକ, ମାନସ ଖଣ୍ଡେଇ, ମାନସ ନାଇକ, ମୋହନ ନାଇକ, ବିଜ୍ଞାନ ନାଇକ ପ୍ରମୁଖ ରହି ସହୋଜର କରିଥିଲେ ।

ପାହାଡ଼ ଉପରୁ ଖସିଲା ବଡ଼ ପଥର, ରାସ୍ତା ଉପରେ ପଡ଼ିଲା ଗଛ

ଜି.ଉଦୟଗିରି, ୨୯/୧୦ (ଆ.ପ୍ର) : ଅର୍ଣ୍ଣବର ପ୍ରଭାବରେ ଜି.ଉଦୟଗିରି ୩ ଦିନ ଓ ରାତି ଲଗାଣ ବର୍ଷା ପତନ ଯୋଗୁଁ କଳିଙ୍ଗା ଘାଟିରେ ପୁଣି ଭୂସ୍ଖଳନ ହୋଇଥିବା ଦେଖିବାକୁ ମିଳିଛି । ଯାହା ଆଶଙ୍କା କରାଯାଉଥିଲା ସେଇଆ ହେଲା । ଗତମାସରେ ଲଗାଣ ବର୍ଷା ଯୋଗୁଁ ଭୂସ୍ଖଳନ ଘଟି ଆଜି ପର୍ଯ୍ୟନ୍ତ ଅର୍ଥାତ ଦୀର୍ଘ ୩୭ଦିନ ହେଲା କଳିଙ୍ଗା ଘାଟି ରାସ୍ତା ଦେଇ ଯାତାୟତ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ ଆସନ୍ତା କିଛି ଦିନ ଭିତରେ ରାସ୍ତା ଖୋଲିବା ନେଇ ଅଂଚଳବାସୀ ଆଶା ରଖିଥିଲେ । କିନ୍ତୁ ବାତ୍ୟା ଅର୍ଣ୍ଣବ ଯୋଗୁଁ ଘାଟିରେ ପୁଣି ଭୂସ୍ଖଳନ ହେବା ଯୋଗୁଁ ଘାଟି ରାସ୍ତା କେବେ ଖୋଲିବ ତାକୁ ନେଇ ଅନିଶ୍ଚିତତା ଲାଗି ରହିଛି । ଗତବର୍ଷ ଭୂସ୍ଖଳନ ଯୋଗୁଁ ୪୭ଦିନ ପରେ ଘାଟି ରାସ୍ତାରେ ଯାତାୟତ ସ୍ୱାଭାବିକ ହୋଇଥିଲା । ଏବେ ପୁଣି ରାସ୍ତା ବନ୍ଦ ହେବା ଯୋଗୁଁ ସ୍ଥାନୀୟ ଅଂଚଳ ବାସୀଙ୍କ ଜୀବନ ଜୀବିକା ଉପରେ ସିଧାସଳଖ ପ୍ରଭାବ ପଡ଼ିବା ନେଇ ଲୋକେ ସାଧାରଣରେ ଆଲୋଚନା ହେଉଛି ।

ବାସୁଦେବପୁରରେ କାଳୀପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବାସୁଦେବପୁର, ୨୯/୧୦ (ଆ.ପ୍ର) : ଆଗକୁ ଆସୁଛି ପବିତ୍ର କାଳୀପୂଜା । ପୂଜାକୁ ଶାନ୍ତିଶୃଙ୍ଖଳା, ସୁରକ୍ଷା ଓ ଭକ୍ତିମୟ ପରିବେଶରେ ପାଳନ କରିବା ପାଇଁ ବାସୁଦେବପୁର ପୌରପାଳିକା ପକ୍ଷରୁ ଆରମ୍ଭ ହୋଇଛି ପ୍ରସ୍ତୁତି । ଏନେଇ ପୌରପାଳିକା ସଭାଗୃହରେ ଅନୁଷ୍ଠିତ ହୋଇଛି ପ୍ରସ୍ତୁତି ବୈଠକ । ବୈଠକରେ ପୂଜାର ସୁପରିଚାଳନା, ଆଇନଶୃଙ୍ଖଳା ରକ୍ଷା ଓ ଆବଶ୍ୟକୀୟ ବ୍ୟବସ୍ଥା ସମ୍ପର୍କରେ ହୋଇଛି ଆଲୋଚନା । ଏଥିରେ ପୌରପାଳିକା ଅଧ୍ୟକ୍ଷା, ତହସିଲଦାର, ଥାନା ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ପାଂଚଟି କାଳୀପୂଜା କମିଟିର ସଦସ୍ୟ ଯୋଗ ଦେଇଥିଲେ । ବାସୁଦେବପୁର ପୌରପାଳିକା ସଭାଗୃହରେ ଅନୁଷ୍ଠିତ ହୋଇଛି କାଳୀପୂଜା ପ୍ରସ୍ତୁତି ବୈଠକ । ଆଗାମୀ କାଳୀପୂଜାକୁ ଶାନ୍ତିପୂର୍ଣ୍ଣ ଓ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ କରିବା ସହ ସହରରେ ଆଇନଶୃଙ୍ଖଳା ବଜାୟ ରଖିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି । ବାସୁଦେବପୁର ପୌରପାଳିକା ଅଧ୍ୟକ୍ଷା ନିବେଦିତା ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ତହସିଲଦାର ପ୍ରିୟବ୍ରତ ଦାସ, ବାସୁଦେବପୁର ଥାନା ଅଧିକାରୀ ନୀରୋଜ କୁମାର ସାମଲ, କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ ଏବଂ ଉପାଧ୍ୟକ୍ଷ ଉତମ ବାରିକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ । ଏହା ସହିତ ପାଂଚଟି କାଳୀପୂଜା କମିଟିର ସଦସ୍ୟମାନେ ମଧ୍ୟ ବୈଠକରେ ଯୋଗଦେଇ ପୂଜାର ସୁପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ । ସୂଚନା ଅନୁଯାୟୀ, କମିଟିର ଦାବି ରହିଛି ନଭେମ୍ବର ୮ ତାରିଖରୁ କାଳୀପୂଜା ଆରମ୍ଭ ହୋଇ ୨୫ ତାରିଖରେ ଶେଷ ହେବାକୁ ଥିବାରୁ, ଜିଲ୍ଲା ପ୍ରଶାସନର ଅନୁମତି ଉପରେ ନିର୍ଭର କରେ, ଏହି ପୂଜା କେତେଦିନ ରହିବ, ଏହି ସମୟ ମଧ୍ୟରେ ଶାନ୍ତିଶୃଙ୍ଖଳା ରକ୍ଷା, ଆଇନଶୃଙ୍ଖଳା ପରିସ୍ଥିତିର ମୁକାବିଲା ଏବଂ ଆବଶ୍ୟକୀୟ ବ୍ୟବସ୍ଥା ସୁନିଶ୍ଚିତ କରିବା ଉପରେ ଆଲୋଚନା ହୋଇଛି । ପ୍ରଶାସନ, ପୋଲିସ ଓ ପୂଜା କମିଟି ମଧ୍ୟରେ ସମନ୍ୱୟ ରକ୍ଷା କରି କାଳୀପୂଜାକୁ ଶାନ୍ତିପୂର୍ଣ୍ଣ ଓ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ କରିବା ହେଉଛି ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ।

ଦଶପଲ୍ଲା ରେଳ ଷ୍ଟେସନରେ ଦିବ୍ୟାଙ୍ଗଙ୍କ ସୁବିଧା ବଦଳରେ ବଢୁଛି ବିପଦ

ଦଶପଲ୍ଲା, ୨୯/୧୦ (ଆ.ପ୍ର) : ପୂର୍ବତଟ ରେଳପଥ ଅନ୍ତର୍ଗତ ଦଶପଲ୍ଲା ରେଳ ଷ୍ଟେସନରେ ଦିବ୍ୟାଙ୍ଗ ଯାତ୍ରୀଙ୍କ ସୁଗମ ଯାତାୟାତ ନିମନ୍ତେ ନିର୍ମାଣ ଚାଲିଥିବା ରାମ୍ପ (ଚଲାପଥ) ଏବେ ତୀବ୍ର ବିବାଦ ଘେରକୁ ଟାଣି ହୋଇଛି । ଲକ୍ଷାଧିକ ଟଙ୍କା ବ୍ୟୟରେ ଚାଲିଥିବା ଏହି ତ୍ରୁଟିପୂର୍ଣ୍ଣ ନିର୍ମାଣ ଯୋଗୁଁ ଷ୍ଟେସନର ମୁଖ୍ୟ ପ୍ରବେଶ ପଥ ସଂକୀର୍ଣ୍ଣ ହୋଇପଡ଼ିଥିବା ବେଳେ ସାଧାରଣ ଯାତ୍ରୀଙ୍କ ଗମନାଗମନରେ ଘୋର ବ୍ୟାହତ ସୃଷ୍ଟି ହୋଇଛି । ସୁବିଧା ପରିବର୍ତ୍ତେ ଏହି ନିର୍ମାଣ ଯାତ୍ରୀଙ୍କ ପାଇଁ ମରଣଯନ୍ତା ପାଲଟିଥିବା ନେଇ ସ୍ଥାନୀୟ ଅଂଚଳରେ ଘୋର ଅସନ୍ତୋଷ ପ୍ରକାଶ ପାଉଛି । ଅଭିଯୋଗ ଅନୁସାରେ, ନିର୍ମାଣାଧୀନ ରାମ୍ପଟିକୁ ଅତ୍ୟନ୍ତ ଅବୈଜ୍ଞାନିକ ତଥା ଅଙ୍କାବଙ୍କା ଭାବେ ତିଆରି କରାଯାଉଛି । ଫଳରେ ଜଣେ ଦୃଷ୍ଟିବାଧିତ କିମ୍ବା ହୁଇଲ୍ ଚେୟାର୍

ଆଶ୍ରିତ ଭିନ୍ନକ୍ଷମ ଯାତ୍ରୀ ଏହା ଦେଇ ଷ୍ଟେସନ ଭିତରକୁ ପ୍ରବେଶ କରିବା ସମ୍ପୂର୍ଣ୍ଣ ଅସମ୍ଭବ । ଏ ସମ୍ପର୍କରେ ଡିଜାବୁଲ୍ ରିଲିଫ୍ ଅର୍ଗାନାଇଜେସନ୍‌ର ସମ୍ପାଦକ ତଥା ଦିବ୍ୟାଙ୍ଗ କର୍ମୀ ଲକ୍ଷ୍ମୀଧର ବେହେରା ନିଜ କ୍ଷୋଭ ପ୍ରକାଶ କରି କହିଛନ୍ତି ଯେ, 'ରେଳ ବିଭାଗ ଦିବ୍ୟାଙ୍ଗଙ୍କ ସୁବିଧା ନାଁରେ କେବଳ ଅର୍ଥ ବରବାଦ କରୁଛି । ରାମ୍ପର ଗଠନ ଏତେ ଜଟିଳ ଓ ବିପଜ୍ଜନକ ଯେ ଏହାକୁ ବ୍ୟବହାର କରି ଜଣେ ଭିନ୍ନକ୍ଷମ ସୁରକ୍ଷିତ ଭାବେ ଯିବା କାଠିକର ପାଠ ।' ସେହିପରି ନିର୍ମାଣ କାର୍ଯ୍ୟର ମାନ ଅତ୍ୟନ୍ତ ନିମ୍ନ ଧରଣର ହୋଇଥିବାରୁ ବର୍ଷାରେ ଏବେ ଦବିଯିବା ସହ ଆଗକୁ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିବାର ଆଶଙ୍କା ଉପୁଜିଛି । ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ବୈଷୟିକ ଜ୍ଞାନର ଅଭାବ ଯୋଗୁଁ ଏଭଳି ହାସ୍ୟାସ୍ପଦ ନିର୍ମାଣ ହୋଇଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର୍ ଧରିଛି । ଏହି ରାମ୍ପ ଦେଇ ଜଣେ ସୁସ୍ଥ ବ୍ୟକ୍ତି ଗଲେ ଦିବ୍ୟାଙ୍ଗ ହୋଇ ଫେରିବେ ବୋଲି ସ୍ଥାନୀୟ ଲୋକେ କଟାକ୍ଷ କରିଛନ୍ତି । କେବଳ ସରକାରୀ ରାଜକୋଷ ଲୁଟ୍ ନୁହେଁ, ବରଂ ଯାତ୍ରୀଙ୍କ ଜୀବନ ସହ ଖେଳ ଖେଳାଯାଉଥିବାରୁ ରେଳ ପ୍ରଶାସନ ଉପରେ ତୀବ୍ର କ୍ଷୋଭ ପ୍ରକାଶ ପାଉଛି । ପୂର୍ବତଟ ରେଳବାଇର ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବା ସହିତ ରାମ୍ପର ଢାଂଚାରେ ସଂଶୋଧନ ଆଣି ସୁରକ୍ଷିତ ନିର୍ମାଣ କରିବାକୁ ସ୍ଥାନୀୟ ଜନସାଧାରଣ ଓ ବିଭିନ୍ନ ସଂଗଠନ ପକ୍ଷରୁ ଦୃଢ଼ ଦାବି କରାଯାଇଛି ।

ଗଜପତି ଜିଲ୍ଲା ନୋଡାଲ ଅଧିକାରୀ ଓ ଜିଲ୍ଲାପାଳ ଜିଲ୍ଲାର ବିଭିନ୍ନ ବାତ୍ୟା ଅଂଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି

ପାରଳାଖେମୁଣ୍ଡି, ୨୯/୧୦ (ଆ.ପ୍ର) : ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ତଥା ଗଜପତି ଜିଲ୍ଲା ନୋଡାଲ ଅଧିକାରୀ ବିଜୟ କୁମାର ଦାଶ ନୂଆଗଡ଼ ବ୍ଲକ୍ ଅନ୍ତର୍ଗତ ଖଜୁରିପଦା ସ୍ୱାସ୍ଥ୍ୟ କେନ୍ଦ୍ର, 'ମା' ଗୃହ ଏବଂ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରିଥିଲେ । ଏହି ଅବସରରେ ସେ ବାତ୍ୟା ମୁକାବିଲା ପାଇଁ ହୋଇଥିବା ପ୍ରସ୍ତୁତି ଓ ଆଶ୍ରୟସ୍ଥଳୀ ଗୁଡ଼ିକରେ ଉପଲବ୍ଧ ବ୍ୟବସ୍ଥାର ସମୀକ୍ଷା କରିଥିଲେ । ସେହିଭଳି ମହେନ୍ଦ୍ରତନୟା ନଦୀ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ସହ ଆବଶ୍ୟକ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି । ବାତ୍ୟା ଓ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ବାଘଶାଳା ଓ ମାଛମରା ଅଂଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ସହ ବାତ୍ୟା ମୁକାବିଲା ପାଇଁ ଆବଶ୍ୟକ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ । ଗଜପତି ଜିଲ୍ଲାର ଆର. ଉଦୟଗିରି ବ୍ଲକ୍ ଅନ୍ତର୍ଗତ ପ୍ରବଳ ବର୍ଷା ଯୋଗୁଁ ବିଚ୍ଛିନ୍ନ ହୋଇଥିବା ତାଣ୍ଡିଗୁଡ଼ା ଗ୍ରାମକୁ ପ୍ରଶାସନ ପକ୍ଷରୁ ରାସନ ସାମଗ୍ରୀ ପଠାଯାଉଛି ।

ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବ : ବାଲିଗୁଡାରୁ ବ୍ରହ୍ମପୁର ସହ ଯୋଗାଯୋଗ ବିଚ୍ଛିନ୍ନ, ଅତ୍ୟାବଶ୍ୟକ ସାମଗ୍ରୀ ସଙ୍କଟ ଆଶଙ୍କା

ବାଲିଗୁଡ଼ା, ୨୯/୧୦ (ଆ.ପ୍ର) : ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ବାଲିଗୁଡ଼ା ଉପଖଣ୍ଡର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । କନ୍ଧମାଳ ଓ ଗଞ୍ଜାମ ଜିଲ୍ଲାକୁ ସଂଯୋଗ କରୁଥିବା ଗାଜଲବାଡ଼ି ଘାଟିକୁ ଉଭୟ ଜିଲ୍ଲା ପ୍ରଶାସନ ପକ୍ଷରୁ ସୋମବାର ଅପରାହ୍ନରୁ ବନ୍ଦ କରାଯାଇ ଥିବାରୁ ବାଲିଗୁଡ଼ାରୁ ବ୍ରହ୍ମପୁରକୁ ଯାତାୟାତ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି । ଏହାର ସିଧାସଳଖ ପ୍ରଭାବ ଏବେ ଅଂଚଳର ବଜାର ଓ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ଉପରେ ପଡ଼ିବା ଆଶଙ୍କା ଦେଖାଦେଇଛି । ବାଲିଗୁଡ଼ା ଅଂଚଳର ପନିପରିବା ଚାହିଦାର ଏକ ବଡ଼ ଅଂଶ ଗଞ୍ଜାମ ଜିଲ୍ଲାର ସୋରଡ଼ା, କାଟୁ ଓ ସାଉଁଳେଇ ଅଂଚଳରୁ ପୂରଣ ହୋଇଥାଏ । ପ୍ରତିଦିନ ଏହି ଅଂଚଳରୁ ଟନ୍ ଟନ୍ ପନିପରିବା ବାଲିଗୁଡ଼ା ବଜାରକୁ ଆସୁଥିବା ବେଳେ ଘାଟି ବନ୍ଦ ହେବା ପରେ ଏହି ଯୋଗାଣ ବ୍ୟବସ୍ଥା ଠପ୍ ହୋଇପଡ଼ିଛି । ଅନ୍ୟ ପକ୍ଷରେ, ରାସନ ଓ ଅନ୍ୟାନ୍ୟ ସାମଗ୍ରୀ ପାଇଁ ମଧ୍ୟ ବାଲିଗୁଡ଼ାବାସୀ ବ୍ରହ୍ମପୁର ଉପରେ ନିର୍ଭର କରୁଥିବାରୁ ପରିବହନ ବାଧା ଚିନ୍ତା ବଢ଼ାଇଛି । ଘାଟି ବନ୍ଦ ଯୋଗୁ କେବଳ ବ୍ୟବସାୟୀ ନୁହନ୍ତି, ସାଧାରଣ ଲୋକ ମଧ୍ୟ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଯାତାୟାତ ସହ ଜୀବିକା, ସ୍ୱାସ୍ଥ୍ୟସେବା ଓ ଉଚ୍ଚଶିକ୍ଷା କ୍ଷେତ୍ରରେ ଏହାର ପ୍ରଭାବ ଅନୁଭୂତ ହେଉଛି । ପୂଜା ଛୁଟିରେ ଘରକୁ ଆସିଥିବା ଶହ ଶହ ଛାତ୍ରଛାତ୍ରୀ ନିଜ ଶିକ୍ଷାନୁଷ୍ଠାନକୁ ଫେରିବା ନେଇ ଅସୁବିଧାରେ ପଡ଼ିଛନ୍ତି । ଏଭଳି ସ୍ଥିତି ଆଉ ଦିନେ ଦୁଇ ଦିନ ଲାଗି ରହିଲେ ପନିପରିବା ସମେତ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀର ଅଭାବ ଦେଖାଦେବା ସହ ଦରଦାମ୍ ବୃଦ୍ଧିର ଆଶଙ୍କା ରହିଛି ବୋଲି ବ୍ୟବସାୟୀମାନେ କହିଛନ୍ତି । ବାତ୍ୟାଜନିତ ବିପଦକୁ ଦୃଷ୍ଟିରେ ରଖି ଘାଟି ବନ୍ଦ କରାଯାଇଥିବାବେଳେ, ସ୍ଥିତି ସୁଧୁରିବା ପରେ ଯାତାୟାତ ଓ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ କେବେ ସ୍ୱାଭାବିକ ହେବ, ତାହାକୁ ନେଇ ଅଂଚଳବାସୀ ଅପେକ୍ଷା କରିଛନ୍ତି ।

ମେଗା ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି ବୈଠକ

ନିଶ୍ଚିନ୍ତକୋଇଲି, ୨୯/୧୦ (ଆ.ପ୍ର) : ନିଶ୍ଚିନ୍ତକୋଇଲି ବ୍ଲକ ଅଧିନ କଟରପଡାଠାରେ ଥିବା ସେଭିୟର ହାଇସ୍କୁଲର ବାର୍ଷିକ ପ୍ରତିଷ୍ଠା ଦିବସ ଅବସରରେ ଆସନ୍ତା ନଭେମ୍ବର ୨ ତାରିଖରେ ସ୍କୁଲ ପରିସରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହେବ । ଉକ୍ତ ରକ୍ତଦାନ ଶିବିରକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ଏବଂ ରକ୍ତଦାନ ପୂର୍ବରୁ ସ୍ୱେଚ୍ଛାକୃତ ରକ୍ତଦାତା ମାନଙ୍କୁ ରକ୍ତଦାନର ମହତ୍ୱପୂର୍ଣ୍ଣ କାର୍ଯ୍ୟ ସଂକ୍ରାନ୍ତରେ ସଚେତନ କରାଇବା ପାଇଁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଛି । ବିଶିଷ୍ଟ ପରିବେଶବିତ୍ ପ୍ରକୃତିବନ୍ଧୁ ଶିକ୍ଷାବିତ୍

ରମେଶ ଚନ୍ଦ୍ର ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ସ୍କୁଲ ପରିଚାଳନାକମିଟି ସଂପାଦକ ସ୍ମୃତିରଂଜନ ରାଉତରାୟ, ଅଧ୍ୟକ୍ଷ ଗୋପବନ୍ଧୁ ରାଉତ, ଉପାଧ୍ୟକ୍ଷ ବିରଜା ପ୍ରସାଦ ମିଶ୍ର, ଶିକ୍ଷା ସଂଯୋଜକ ମାନସ କୁମାର ରାଉତଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଏଥିରେ ଯୋଗଦେଇ ବିଭିନ୍ନ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ଆଲୋଚନା କରିଥିଲେ । ଏହି ରକ୍ତଦାନ ଶିବିରରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାତାମାନେ ଯୋଗଦେଇ ରକ୍ତଦାନ କରିବା ପାଇଁ ବିଦ୍ୟାଳୟ ପକ୍ଷରୁ ନିବେଦନ ମଧ୍ୟ କରାଯାଇଥିଲା ।

ଘରକୁ ଘର ବୁଲି ଚାଲିଛି ଭୋଟ ପରିଚୟପତ୍ର ସର୍ଭେ

ଖଣ୍ଡପଡ଼ା, ୨୯/୧୦ (ଆ.ପ୍ର) : ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଖଣ୍ଡପଡ଼ା ସହରାଂଚଳ ସମେତ ଆଖପାଖ ଅଂଚଳରେ ଘରକୁ ଘର ବୁଲି ଭୋଟ ପରିଚୟପତ୍ର ସର୍ଭେ କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ ଚାଲୁ ରହିଥିବା ଜଣାପଡିଛି । ଅଙ୍ଗନବାଡି କର୍ମୀମାନେ

ଘରକୁ ଘର ବୁଲି ପରିବାରବର୍ଗଙ୍କୁ ଭେଟି ସଠିକ ତଥ୍ୟ ସଂଗ୍ରହ କରିବାରେ ଲାଗି ପଡିଛନ୍ତି । ଯେପରି ନିର୍ଭୁଲ ଭାବେ ସମସ୍ତ ଭୋଟରଙ୍କୁ ଭୋଟ ପରିଚୟପତ୍ର ପ୍ରଦାନ କରାଯିବ ସେ ନେଇ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଉଥିବା ଜଣାଯାଇଛି । ସେହିପରି ତାଲିକାଭୁକ୍ତ ହୋଇଥିବା ନୂତନ ଭୋଟରଙ୍କୁ ତ୍ରୀସ୍ତରୀୟ ପଂଚାୟତ ଓ ପୌର ନିର୍ବାଚନ ପୂର୍ବରୁ ସଠିକ ଭୋଟ ପରିଚୟପତ୍ର ପ୍ରଦାନ ନେଇ ଆନୁସଙ୍ଗିକ ବ୍ୟବସ୍ଥା କରାଯାଉଥିବା ପ୍ରଶାସନ ସୂତ୍ରରୁ ସୂଚନା ମିଳିଛି ।

ଶିଶୁ ମଙ୍ଗଳ କମିଟି ଓ ଶିଶୁ ସୁରକ୍ଷା କମିଟି ମିଳିତ ନିଶାମୁକ୍ତ କେନ୍ଦ୍ର ପରିଦର୍ଶନ

ଟାଙ୍ଗୀ ଚୌଦ୍ୱାର, ୨୯/ ୧୦ (ଆ.ପ୍ର) : କଟକ ଜିଲ୍ଲା ଶିଶୁ ମଙ୍ଗଳ କମିଟି ଓ ଶିଶୁ ସୁରକ୍ଷା କମିଟିର ଅଧ୍ୟକ୍ଷ ଓ ସଦସ୍ୟାଙ୍କର ଅଚାନକ ପରିଦର୍ଶନ ଓଡ଼ିଶାର ସର୍ବ ପ୍ରଥମ ଅନୁଷ୍ଠାନ 'ପରିବର୍ତ୍ତନ' କିଶୋର ନିଶାମୁକ୍ତ ଓ ପୁନର୍ବାସ କେନ୍ଦ୍ର ଚୌଦ୍ୱାର, କଟକ ଆସିଥିଲେ । ଏହି ପରିବର୍ତ୍ତନ କେନ୍ଦ୍ରଟି ୨୦୨୨ ମସିହାରେ କଟକ ଜିଲ୍ଲା ଅଧୀନସ୍ଥ ଚୌଦ୍ୱାର ଅଂଚଳରେ ଏକ ଭଡ଼ାଘରେ ଆରମ୍ଭ ହୋଇଥିଲା । ବର୍ତ୍ତମାନ ସୁଦ୍ଧା ସମୁଦାୟ ୧୨୩ ଜଣ ଅନ୍ତେବାସୀଙ୍କ ମଧ୍ୟରେ ୮୧ ଜଣ ସୁସ୍ଥ ହୋଇ ଘରକୁ ଫେରି ଶିକ୍ଷା ଗ୍ରହଣ କରୁଛନ୍ତି ଏହି ପରିବର୍ତ୍ତନ

କେନ୍ଦ୍ର ପରିଦର୍ଶନରେ ଆସିଥିବା ଶିଶୁ ମଙ୍ଗଳ କମିଟିର କର୍ମକର୍ତ୍ତା ପିଲାମାନଙ୍କ ସ୍ୱାସ୍ଥ୍ୟ, ଖାଦ୍ୟ ଓ ରହିବା ବ୍ୟବସ୍ଥା ବିଷୟରେ ଜଣ ଜଣ ଅନ୍ତେବାସୀଙ୍କଠୁ ବୁଝିଥିଲେ । ଅଫିସର ଗୁରୁତ୍ୱପୂର୍ଣ୍ଣ ନଥିପତ୍ରର ତଦାରଖ କରିଥିଲେ ଓଡିଶାର ପ୍ରଥମ ଅନୁଷ୍ଠାନ ବିନା ସରକାରୀ ଅନୁଦାନ ନପାଇ ଓ ଭଡା ଘରେ ଚାଲୁଥିବା ଅନୁଷ୍ଠାନ ଏତେ ସୁନ୍ଦର ଭାବେ ପରିଚାଳନା ଦେଖି ପରିଦର୍ଶନରେ ଆସିଥିବା ଟିମ ସରକାରଙ୍କ ପାଖରେ ବିଭାଗସ୍ତରୀୟ ଅନୁଦାନ କିପରି ଅନୁଷ୍ଠାନ ପାଇପାରିବ ଦାବୀ ରଖାଯିବ ବୋଲି ଅଧ୍ୟକ୍ଷ ଓ ସଦସ୍ୟାମାନେ ପ୍ରତିଶ୍ରୁତି ଦେଇଥିଲେ । ଅଧ୍ୟକ୍ଷ ନରୋତମ ଦାସ ଓ ସେବକ ସୁବ୍ରତ ଖଟୁଆ, ପ୍ରିୟଙ୍କା ଦାସ ଓ ସୁନୀଲ ମୁର୍ମୁ ଓ ଶିବମ ବେହେରାଙ୍କୁ ଧନ୍ୟବାଦ ଦେଇ ଜିଲ୍ଲା କାର୍ଯ୍ୟାଳୟକୁ ଫେରିଯାଇଥିଲେ ।

ରାଜକିଆରୀ ଛକରେ ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ହେଲା

ଖଣ୍ଡପଡ଼ା, ୨୯/୧୦ (ଆ.ପ୍ର) : ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ପଂଚାୟତର ରାଜକିଆରୀ ଛକରେ ଦିର୍ଘ ଦିନ ଧରି ଉଜ୍ଜଳ ଆଲୋକୀକରଣ ବ୍ୟବସ୍ଥା ଫେଲ ମାରିଥିବାରୁ ଅଂଚଳବାସୀ ଏ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରି ଆସୁଥିଲେ । ତେବେ ଏ ସଂପର୍କରେ ଗତ କିଛି ଦିନ ତଳେ ଗଣମାଧ୍ୟମରେ ଖବର ପ୍ରକାଶ

ପାଇବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଯୁଦ୍ଧକାଳୀନ ଭିତିରେ ରାଜକିଆରୀ ଛକରେ ପ୍ରଶାସନ ଏକ ହାଇମାକ୍ସ ଲାଇଟର ବ୍ୟବସ୍ଥା କରିବା ପରେ ଅଂଚଳବାସୀ ଏ ନେଇ ଆନନ୍ଦ ପ୍ରକାଶ କରିଛନ୍ତି । ପ୍ରକାଶଥାଉକି ରାଜକିଆରୀ ଛକଟି ୪୮ ନଂ ରାଜ୍ୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ ହୋଇଥିବା ବେଳେ ରାତି ତମାମ ଉକ୍ତ ଛକ ଦେଇ ଏକାଧିକ ଦୂରଗାମୀ ଯାତ୍ରିବାହୀ ବସ ବିଭିନ୍ନ ସ୍ଥାନକୁ ଯାତାୟତ କରିଥାଏ ।

ବିଦ୍ୟୁତ୍ ଆଘାତରେ ରେଳବାଇ ଗେଷ୍ଟ ହାଉସ୍ ରୋଷେୟା ଗୁରୁତର

ଦଶପଲ୍ଲା, ୨୯/୧୦ (ଆ.ପ୍ର) : ଦଶପଲ୍ଲା ରେଳବାଇ ଷ୍ଟେସନ ପରିସରରେ ଥିବା ଗେଷ୍ଟ ହାଉସ୍‌ରେ ବିଦ୍ୟୁତ୍ ଆଘାତ ଲାଗି ଜଣେ ଆହତ ହୋଇଛନ୍ତି ।

ଆହତ ବ୍ୟକ୍ତିଜଣକ ଶ୍ରୀରାମପୁର ଗ୍ରାମର ଲକ୍ଷ୍ମୀଧର ସାହୁ (୪୦) ବୋଲି ଜଣାପଡ଼ିଛି । ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଲକ୍ଷ୍ମୀଧର ଉକ୍ତ ଗେଷ୍ଟ ହାଉସ୍‌ରେ ରୋଷେୟା ଭାବେ କାର୍ଯ୍ୟ କରନ୍ତି । ବିଦ୍ୟୁତ୍ କାଟ୍ ପରେ ପୁନର୍ବାର ବିଦ୍ୟୁତ୍ ସଂଯୋଗ ଆସିବାର କିଛି ସମୟ ପରେ, ସେ ଏକ ବୈଦ୍ୟୁତିକ ପ୍ଲଗ୍ ଲଗାଉଥିବା ବେଳେ ହଠାତ୍ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଆହତ ହୋଇଥିଲେ । ବର୍ତ୍ତମାନ ସେ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ରହିଛନ୍ତି ହେଲେ ସ୍ୱାସ୍ଥ୍ୟ କେନ୍ଦ୍ରରେ ବେଡ୍ ସିଟ ଅଭାବରୁ ଚିରା ଥିବା ଅସନା ସେଜରେ ସୋଇଥିବା ଦେଖାଦେଉଛି ।

ନିଶ୍ଚିନ୍ତକୋଇଲିରେ ଦଶହରା ଭସାଣୀ ଶୃଙ୍ଖଳିତ ଭାବେ ଶେଷ ପାରମ୍ପରିକ ବାଦ୍ୟରେ ଦୁଲୁକିଲା ଶୋଭାଯାତ୍ରା

ନିଶ୍ଚିନ୍ତକୋଇଲି, ୨୯/୧୦ (ଆ.ପ୍ର) : ନିଶ୍ଚିନ୍ତକୋଇଲି ବଜାରରେ ଚଳିତ ବର୍ଷ ଦଶହରା ଅବସରରେ ୧୩ଟି ପୂଜା ମଣ୍ଡପରେ ବିଭିନ୍ନ ଦେବାଦେବୀଙ୍କର ଯଥାରୀତି ପୂଜାର୍ଚ୍ଚନା ଶେଷ ହେବା ପରେ ରବିବାର ଦିନ ଅପରାହ୍ନରୁ ରାତ୍ର ୧୦ଟା ମଧ୍ୟରେ ଭସାଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ପ୍ରଶାସନ ଓ ପୋଲିସ ଆଇନ ଅନୁଯାଇ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ଭସାଣୀ କାର୍ଯ୍ୟ ଶେଷ ହୋଇଯାଇଛି । ରାତି ୧୦ଟା ପର୍ଯ୍ୟନ୍ତ ଭସାଣୀ ଶୋଭାଯାତ୍ରା କରିବା ପାଇଁ ପ୍ରଶାସନର ନିର୍ଦ୍ଦେଶ ଥିବା ବେଳେ ମେଢ ଗୁଡିକ ବିସର୍ଜନ ପାଇଁ ବିଳମ୍ବ ହେବାରୁ ପୋଲିସ ପକ୍ଷରୁ ଶୋଭାଯାତ୍ରାରେ ବାଜୁଥିବା ମାଇକ, ବାଜା ବନ୍ଦ କରିଦିଆଯାଇଥିଲା । ଫଳରେ ମେଢ ଗୁଡିକ ବିନା ଶୋଭାଯାତ୍ରାରେ ଯାଇ ୮ନମ୍ବର କେନାଲରେ ବିସର୍ଜନ କରାଯାଇଥିଲା । ଯାହାକୁ ନେଇ ଦର୍ଶକଙ୍କ ମହଲରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା । ବଜାର ବ୍ୟବସାୟୀ ସଙ୍ଘ ଆନୁକୂଲ୍ୟରେ ଆୟୋଜିତ ଏହି ଭସାଣୀ ଉତ୍ସବରେ ୧୩ଟି ପୂଜା ମଣ୍ଡପରେ ବିଭିନ୍ନ ଦେବାଦେବୀଙ୍କ ମେଢ ବ୍ଲକ ଛକରୁ ଶୋଭାଯାତ୍ରା ଆରମ୍ଭ କରିଥିଲେ । ଏହି ଶୋଭାଯାତ୍ରାରେ ଡିଜେକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିବା ବେଳେ ଘଂଟାଘଂଟା ଓ ପାରମ୍ପରିକ ବାଦ୍ୟରେ ଶୋଭାଯାତ୍ରା ଆରମ୍ଭ ହୋଇଥିଲା । ବିଭିନ୍ନ ପୂଜା କମିଟି ପକ୍ଷରୁ ସେମାନଙ୍କ ମେଢ ସମ୍ମୁଖରେ

ପାରମ୍ପରିକ ଡାକମୁନି ବାଜା, ରଙ୍ଗବାଜା, ସଙ୍ଘବାଜା, ବ୍ରାସବ୍ୟାଣ୍ଡ ଓ ଘଂଟୁଆଙ୍କ ଘଂଟବାଦ୍ୟ ଶୋଭାଯାତ୍ରା ଦୁଲୁକିଥିଲା । ହଜାର ହଜାର ସଂଖ୍ୟାରେ ଦର୍ଶକ ଏହି ଭସାଣୀ ଶୋଭାଯାତ୍ରାକୁ ଉପଭୋଗ କରିଥିଲେ । ବ୍ୟବସାୟୀ ସଙ୍ଘ ସଭାପତି ପ୍ରମୋଦ କୁମାର ପଣ୍ଡା, ସମ୍ପାଦକ ଜୀବନାନନ୍ଦ ଦାଶଙ୍କ ସମେତ ସମସ୍ତ କର୍ମକର୍ତ୍ତାଙ୍କ ପରିଚାଳନାରେ ପ୍ରତ୍ୟେକ ପୂଜା ମଣ୍ଡପର କର୍ମକର୍ତ୍ତାମାନେ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ସେମାନଙ୍କର ମେଢ ଗୁଡିକୁ ନେଇ ୮ନମ୍ବର କେନାଲରେ ବିସର୍ଜନ କରିଥିଲେ । ଚଳିତ ବର୍ଷ ଶୃଙ୍ଖଳିତ ଭାବେ ଦଶହରା ପର୍ବ ଓ ଭସାଣୀ ଉତ୍ସବ ଶେଷ ହୋଇଥିବାରୁ ବ୍ୟବସାୟୀ ସଙ୍ଘ ପକ୍ଷରୁ ସମସ୍ତ ଭକ୍ତବୃନ୍ଦ, ଦର୍ଶକ ଓ ବ୍ୟବସାୟୀ ମାନଙ୍କୁ ସାଧୁବାଦ ଜ୍ଞାପନ କରାଯାଇଛି ।

ଦୁର୍ନୀତି ନିବାରଣ ସଚେତନତା ଶପଥ ପାଠ ଅନୁଷ୍ଠିତ

ପୁରୀ, ୨୯/୧୦ (ଆ.ପ୍ର) : ଚଳିତ ବର୍ଷ ଅକ୍ଟୋବର ୨୬ ତାରିଖ ଠାରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶ ରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି । ଏହି ଅବସରରେ ସୋମବାର ଦିନ ଦିବା ୧୧ ଘଟିକା ସମୟରେ ପୁରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସାଧୁତାର ଶପଥପାଠ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ।ଦୁର୍ନୀତି ଏକ ସାମାଜିକ ବ୍ୟାଧି । ଏହା ବିକାଶର ମୁଖ୍ୟ ବାଧକ । ତେଣୁ ସମ୍ମିଳିତ ଭାବେ ଜିଲ୍ଲା, ରାଜ୍ୟ ଓ ଦେଶର ଉନ୍ନତି ପାଇଁ ଦୁର୍ନୀତି ର ମୂଳୋତ୍ପାଟନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ପରେ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ କ୍ରମେ ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସାଧୁତାର ଶପଥ ପାଠ କରାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଡେପୁଟି କଲେକ୍ଟର ଅନୁସ୍ରାବ ରନ୍ତାୟତ, ଗୁନିତା ପ୍ରଧାନ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲ୍ଲା ସ୍ତରୀୟ ଅନ୍ୟାନ୍ୟ ଅଧିକାରୀ ଓ ସମସ୍ତ ବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ହୋଇ ଶପଥ ପାଠ କରିଥିଲେ । ସେହିପରି ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,ଅନ୍ୟାନ୍ୟ ବିଭାଗ, ଲାଇନ ଡିପାର୍ଟମେଂଟରେ,ସମସ୍ତ ବ୍ଲକ, ତହସିଲ କାର୍ଯ୍ୟାଳୟ ଓ ସମସ୍ତ ଶିକ୍ଷାନୁଷ୍ଠାନରେ ଏହି ଶପଥ ପାଠ କରାଯାଇଥିଲା ।

ଗଜଲକ୍ଷ୍ମୀ ପୂଜା ମଣ୍ଡପରେ ମା'ଙ୍କୁ ଦର୍ଶନ କଲେ ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥୀ

ନିଶ୍ଚିନ୍ତକୋଇଲି, ୨୯/୧୦ (ଆ.ପ୍ର) : ନିଶ୍ଚିନ୍ତକୋଇଲି ପଂଚାୟତସମିତି ଅନ୍ତର୍ଗତ କଟକସଦର ବିଧାନସଭା କ୍ଷେତ୍ର ଅଧିନସ୍ଥ ବିଭିନ୍ନ ପଂଚାୟତରେ ଅନୁଷ୍ଠିତ ହେଉଥିବା ଗଜଲକ୍ଷ୍ମୀ ପୂଜା ମଣ୍ଡପରେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜୁ ଜନତା ଦଳ ଦଳିତ ମୋର୍ଚ୍ଚା ସଭାପତି ଚନ୍ଦ୍ରସାରଥୀ ବେହେରା ପହଂଚି ମା' ଗଜଲକ୍ଷ୍ମୀଙ୍କୁ ଦର୍ଶନ କରିବା ସହିତ ଆଶିର୍ବାଦ ଭିକ୍ଷା କରିଛନ୍ତି । ଏହି ପରୀପ୍ରେକ୍ଷୀରେ ଶ୍ରୀଯୁକ୍ତ ବେହେରା ରତରକୂଳ ଗ୍ରାମ ପଂଚାୟତ ମୁଗୁରିଆ ଗଜଲକ୍ଷ୍ମୀ ପୂଜାମଣ୍ଡପ, ଭିତରକୂଳ ଗଜଲକ୍ଷ୍ମୀ ପୂଜାମଣ୍ଡପ, ମଣିଜଙ୍ଗ ପଂଚାୟତ ଧାରଡିଲ ଗଜଲକ୍ଷ୍ମୀ ପୂଜାମଣ୍ଡପ ଓ ନେମାଳ ଗ୍ରାମ ପଂଚାୟତ ମୂଳସୁଆଙ୍ଗ ଗଜଲକ୍ଷ୍ମୀ ପୂଜାମଣ୍ଡପରେ ପହଂଚି ମା'ଙ୍କୁ ଦର୍ଶନ କରିଛନ୍ତି । ଶ୍ରୀଯୁକ୍ତ ବେହେରାଙ୍କ ସହ ଜମେଶ୍ୱର ବେଉରା, ଅଚ୍ୟୁତାନନ୍ଦ ଦାସ, ପ୍ରମୋଦ ନାୟକ, ଶରତ ସାମଲ, ବିଶ୍ୱେନ୍ଦୁ ମହାରଣା, ଦୁର୍ଗାପ୍ରସାଦ ଦାସ, ସଂଗ୍ରାମ ସାହାଣୀ, ଶଶିକାନ୍ତ ମହାନ୍ତି, ନିମାଇଁଚରଣ ମହାପାତ୍ର, ସୁଶୀଳ ବେଉରା, ସୁନିଲ ମଲ୍ଲ, ଦେବବ୍ରତ ମହାନ୍ତି, ରଘୁନାଥ ସାହୁ, ବିଘ୍ନେଶ୍ୱର ମହାନ୍ତି, ରଘୁନାଥ ସେଠୀ, ସୁନାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ଏନଏସି ପକ୍ଷରୁ ବେଆଇନ ପଲିଥିନ ବିକ୍ରି କରୁଥିବା ଦୋକନୀଙ୍କ ଉପରେ ଚଢ଼ାଉ ଜରିମାନା ସହ ୩ ବସ୍ତା ଜବତ

ଧାମନଗର, ୨୯/୧୦ (ଆ.ପ୍ର) : ଧାମନଗର ଏନଏସି କାର୍ଯ୍ୟାଳୟ ପକ୍ଷରୁ ଦୋକାନ ବଜାରରେ ବେଆଇନ ପଲିଥିନ ବିକ୍ରି କରୁଥିବା ଦୋକନୀଙ୍କ ଉପରେ ଚଢ଼ାଉ ୩ ବସ୍ତା ପଲିଥିନ ଜବତ ସହ ଜରିମାନା ଆଦାୟ କରାଯାଇଛି । ପଲିଥିନ ବ୍ୟବହାର ଉପରେ ରୋକ ଲଗାଇବା ଓ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ଉଦ୍ଦେଶ୍ୟରେ ଧାମନଗର ଏନ୍‌ଏସି ପକ୍ଷରୁ ଏହି ଯାଂଚ ଓ ଚଢ଼ାଉ କରାଯାଇଥିଲା । ଗୁରୁବାର ସନ୍ଧ୍ୟାରେ ଏନ୍‌ଏସିର ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଦେବବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ସ୍ଥାନୀୟ ପୋଲିସ ସହାୟତାରେ ସହରାଂଚଳରେ ଥିବା ବିଭିନ୍ନ ଦୋକାନ ବଜାର ଉପରେ ଚଢ଼ାଉ କରି ଯାଂଚ କରାଯାଇଥିଲା । ଏହି ସମୟରେ ୩ ବସ୍ତା ବେଆଇନ ପଲିଥିନ ଜବତ କରିଛନ୍ତି । ଚଢ଼ାଉରେ ବେଳେ କନିଷ୍ଠ ଓ ସହକାରୀ ଯନ୍ତ୍ରୀ ନୀଳକଣ୍ଠ ନାୟକ, ସସ୍ମିତା ନାୟକ, ଶରତ ଦାସ, ମନୋଜ ଦାସଙ୍କ ସମେତ ଅନ୍ୟ ଅଧିକାରୀମାନେ ସାମିଲ ହୋଇଥିଲେ । ପଲିଥିନ ବ୍ୟବହାର ଯୋଗୁଁ ପରିବେଶ ପ୍ରଦୂଷଣ ବୃଦ୍ଧି ପାଇବା ସହ ମଣିଷର ସ୍ୱାସ୍ଥ୍ୟ ଉପରେ ମଧ୍ୟ କୁପ୍ରଭାବ ପଡ଼ିବା, ନାଳନର୍ଦ୍ଦମା ଅବରୋଧ ଭଳି ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି । ତେଣୁ ଏହାର ବ୍ୟବହାର ରୋକିବା ପାଇଁ ନିୟମିତ ଯାଂଚ ସହ ଦୋକାନୀ ଓ ଗ୍ରାହକଙ୍କୁ ସଚେତନ କରିବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି ଅଧିକାରୀ ମତପ୍ରକାଶ କରିଛନ୍ତି ।

ଶାନ୍ତି କମିଟି ବୈଠକର ଫଟୋକୁ ବିକୃତ କରି ସୋସିଆଲ ମିଡିଆରେ ଭାଇରାଲ୍ ଅଭିଯୋଗ

ଧାମନଗର, ୨୯/୧୦ (ଆ.ପ୍ର) : ଧାମନଗର ଗତ ୦୯/୧୦/୨୦୨୬ ରିଖରେ ଧାମନଗର ବ୍ଲକ ପଂଚାୟତ ସମିତି ସଭାଗୃହ ପରିସରରେ ପର୍ବପର୍ବାଣୀ ଶାନ୍ତି ଶୃଙ୍ଖଳାକୁ ନେଇ ଶାନ୍ତି କମିଟିର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା ।ଦୁଃଖ ଓ ପରିତାପର ବିଷୟ ଯେ ଏହି ବୈଠକର ପ୍ରକୃତ ଫଟୋକୁ କିଛି ଅସାମାଜିକ ବ୍ୟକ୍ତି ଅସତ୍ ଉଦ୍ଦେଶ୍ୟ ରଖି ଡିଜିଟାଲ୍ ମାଧ୍ୟମରେ ବିକୃତ କରିଛନ୍ତି । ସେମାନେ ଉକ୍ତ ଫଟୋରେ ଥିବା ସଭ୍ୟମାନଙ୍କର ପୋଷାକ ଟୋପିକୁ ବଦଳାଇ (ଗେରୁଆ ଟୋପି ଲଗାଇ) ତାହାକୁ ଫେସବୁକ୍ ଏବଂ ଅନ୍ୟାନ୍ୟ ସୋସିଆଲ ମିଡିଆରେ ଭାଇରାଲ୍ କରିଛନ୍ତି। ଆମର ଏହି ଲିଖିତ ଏତଲା କୁ ଭିତି କରି ଦୋଷୀ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ୨୦୨୩ର ପ୍ରଯୋଜ୍ୟ ଧାରା (ମାନହାନୀ, ମଥ୍ୟା ଦଲିଲ, ଇଲେକ୍ଟ୍ରୋନିକ ରେକୋର୍ଡ ତିଆରୀ ଜନଅସାନ୍ତକାରୀ, ଓ ସମ୍ମାନ ଉଦ୍ଦେଶ୍ୟଧାରା) ଏବଂ ତଥ୍ୟ ପ୍ରଯୁକ୍ତି ଆଇନ ୨୦୦୦ ର ପ୍ରଯୋଜ୍ୟ ଧାରା ଅନୁଯାଇ ଏତାଲା ରୁଜୁ କରି ଆଇନ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆମେ ଅନୁରୋଧ କରୁଛି । ବିଦ୍ର- ଫେସବୁକ ପେଜ୍ ରେ ପୋଷ୍ଟ ହୋଇଥିବା ପେଜର ନାମ-ମୁସଲମାନ କା ଆୱାଜ ହ୍ୱାଟସ ଅପ୍ ର ନମ୍ବର- ୯୬୯୨୩୪୯୭୦୧ ପୋଷ୍ଟ କରାଯାଇଛି ।

ଆରମ୍ଭ

SEITHO ARAMBHA

ଶୁକ୍ରବାର, ୩୦ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ଜୟବର୍ଦ୍ଧନେଙ୍କ ପରେ ମାଲିଙ୍ଗା, ପାରସ ଓ ହୋପକିନସନ ମୁମ୍ବାଇ ଇଣ୍ଡିଆନ୍ସ କୋଚିଂରୁ ନେଲେ ବିଦାୟ

ନୂଆଦିଲ୍ଲୀ, ୨୯/୧୦(ନ୍ୟୁ.ଏ): ୨୦୨୭ ଆଇପିଏଲ ପୂର୍ବରୁ କୋଚିଂ ସେଟ୍ ଅପରେ ନବଳକେବର କରିବାକୁ ଯାଉଛି ୫ ଥରର ବିଜେତା ମୁମ୍ବାଇ ଇଣ୍ଡିଆନ୍ସ । ନିକଟରେ ଦଳର ମୁଖ୍ୟ କୋଚ ପଦରୁ ବିଦାୟ ନେଇଥିଲେ ଶ୍ରୀଲଙ୍କାର କିମ୍ବଦନ୍ତୀ ଖେଳାଳି ମାହେଲା ଜୟବର୍ଦ୍ଧନେ । ଏହାପରେ କାଏରନ ପୋଲାର୍ଡଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ମୁଖ୍ୟ କୋଚ କରିଥିଲା । ଏବେ ଦଳର କୋଚିଂ ସେଟ୍ ଅପ୍‌ରେ ଥିବା ଲସିତ ମାଲିଙ୍ଗା, ପାରସ ମହାମ୍ବ୍ରେ ଓ କାର୍ଲ ହୋପକିନସନ ମଧ୍ୟ ବିଦାୟ ନେଇଛନ୍ତି । ମାଲିଙ୍ଗା ଓ ପାରସ ମୁମ୍ବାଇ ଇଣ୍ଡିଆନ୍ସର ଦ୍ରୁତ ଓ ସ୍ପିନ ବୋଲିଂ କୋଚ ଭାବେ କାର୍ଯ୍ୟ କରୁଥିଲେ । ସେହିପରି ହୋପକିନସନ ଥିଲେ ଦଳର ଫିଲ୍ଡିଂ କୋଚ । ଏହି ୩ ଜଣ ଏବେ ବିଦାୟ ନେଇଥିବାରୁ ୨୦୨୭ ଆଇପିଏଲ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ନୂଆ ସଦସ୍ୟଙ୍କୁ ନିଜର କୋଚିଂ ସେଟଅପ୍‌ରେ ସାମିଲ କରିବ । ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ସୋଶାଲ ମିଡିଆରେ ମାଲିଙ୍ଗା, ପାରସ ଓ ହୋପକିନସନଙ୍କ ବିଦାୟ ଖବରକୁ ନିଶ୍ଚିତ କରାଯାଇଛି । ସେହିପରି ସେମାନେ ଦୀର୍ଘ ସମୟ ଧରି ଟିମର

ସଫଳତାରେ ସାମିଲ ଥିବାରୁ ତାଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ କୃତଜ୍ଞତା ଜଣାଇଛି । ମୁମ୍ବାଇ ଇଣ୍ଡିଆନ୍ସ ସହ ମାଲିଙ୍ଗାଙ୍କ ସମ୍ପର୍କ ବେଶ ପୁରୁଣା । ମାଲିଙ୍ଗା ଏକଦା ମୁମ୍ବାଇ ପାଇଁ ଆଇପିଏଲ ଖେଳୁଥିଲେ । ତାଙ୍କ ସମୟରେ ଦଳ ୪ଥର ଚାମ୍ପିୟନ ହୋଇଛି । ୨୦୧୧ ଚାମ୍ପିୟନ୍ସ ଲିଗ ଟି-୨୦ରେ ମଧ୍ୟ ମୁମ୍ବାଇ ଟ୍ରଫି ଜିତିବା ବେଳେ ମାଲିଙ୍ଗା ରହିଥିଲେ । ଏତେ ସବୁ ସଫଳତା ପରେ ମୁମ୍ବାଇ ଇଣ୍ଡିଆନ୍ସକୁ ମାଲିଙ୍ଗା ମେଂଟୋର ଓ ପରେ କୋଚ ଭାବେ କମବ୍ୟାକ କରିଥିଲେ । ୨୦୨୪ ଆଇପିଏଲ ପୂର୍ବରୁ ମାଲିଙ୍ଗା ବୋଲିଂ କୋଚ ଭାବେ ମୁମ୍ବାଇକୁ ଫେରିଥିଲେ । ଏହାପୂର୍ବରୁ ଶେନ ବଣ୍ଡ ଦଳର ବୋଲିଂ କୋଚ ଭାବେ ଦୀର୍ଘ ୯ ବର୍ଷ କାମ କରିଥିଲେ । ୨୦୨୧ରେ ଆଇପିଏଲରୁ ଅବସର ନେବା ପରେ ୨୦୨୨ ଓ ୨୦୨୩ରେ ସେ ରାଜସ୍ଥାନ ରୟାଲ୍ସର ବୋଲିଂ କୋଚ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ । ୨୦୨୧ରେ ମାଲିଙ୍ଗା ଅବସର ନେଇଥିଲେ । କିନ୍ତୁ ୨୦୧୮ରେ ମୁମ୍ବାଇରେ ମେଂଟୋର ଭାବେ ମଧ୍ୟ ସେବା ଯୋଗାଇ ଥିଲେ । ଗୋଟିଏ ବର୍ଷ ମେଂଟୋର ହେବା ପରେ ୨୦୧୯ରେ ସେ ପୁଣି ମୈଦାନକୁ ଓହ୍ଲାଇ ଯଶପ୍ରୀତ ବୁମ୍ରାଙ୍କ ସହ ମୁମ୍ବାଇର ପେସ ବୋଲିଂ କମାଣ ସମ୍ଭାଳିଥିଲେ । ମୁମ୍ବାଇ ସେହିବର୍ଷ ଚାମ୍ପିୟନ ମଧ୍ୟ ହୋଇଥିଲା । ପାରସ ଦୁଇଟି ପର୍ଯ୍ୟାୟରେ ମୁମ୍ବାଇ ସହ କାମ କରିଛନ୍ତି । ପ୍ରଥମେ ସେ ୨୦୧୦ରୁ ୨୦୧୭ ଓ ପରେ ୨୦୨୫ ଓ ୨୦୨୬ ସଂସ୍କରଣରେ ସେ ମୁମ୍ବାଇ କୋଚିଂ ସେଟଅପରେ ରହିଥିଲେ । ୨୦୨୧ ନଭେମ୍ବରରୁ ୨୦୨୪ ଜୁଲାଇ ଯାଏ ପାରସ ଭାରତୀୟ ଟିମର ବୋଲିଂ କୋଚ ରହିଥିଲେ । ଏହି ସମୟରେ ଦଳ ୨୦୨୪ ଟି-୨୦ ବିଶ୍ୱକପ ଜିତିଥିଲା ।

ଜିମ୍ବାୱେକୁ ମୂଳପୋଛ କଲା ଭାରତ

ଭଦୋଦରା, ୨୯/୧୦(ନ୍ୟୁ.ଏ): ବୈଷ୍ଣବୀ ଶର୍ମାଙ୍କ ଘାତକ ବୋଲିଂ ଏବଂ ପ୍ରତୀକା ରାୱଲ ଓ ଶେଫାଳି ବର୍ମାଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ଜିମ୍ବାୱେକୁ ଏଠାରେ ଖେଳାଯାଇଥିବା ତୃତୀୟ ତଥା ଶେଷ ଦିନିକିଆରେ ୮ ୱିକେଟ୍‌ରେ ହରାଇଦେଇଛି ଭାରତ । ଏହି ସହଜ ବିଜୟ ସହ ସ୍ମୃତି ମନ୍ଧାନାଙ୍କ ଦଳ ୩ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାକୁ ୩-୦ରେ ପୋଛିନେଇଛି । ବୁଧବାର ପ୍ରଥମେ ବ୍ୟାଟିଂ କରି ଜିମ୍ବାୱେ ୩୯.୫ ଓଭରରେ ମାତ୍ର ୧୩୧ ରନ୍ କରିଥିଲା । ବୈଷ୍ଣବୀ ଶର୍ମା ୩୯ ରନ୍ ଦେଇ ୫ ୱିକେଟ୍ ନେଇଥିଲେ । ଏହା ତାଙ୍କ ଦିନିକିଆ କ୍ୟାରିୟରର ପ୍ରଥମ ୫ ୱିକେଟ୍ ସଫଳତା । କ୍ରାନ୍ତି ଗୌଡ଼ ଓ ସାୟଲି ସତଘରେ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ । ଜିମ୍ବାୱେ ପକ୍ଷରୁ ମୋଡେଷ୍ଟର ମୁପାଚିକ୍ୱା ସର୍ବାଧିକ ୩୭ ରନ୍ କରିଥିଲେ । ୧୩୨ ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତ ମାତ୍ର ୧୭ ଓଭରରେ ୨ ୱିକେଟ୍ ହରାଇ ହାସଲ କରିଥିଲା । ପ୍ରତୀକା ରାୱଲ ୫୬ ବଲ୍‌ରୁ ଅପରାଜିତ ୫୯ ରନ୍ କରିଥିବା ବେଳେ ଶେଫାଳି ବର୍ମା ମାତ୍ର ୨୬ ବଲ୍‌ରୁ ଅପରାଜିତ ୫୧ ରନ୍ କରିଥିଲେ । ବୈଷ୍ଣବୀ ମ୍ୟାଚ୍‌ର (୫/୩୯) ଓ ପ୍ରତୀକା ରାୱଲ (୨୨୦ ରନ୍) ଶୃଙ୍ଖଳାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ।

ବିଶ୍ୱ କୁସ୍ତିରେ ରୌପ୍ୟ ଜିତି ଇତିହାସ ରଚିଲେ କାଜଲ, ନୀଲମ

ଆସ୍ତାନା, ୨୯/୧୦(ନ୍ୟୁ.ଏ): ଭାରତୀୟ କୁସ୍ତିବିତ୍ କାଜଲ ଢୋଚାକ ଓ ନୀଲମ ସିରୋହି ଏଠାରେ ଚାଲିଥିବା ବିଶ୍ୱ କୁସ୍ତି ପ୍ରତିଯୋଗିତାରେ ରୌପ୍ୟ ପଦକ ଜିତି ଇତିହାସ ରଚିଛନ୍ତି । ପ୍ରଥମ ଥର ଲାଗି ଗୋଟିଏ ସଂସ୍କରଣରେ ୨ ଜଣ ଭାରତୀୟ ମହିଳା ରୌପ୍ୟ ପଦକ ଜିତିବାର ଗୌରବ ପାଇଛନ୍ତି । ପୂର୍ବରୁ ଏକ ମାତ୍ର ଭାରତୀୟ ମହିଳା କୁସ୍ତିବିତ୍ ଭାବେ ଅଂଶୁ ମଲ୍ଲିକ ୨୦୨୧ ସଂସ୍କରଣରେ ଫାଇନାଲ୍‌ରେ ପହଂଚିଥିଲେ । ମହିଳା ୭୬ କିଲୋଗ୍ରାମ ଫାଇନାଲ୍‌ରେ ବରିଷ୍ଠ ବିଶ୍ୱପ୍ରତିଯୋଗିତାରେ ପଦାର୍ପଣ କରିଥିବା ୧୮ ବର୍ଷୀୟା କାଜଲ କଡ଼ା ସଂଘର୍ଷ କରି ୬-୮ରେ ତିନି ଥର ୟୁରୋପୀୟ ବିଜୟିନୀ ୟୁକ୍ରେନ୍‌ର ଆନାସ୍ତାସିୟା ଆଲ୍‌ପେୟେଭାଙ୍କଠୁ ହାରି ଯାଇଥିଲେ । ସେମିଫାଇନାଲ୍‌ରେ ସେ ୧-୭ରେ ପଛରେ ରହିବାର ପରେ ପ୍ରତ୍ୟାବର୍ତ୍ତନ କରି ୧୦-୭ରେ କିର୍ଗିଜସ୍ତାନର ଅଇପେରି ମେଦେତ କିଜିଙ୍କୁ ହରାଇଥିଲେ । ସେହିଭଳି ୫୦ କିଲୋଗ୍ରାମ୍‌ରେ ୨୬ ବର୍ଷୀୟା ନୀଲମ ୦-୫ରେ ୪ ଥର ବିଶ୍ୱ ବିଜୟିନୀ ଜାପାନର ୟୁଇ ସୁସାକିଙ୍କଠୁ ହାରି ଯାଇଥିଲେ । ସେମିରେ ସେ କାଜାଖସ୍ତାନର ଜିନେପ ବେୟାନୋଭାଙ୍କୁ ୭-୩ରେ ମାତ୍ ଦେଇଥିଲେ ।

ଆରଏସଏସ୍ ଗଡ଼ରେ ଇଜ୍ଜତ ବଂଚାଇଲା କଂଗ୍ରେସ

ନାଗପୁର, ୨୯/୧୦(ନ୍ୟୁ.ଏ): ନିଜ ଗଡ଼ ବଂଚାଇବାକୁ ବିଫଳ କଂଗ୍ରେସ ମହାରାଷ୍ଟ୍ରର ନାଗପୁରରେ କମାଲ କରିଛି । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ବା ଆରଏସଏସ୍ ଗଡ଼ରେ କଂଗ୍ରେସର ଇଜ୍ଜତ ବଂଚି ଯାଇଛି । ୪ ରାଜ୍ୟରେ ଅନୁଷ୍ଠିତ ବିଧାନ ପରିଷଦ ନିର୍ବାଚନରେ କଂଗ୍ରେସ ନୈରାଶ୍ୟଜନକ ପ୍ରଦର୍ଶନ ଭିତରେ ନାଗପୁରରୁ ଆସିଛି ଖୁସି ଖବର । ନାଗପୁର ବିଧାନ ପରିଷଦ ନିର୍ବାଚନରେ ବାଜି ମାରି ନେଇଛି କଂଗ୍ରେସ । ନାଗପୁରର ଡିଭିଜନ ଗ୍ରାଜ୍ୟୁଏଟ୍ସ ସିଟ୍‌ରେ କଂଗ୍ରେସର ଅଭିଜିତ ଗୋବିନ୍ଦରାଓ ବେଶ ନାଟକୀୟ ଢଙ୍ଗରେ ଜିତିଛନ୍ତି । ନାଗପୁର ହେଉଛି ଆରଏସଏସ୍‌ର ମୁଖ୍ୟାଳୟ । ସେହିପରି ନାଗପୁର ଲୋକସଭା ଆସନରୁ ନିର୍ବାଚିତ ହୋଇଛନ୍ତି କେନ୍ଦ୍ରମନ୍ତ୍ରୀ ନୀତୀନ ଗଡକରୀ । ତଥାପି କଂଗ୍ରେସ କ୍ରମାଗତ ଦ୍ୱିତୀୟ ଥର ପାଇଁ ଏଠାରେ ଏମଏଲସି ଆସନ ଦଖଲ କରିଛି । କଂଗ୍ରେସର ଅଭିଜିତ ବିଜେପିର ସୁଧାକର ଖୋହଲେଙ୍କୁ ବିଶାଳ ୩,୨୭୧ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି । ବୁଧବାର ବିଳମ୍ବିତ ରାତି ଯାଏ ଚାଲିଥିବା ଗଣତି ପରେ ଏପରି ରେଜଲ୍ଟ ସାମ୍ନାକୁ ଆସିଛି । ଏହି ଫଳାଫଳ କଂଗ୍ରେସ ପାଇଁ ବେଶ ଉତ୍ସାହଜନକ । କାରଣ କଂଗ୍ରେସ କ୍ଷମତାରେ ଥିବା କର୍ଣ୍ଣାଟକାରେ ଅନୁଷ୍ଠିତ ୪ଟି ଯାକ ବିଧାନ ପରିଷଦ ଆସନରେ ପରାସ୍ତ ହୋଇଥିଲା । ଉତ୍ତର ପ୍ରଦେଶ ଓ ବିହାରରେ ଦଳ ଖାତା ଖୋଲି ପାରି ନଥିଲା । ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଂଗ୍ରେସକୁ କଟାକ୍ଷ କରିଥିଲେ । ହେଲେ ବିଳମ୍ବିତ ରାତିରେ ଦଳ ପାଇଁ ମହାରାଷ୍ଟ୍ରରୁ ଆସିଛି ଖୁସି ଖବର । ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସଙ୍କ ଘର ମଧ୍ୟ ନାଗପୁରରେ । ହେଲେ କଂଗ୍ରେସ ଏଠାରେ ନିଜର ଉପସ୍ଥିତି ଜାହିର କରିପାରିଛି । ଅଭିଜିତ ଜଣେ ଆଇନଜୀବୀ ଓ ଶିକ୍ଷାବିତ । ସେ ୨୦୨୦ରେ ମଧ୍ୟ ନାଗପୁର ଗ୍ରାଜ୍ୟୁଏଟ୍ସ ସିଟ୍ ?ରେ ବିଜୟୀ ହୋଇଥିଲେ । ଏବେ ଏଠାରେ ସେ ଦ୍ୱିତୀୟ ଥର ପାଇଁ ଜିତିଛନ୍ତି । ଅଭିଜିତଙ୍କୁ କଂଗ୍ରେସ ପ୍ରାର୍ଥୀ କରିଥିବା ବେଳେ ସହଯୋଗୀ ଦଳ ଉଦ୍ଧବ ଠାକରେଙ୍କ ଶିବସେନା ଓ ଶରଦ ପାୱାରଙ୍କ ଏନସିପି ତାଙ୍କୁ ସମର୍ଥନ କରିଥିଲେ । ନାଗପୁର ବିଜୟ ପରେ କଂଗ୍ରେସ କର୍ମୀମାନେ ବିଜେପି ବିରୋଧରେ ନାରାବାଜୀ କରିଛନ୍ତି । ସେହିପରି ଗଣତି ଚାଲିଥିବା ମାନକପୁର ଇଣ୍ଡୋର ଷ୍ଟାଡିୟମରେ ମଧ୍ୟ ଦୁଇ ଦଳର କର୍ମୀଙ୍କ ମଧ୍ୟରେ ମାରପିଟ ହୋଇଥିଲା । ପୁଲିସ ଏଥିରେ ହସ୍ତକ୍ଷେପ କରିବାରୁ ସ୍ଥିତି ଶାନ୍ତ ପଡ଼ିଥିଲା ।

ରୋନାଲ୍‌ଡୋଙ୍କୁ ପ୍ରଥମ 'ବୋଟ୍' ପୁରସ୍କାର

ପ୍ୟାରିସ୍, ୨୯/୧୦(ନ୍ୟୁ.ଏ): ଫ୍ରାନ୍ସ ଫୁଟ୍‌ବଲ୍ ପକ୍ଷରୁ ପ୍ରଥମ ଥର ଲାଗି ଆରମ୍ଭ ହୋଇଥିବା 'ସର୍ବକାଳୀନ ବାଲନ ଓ'ଡିଓର' (ବୋଟ୍) ପୁରସ୍କାର ପର୍ତ୍ତୁଗାଲ ତାରକା କ୍ରିଷ୍ଟିଆନୋ ରୋନାଲ୍‌ଡୋ ଜିତି ନେଇଛନ୍ତି । ମାଂଚେଷ୍ଟର ୟୁନାଇଟେଡ୍ ପକ୍ଷରୁ ୨୦୦୮ରେ ତାଙ୍କ ପ୍ରଦର୍ଶନକୁ ବାଲନ୍ ଡି'ଓର୍ ଇତିହାସର ଶ୍ରେଷ୍ଠ ବ୍ୟକ୍ତିଗତ ବର୍ଷ ଭାବେ ପ୍ରଶଂସକମାନେ ମାନ୍ୟତା ଦେଇଛନ୍ତି । ଏହି ପୁରସ୍କାର ଦୌଡ଼ରେ ଥିବା ତାଙ୍କର ବହୁଦିନର ପ୍ରତିଦ୍ୱନ୍ଦ୍ୱୀ ଆର୍ଜେଂଟିନା ତାରକା ତଥା ରେକର୍ଡ ୮ ଥର ବାଲନ ଡି'ଓର ପୁରସ୍କାର ପାଇଥିବା ଲିଓନେଲ୍ ମେସିଙ୍କୁ ସେ ପଛରେ ପକାଇ ଦେଇଛନ୍ତି । ୨୦୧୨ର ମେସି ରେକର୍ଡ ୯୧ ଗୋଲ୍ କରିଥିଲେ ମଧ୍ୟ ୫ ଥର ବାଲନ ଡି'ଓର ବିଜେତା ରୋନାଲଡୋଙ୍କ ୨୦୦୮ ବର୍ଷ ପ୍ରଦର୍ଶନକୁ ଅଧିକ ଭୋଟ୍ ମିଳିଥିଲା । ସାଧାରଣତଃ ବାଲନ୍ ଡି'ଓର ପୁରସ୍କାର ବିଜେତାଙ୍କୁ ସାମ୍ବାଦିକମାନେ ବାଛୁଥିବା ବେଳେ 'ବୋଟ୍' ବିଜେତାଙ୍କୁ ପ୍ରଶଂସକମାନେ ଡିଜିଟାଲ୍ ଭୋଟ୍ ମାଧ୍ୟମରେ ବାଛିଛନ୍ତି । ପ୍ରତି ଭୋଟ୍ ପାଇଁ ଏକ ୟୁରୋ ଦେବାକୁ ପଡ଼ିଥିଲେ ମଧ୍ୟ ୫,୦୦୦ରୁ ଅଧିକ ପ୍ରଶଂସକ ଖୁସିର ସହ ଏକାଧିକ ଥର ଭୋଟ୍ ଦେଇଥିଲେ । ସୂଚନାଯୋଗ୍ୟ ଯେ ମେସି ଓ ରୋନାଲ୍‌ଡୋଙ୍କ ବାଦ୍ ଏକାଧିକ ଥର ବାଲନ ଡି'ଓର ପୁରସ୍କାର ବିଜେତା ଜୋହାନ କ୍ରୁଇଫ, ମିଚେଲ ପ୍ଲାଟିନି, ମାର୍କୋ ଭାନ୍ ବାଷ୍ଟେନ, କାର୍ଲ-ହେଞ୍ଜ ରୁମେନିଗେ, କେଭିନ କିଗାନ, ଫ୍ରାଞ୍ଜ ବେକେନବର, ଅଲଫ୍ରେଡୋ ଡି ଷ୍ଟିଫାନୋ ଓ ରୋନାଲଡୋ ନାଜାରିଓ 'ବୋଟ୍' ପୁରସ୍କାର ଦୌଡ଼ରେ ଥିଲେ ।

ଆନ୍ଦୋଳନ ସମୟରେ ହିଂସା କଲେ ମିଳିବନି ସରକାରୀ ଚାକିରି

ଲକ୍ଷ୍ନୌ, ୨୯/୧୦(ନ୍ୟୁ.ଏ): ବିଗତ କିଛି ମାସ ହେଲା ଦେଶବ୍ୟାପୀ ଭିନ୍ନଭିନ୍ନ ସ୍ଥାନରେ ବିରୋଧ ପ୍ରଦର୍ଶନ କରାଯାଇଛି । କିଛି ସ୍ଥାନରେ ତୀବ୍ର ଆନ୍ଦୋଳନ ମଧ୍ୟ ଦେଖାଯାଇଛି । ଏଥିରେ ଛାତ୍ରଛାତ୍ରୀ ଏବଂ ସରକାରୀ ଚାକିରି ପାଇଁ ପ୍ରସ୍ତୁତ ହେଉଥିବା ପ୍ରାର୍ଥୀମାନେ ମଧ୍ୟ ସାମିଲ ହେଉଛନ୍ତି । ତେବେ ଏଭଳି ସ୍ଥିତିରେ ଉତ୍ତରପ୍ରଦେଶ ସରକାର ରାଜ୍ୟରେ ସରକାରୀ ଚାକିରି ପାଇଁ ଚରିତ୍ର ଯାଂଚ ନିୟମରେ ପରିବର୍ତ୍ତନ କରାଯାଇଛି । ଏହି ନିୟମ ଅନୁଯାୟୀ ଯଦି କୌଣସି ବ୍ୟକ୍ତି ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ ରାଜରାସ୍ତାରେ ହିଂସା ସହିତ ଜଡ଼ିତ ରହନ୍ତି, ତାଙ୍କୁ ସରକାରୀ ଚାକିରି ମିଳିବ ନାହିଁ । ଏହି ଭଳି ପ୍ରାର୍ଥୀଙ୍କ ପାଇଁ ଯୋଗୀ ସରକାର ଚାକିରି ରାସ୍ତା ବନ୍ଦ କରିଦେଇଛନ୍ତି । ଏହି ନିୟମ ନେଇ ଉତ୍ତରପ୍ରଦେଶ ସରକାର ପ୍ରମୁଖ ଶାସନ ସଚିବ ଏମ୍ ଦେବରାଜ ସୂଚନା ଦେଇଛନ୍ତି । ସରକାର କହିଛନ୍ତି ଯେ, ଯେକୌଣସି ନିଯୁକ୍ତି ପ୍ରକ୍ରିୟା ହେଉ, ଏଥିରେ ଲିଖିତ ପରୀକ୍ଷା ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଚରିତ୍ର ଯାଂଚକୁ ଗୁରୁତ୍ୱ ମନେ କରାଯିବ । ରାଜ୍ୟ ସରକାର ଏଥିରେ ପରିବର୍ତ୍ତନ ଆଣିଛନ୍ତି । ହିଂସା କାର୍ଯ୍ୟରେ ସଂପୃକ୍ତ ରହୁଥିବା ସଂଗଠନ ସହିତ ଜଡ଼ିତ ଥିବା ବ୍ୟକ୍ତିମାନଙ୍କୁ ସରକାରୀ ଚାକିରି ମିଳିପାରିବ ନାହିଁ । ଏହି ଭଳି ବ୍ୟକ୍ତିମାନଙ୍କୁ ସରକାରୀ ଚାକିରି ପାଇଁ ଅଯୋଗ୍ୟ ଘୋଷଣା କରିଦିଆଯିବ । ୨୧ ବର୍ଷ ବୟସ ପୂରା କରିବା ପରେ ଏବଂ ଯାଂଚ ତାରିଖ ଠାରୁ ୩ ବର୍ଷ ଭିତରେ କୌଣସି ଏଭଳି ଗତିବିଧିରେ ଅଂଶଗ୍ରହଣକୁ ପ୍ରମାଣ ଭାବେ ଗ୍ରହଣ କରାଯିବ । ସଂପୃକ୍ତ ବ୍ୟକ୍ତି ଏହି ସମୟ ଭିତରେ ହିଂସାକାଣ୍ଡରେ ସାମିଲ ଅଛି କି ନାହିଁ, ତାହାର ତଦାରଖ କରାଯିବ । ଯେପର୍ଯ୍ୟନ୍ତ ବ୍ୟକ୍ତିର ଚରିତ୍ରଗତ ବ୍ୟବହାରରେ ପରିବର୍ତ୍ତନ ନେଇ ପ୍ରମାଣ ନମିଳିଛି, ତାଙ୍କୁ ଚାକିରିରେ ସୁଯୋଗ ମିଳିବ ନାହିଁ । ନୂତନ ନିୟମରେ ଏହା ମଧ୍ୟ କୁହାଯାଇଛି ଯେ, କୌଣସି ବ୍ୟକ୍ତିଙ୍କୁ ତାଙ୍କର ରାଜନୈତିକ ଚିନ୍ତାଧାରା ଏବଂ ବିଚାରଧାରା ଆଧାରରେ ଅଯୋଗ୍ୟ କୁହାଯାଇ ପାରିବ ନାହିଁ । ବିରୋଧରେ ହିଂସା ଗତିବିଧି ଏବଂ ସଂଗଠନ ସହିତ ଜଡ଼ିତ ହେବାକୁ ପ୍ରମୁଖ ଭାବେ ଦେଖାଯିବ । ସରକାରୀ ଚାକିରିରେ ଚରିତ୍ର ଯାଂଚ ସହିତ ଜଡ଼ିତ ନୂଆ ନିୟମ ରାଜ୍ୟର ଭିନ୍ନ ଭିନ୍ନ ବିଭାଗ ସହିତ ପରିଷଦ, ନିଗମ, ବିଜ୍ଞାପିତ ଅଂଚଳ ପରିଷଦରେ ନିଯୁକ୍ତିକୁ ସାମିଲ କରାଯାଇଛି । ହତ୍ୟା, ଡକାୟତି, ଦୁଷ୍କର୍ମ, ମହିଳାଙ୍କ ସହିତ ଦୁର୍ବ୍ୟବହାର, ଆତଙ୍କବାଦୀ ଗତିବିଧି, ପ୍ରଶ୍ନପତ୍ର ପ୍ରଘଟ, ଦୁର୍ନୀତିକୁ ମଧ୍ୟ ଯୋଡ଼ା ଯାଇଛି । ଏହି କାର୍ଯ୍ୟଗୁଡ଼ିକ ସହିତ ଜଡ଼ିତ ପ୍ରାର୍ଥୀଙ୍କୁ ସରକାରୀ ଚାକିରି ମିଳିବ ନାହିଁ ।

ସିଇସିଙ୍କ ବିରୋଧରେ ଜନ ଅଭିଯୋଗ ସଭାରେ ଅଧ୍ୟକ୍ଷତା କରିବେ ମୀରା କୁମାର

ନୂଆଦିଲ୍ଲୀ, ୨୯/୧୦(ନ୍ୟୁ.ଏ): ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ରାଜନୈତିକ ଲଢ଼େଇକୁ ଆହୁରି ତୀବ୍ର କରିବାକୁ ଯାଉଛି ଇଣ୍ଡି ମେଂଟ । ମେଂଟ ଆସନ୍ତା ଅକ୍ଟୋବର ୩୦ ତାରିଖରେ ଦିଲ୍ଲୀରେ 'ଜନ ଅଭିଯୋଗ ସଭା'ର ଆୟୋଜନ କରିବାକୁ ଯାଉଥିବାବେଳେ ଏଥିରେ ଅଧ୍ୟକ୍ଷତା କରିବେ ପୂର୍ବତନ ଲୋକସଭା ବାଚସ୍ପତି ମୀରା କୁମାର । କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ସରକାରୀ ବାସଭବନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ରାଜ୍ୟସଭାରେ ବିରୋଧୀ ଦଳ ନେତା ଖଡ଼ଗେ ଜ୍ଞାନେଶ କୁମାରଙ୍କ ବିରୋଧରେ ପ୍ରସ୍ତାବ ଆଗତ କରିବେ । ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଆଲୋଚନାର ଶେଷରେ ନିଜର ମତ ରଖିବେ । ବିଭିନ୍ନ ବିରୋଧୀ ଦଳର ପ୍ରତିନିଧିଙ୍କ ସହ ସାମାଜିକ ସଂଗଠନର ସଦସ୍ୟମାନେ ମଧ୍ୟ ଏଥିରେ ଯୋଗଦେବେ । ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) ପ୍ରକ୍ରିୟାରେ ପ୍ରଭାବିତ ଲୋକମାନେ ନିଜ ଅନୁଭୂତି ଜଣାଇବେ । ପ୍ରଥମେ ଅଶୋକା ହୋଟେଲ ଓ ପରେ ରାମଲୀଳା ମୈଦାନରେ କାର୍ଯ୍ୟକ୍ରମ ପାଇଁ ଅନୁମତି ନମିଳିବାରୁ ଏହାକୁ ଖଡ଼ଗେଙ୍କ ବାସଭବନକୁ ସ୍ଥାନାନ୍ତର କରାଯାଇଛି ବୋଲି କଂଗ୍ରେସ କହିଛି । ତେବେ ନଭେମ୍ବର ୧ରେ ଦିଲ୍ଲୀରେ ଭୋଟ ଚୋରି ଅଭିଯୋଗ ଓ ଏସ୍‌ଆଇଆର ବିରୋଧରେ ବିରୋଧୀ ମେଂଟର ସମାବେଶ ହେବାକୁ ଯାଉଛି । ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତାକୁ ନେଇ ଏହି ଆନ୍ଦୋଳନ ଜାତୀୟ ରାଜନୀତିରେ ନୂଆ ଚର୍ଚ୍ଚା ସୃଷ୍ଟି କରିଛି ।

ଆତଙ୍କବାଦ ବିରୋଧୀ ସଂଗ୍ରାମରେ ଅଭିଜ୍ଞତା ବାଂଟିବାକୁ ଭାରତ ପ୍ରସ୍ତୁତ: ରାଜନାଥ ସିଂହ

ନୂଆଦିଲ୍ଲୀ, ୨୯/୧୦(ନ୍ୟୁ.ଏ): ଏସିଆନର ସଦସ୍ୟ ରାଷ୍ଟ୍ର ଓ ସେମାନଙ୍କର ଅଂଶୀଦାର ଦେଶଗୁଡ଼ିକୁ ଭାରତ ନିଜର ଆତଙ୍କବାଦ ବିରୋଧୀ ଅଭିଜ୍ଞତା ଓ କୌଶଳ ବାଂଟିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଫିଲିପାଇନ୍ସର ସେବୁ ଠାରେ

ଆୟୋଜିତ ଏସିଆନ୍ ପ୍ରତିରକ୍ଷା ମନ୍ତ୍ରୀ ସମ୍ମିଳନୀ ପ୍ଲସ୍ (ଏଡିଏମଏମ୍-ପ୍ଲସ୍) କୁ ସମ୍ବୋଧିତ କରି ସେ କହିଛନ୍ତି ଯେ, ମିଳିତ ସାମରିକ ଅଭ୍ୟାସ, କ୍ଷମତା ବୃଦ୍ଧି କାର୍ଯ୍ୟକ୍ରମ ଏବଂ ଗୁଇନ୍ଦା ତଥ୍ୟ ଆଦାନପ୍ରଦାନ ମାଧ୍ୟମରେ ଆତଙ୍କବାଦ ବିରୋଧୀ ମିଳିତ ଲଢ଼େଇକୁ ଆହୁରି ମଜବୁତ୍ କରାଯାଇପାରିବ । ଗତବର୍ଷ ଆରମ୍ଭ ହୋଇଥିବା ''ଅପରେସନ୍ ସିନ୍ଦୂର''ର ଉଦାହରଣ ଦେଇ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ, ଆତଙ୍କବାଦୀ ଭିତିଭୂମିର ବିନାଶ କରି ଭାରତ ପ୍ରାୟୋଜିତ ଆତଙ୍କବାଦ ବିରୋଧରେ ନିଜର ଦୃଢ଼ ଆଭିମୁଖ୍ୟ ସ୍ପଷ୍ଟ କରିସାରିଛି । ଦଶନ୍ଧି ଦଶନ୍ଧି ଧରି ସୀମାପାର ଆତଙ୍କବାଦର ମୁକାବିଲା କରି ଭାରତ ନିଜର ଆତଙ୍କବାଦ ବିରୋଧୀ କ୍ଷମତାକୁ ଅଧିକ ଶାଣିତ ଓ ଯୁଦ୍ଧ-ପରୀକ୍ଷିତ କରିପାରିଛି । ଏହାସହ ଇଣ୍ଡୋ-ପ୍ୟାସିଫିକ୍ (ଭାରତ-ପ୍ରଶାନ୍ତ ମହାସାଗରୀୟ) ଅଂଚଳରେ ଶାନ୍ତି, ସୁରକ୍ଷା ଓ ସ୍ଥିରତା ପାଇଁ ସମସ୍ତ ଦେଶର ମିଳିତ ପ୍ରୟାସ ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି । ସାମୁଦ୍ରିକ ବାଣିଜ୍ୟ ପଥ ପ୍ରତି ଥିବା ବିପଦକୁ ନେଇ ଚିନ୍ତା ପ୍ରକାଶ କରି ସେ କହିଛନ୍ତି ଯେ, କେବଳ ବକ୍ତବ୍ୟ ନୁହେଁ, ବରଂ ଜଳପଥ ସୁରକ୍ଷା ପାଇଁ ଆଗୋଟି ପ୍ରତ୍ୟକ୍ଷ ଓ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବା ଜରୁରୀ । ଭାରତ ମହାସାଗର ଓ ସମଗ୍ର ଇଣ୍ଡୋ-ପ୍ୟାସିଫିକ୍ ଅଂଚଳରେ ଭାରତ ସଦାସର୍ବଦା ଜଣେ ବିଶ୍ୱସନୀୟ ନେଟ୍ ସୁରକ୍ଷା ଦାତା ଭାବେ କାର୍ଯ୍ୟ ଜାରି ରଖିବ । ସାମୁଦ୍ରିକ ସୁରକ୍ଷା ଏବଂ ଅନ୍ତର୍ଜାତୀୟ ଆଇନ୍ ''ୟୁଏନ୍‌ସିଏଲ୍‌ଓଏସ୍'' ପ୍ରତି ଭାରତର ଅଙ୍ଗୀକାରବଦ୍ଧତା ଦୋହରାଇ ରାଜନାଥ କହିଛନ୍ତି ଯେ, ଜଳପଥରେ ଅବାଧ ଜାହାଜ ଚଳାଚଳ ଏବଂ ବିମାନ ଉଡ଼ାଣ ସ୍ୱାଧୀନତା ରହିବା ଆବଶ୍ୟକ । ଭାରତର ଏହି ନୀତି କୌଣସି ନିର୍ଦ୍ଦିଷ୍ଟ ଦେଶ ବିରୋଧରେ ନୁହେଁ, ବରଂ ଅଂଚଳିକ ସମସ୍ତ ଭାଗିଦାରୀଙ୍କ ମିଳିତ ସ୍ୱାର୍ଥ ରକ୍ଷା ପାଇଁ ଉଦ୍ଦିଷ୍ଟ । ଦକ୍ଷିଣ ଚୀନ୍ ସାଗରରେ ଚୀନର ବୃଦ୍ଧି ପାଉଥିବା ସାମରିକ ଗତିବିଧିକୁ ନେଇ ଏସିଆନ୍ ଦେଶଗୁଡ଼ିକ ମଧ୍ୟରେ ଚିନ୍ତା ବୃଦ୍ଧି ପାଇଥିବା ବେଳେ ପ୍ରତିରକ୍ଷା ମନ୍ତ୍ରୀଙ୍କ ଏହି ବକ୍ତବ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ ।

ପଶ୍ଚିମ ପ୍ରଶାନ୍ତ ମହାସାଗରରେ ଚୀନ୍‌ର ଶକ୍ତି ପ୍ରଦର୍ଶନ, ୫୦ରୁ ଅଧିକ ଜାହାଜ ମୁତୟନ

ବେଜିଂ/ତାଇପେଇ, ୨୯/୧୦(ନ୍ୟୁ.ଏ): ପଶ୍ଚିମ ପ୍ରଶାନ୍ତ ମହାସାଗରରେ ଚୀନ୍‌ର ବ୍ୟାପକ ନୌସାମରିକ ଗତିବିଧିକୁ ନେଇ ଏସିଆରେ ଉଦ୍‌ବେଗ ବଢ଼ିଛି । ଦକ୍ଷିଣ ଜାପାନଠାରୁ ତାଇୱାନ ଦେଇ ଫିଲିପାଇନ୍ସ ନିକଟବର୍ତ୍ତୀ ସମୁଦ୍ର ଅଂଚଳରେ ଚୀନ୍‌ର ୫୦ରୁ ଅଧିକ ଯୁଦ୍ଧଜାହାଜ ଓ ଅନ୍ୟ ସରକାରୀ ଜାହାଜ ଚଳାଚଳ କରୁଥିବା ତାଇୱାନର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି । ଏହାକୁ ନେଇ ତାଇୱାନ, ଜାପାନ ଓ ଫିଲିପାଇନ୍ସ ସତର୍କ ହୋଇପଡ଼ିଛନ୍ତି । ତାଇୱାନର ଜାତୀୟ ସୁରକ୍ଷା ପରିଷଦର ସଚିବ ଜୋସେଫ୍ ? ୱୁ ପ୍ରକାଶ କରିଥିବା ଏକ ମାନଚିତ୍ରରେ ମୋଟ ୫୩ଟି ଚୀନ୍ ଜାହାଜର ଅବସ୍ଥିତି ଦର୍ଶାଯାଇଛି । ସେଥିମଧ୍ୟରୁ ୩୪ଟି ଯୁଦ୍ଧଜାହାଜ ରହିଛି । ଏଥିରେ ଚୀନ୍ ?ର ବିମାନବାହୀ ଯୁଦ୍ଧଜାହାଜ 'ଲିଆଓନିଙ୍ଗ୍' ମଧ୍ୟ ସାମିଲ ଅଛି । ଏହି ଜାହାଜଗୁଡ଼ିକର ଗତିବିଧି ଉପରେ ତାଇୱାନ ନଜର ରଖିଛି ।ଜାପାନର ଦକ୍ଷିଣ ଉପକୂଳ ନିକଟରେ ଚୀନ୍‌ର ଯୁଦ୍ଧଜାହାଜ ଚଳାଚଳ କରୁଥିବା ଖବର ମଧ୍ୟ ଆସିଛି । ଅନ୍ୟପଟେ ଦକ୍ଷିଣ ଚୀନ୍ ସାଗରକୁ ନେଇ ଫିଲିପାଇନ୍ସ ସହ ଚୀନ୍‌ର ମତଭେଦ ବଢ଼ିଛି । ତାଇୱାନର ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଏଭଳି ସାମରିକ ଗତିବିଧି ଅଂଚଳିକ ଶାନ୍ତି ଓ ସ୍ଥିରତାକୁ ପ୍ରଭାବିତ କରିପାରେ । ତେବେ ଚୀନ୍‌ର ପ୍ରତିରକ୍ଷା ମନ୍ତ୍ରଣାଳୟ ପୂର୍ବରୁ କହିଥିଲା ଯେ 'ଲିଆଓନିଙ୍ଗ୍'ର ଅଭ୍ୟାସ ନିୟମିତ ସାମରିକ ପ୍ରଶିକ୍ଷଣର ଅଂଶ, ଏହା କୌଣସି ନିର୍ଦ୍ଦିଷ୍ଟ ଦେଶକୁ ଲକ୍ଷ୍ୟ କରି ହୋଇନାହିଁ । ତଥାପି ଏହି ଘଟଣା ଏସିଆ-ପ୍ରଶାନ୍ତ ଅଂଚଳରେ ସୁରକ୍ଷା ଚିନ୍ତାକୁ ଅଧିକ ତୀବ୍ର କରିଛି ।

ମଣିପୁରରେ ଥମୁନି ହିଂସା, କୁକି ଗଡ଼ରେ ବନ୍ଦୀ ଅଛନ୍ତି ୧୪୭ ନାଗା ନାଗରିକ

ନୂଆଦିଲ୍ଲୀ, ୨୯/୧୦(ନ୍ୟୁ.ଏ): ମଣିପୁରରେ ଜାତିଗତ ହିଂସା ଥମିବାର ନାଁ ନେଉନାହିଁ । ମେଇତେଇ-କୁକି ସଂଘର୍ଷ ପରେ ଏବେ ନାଗା ଓ କୁକି ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନା ସ୍ଥିତିକୁ ଆହୁରି ଜଟିଳ କରିଛି । କାଙ୍ଗପୋକପି ଜିଲ୍ଲାର କୋନସାଖୁଲ୍ ଗ୍ରାମରେ ୧୪୭ ଜଣ ନାଗା ନାଗରିକ ଗତ ପାଂଚ ମାସ ଧରି ଏକପ୍ରକାର ବନ୍ଦୀ ଜୀବନ ବିତାଉଛନ୍ତି । ଗାଁରୁ ବାହାରିବା ପାଇଁ ଥିବା ଏକମାତ୍ର ରାସ୍ତା କୁକି ବହୁଳ ଅଂଚଳ ଦେଇ ଯାଇଥିବାରୁ ଆକ୍ରମଣ ଓ ଅପହରଣ ଭୟରେ ସେମାନେ ବାହାରକୁ ଯାଇପାରୁନାହାନ୍ତି । ଗତ ମେ' ୧୩ ତାରିଖରେ ଏହି ଗ୍ରାମର ୨୦ ଜଣ ନାଗା ନାଗରିକଙ୍କୁ ନିକଟସ୍ଥ ଲୋଇଲନ୍ ଭାଇଫେଇ ଗ୍ରାମର କିଛି କୁକି ଗ୍ରାମବାସୀ ଅପହରଣ କରି ଉଗ୍ରପନ୍ଥୀଙ୍କ ହାତରେ ଦେଇଥିବା ଅଭିଯୋଗ ହୋଇଥିଲା । ଏହା ପରେ ଜୁନ୍ ୧୦ ତାରିଖରେ ସୁରକ୍ଷା ବାହିନୀ ୬ ଜଣ ନାଗା ଯୁବକଙ୍କ ମୃତଦେହ ଉଦ୍ଧାର କରିଥିଲେ । ଏହି ଘଟଣା ପରଠାରୁ ଅଂଚଳରେ ଉତ୍ତେଜନା ବଢ଼ିଛି । ଗ୍ରାମରେ ଥିବା ୭୬ଟି ପରିବାର ମଧ୍ୟରୁ ଅନେକ ପରିବାର ସୁରକ୍ଷିତ ସ୍ଥାନକୁ ଚାଲିଯାଇଛନ୍ତି । ତେବେ ଜମି ଜବରଦଖଲ ଭୟରେ ପ୍ରାୟ ୪୬ଟି ପରିବାରର ୧୪୭ ଜଣ ଗ୍ରାମରେ ରହିବାକୁ ନିଷ୍ପତ୍ତି ନେଇଛନ୍ତି । ଗ୍ରାମବାସୀଙ୍କୁ ଖାଦ୍ୟ, ଔଷଧ ଓ ଅନ୍ୟ ଜରୁରୀ ସାମଗ୍ରୀ ପହଂଚାଇବା ପାଇଁ ସିଆରପିଏଫ୍ ଯବାନ ନିୟୋଜିତ ହୋଇଛନ୍ତି । ସୁରକ୍ଷା ବାହିନୀର ବୁଲେଟପ୍ରୁଫ୍ ଗାଡ଼ି ଓ କ୍ୱିକ୍ ରେସ୍ପୋନ୍ସ ଟିମ୍ ?ର ସୁରକ୍ଷା ମଧ୍ୟରେ ଗ୍ରାମବାସୀଙ୍କୁ ହସ୍ପିଟାଲ କିମ୍ବା ବିମାନବନ୍ଦରକୁ ଯିବାକୁ ପଡୁଛି । ଅନ୍ୟପଟେ, କୁକି ସଂଗଠନଗୁଡ଼ିକ ସୁରକ୍ଷା ବାହିନୀ ଉପରେ ପକ୍ଷପାତିତାର ଅଭିଯୋଗ ଆଣିଛନ୍ତି । ସୂଚନା ଅନୁଯାୟୀ, ନାଗା-କୁକି ସଂଘର୍ଷରେ ଏପର୍ଯ୍ୟନ୍ତ ୬୨ ଜଣଙ୍କ ମୃତ୍ୟୁ ହୋଇଛି । ୨୦୨୩ ମେ'ରୁ ମଣିପୁରରେ ଆରମ୍ଭ ହୋଇଥିବା ଜାତିଗତ ହିଂସାରେ ୩୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିବା ବେଳେ ୬୦ ହଜାରରୁ ଅଧିକ ଲୋକ ବିସ୍ଥାପିତ ହୋଇଛନ୍ତି ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com

ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das